READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୫ | ସଂଖ୍ୟା-୩୮ | ୦୪ - ୧୦ ଅକ୍ଟୋବର, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-38 | 04th - 10th OCTOBER, 2021 | BHUBANESWAR | ₹ 5/- (8 Pages)

### ପଞ୍ଚାୟତ ନିର୍ବାଚନ ପାଇଁ ଗାଇଡ୍‌ଲାଇନ୍

## ଚଳିତ ମାସରେ ସରିବ ସଂରକ୍ଷଣ ପ୍ରକ୍ରିୟା

**ଭୁବନେଶ୍ୱର :** ପଞ୍ଚାୟତ ନିର୍ବାଚନ ପାଇଁ ସରକାରୀ ସ୍ତରରେ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ପୂର୍ବରୁ ସଂରକ୍ଷଣକୁ ନେଇ ରହିଥିବା ବିବାଦର ସମାଧାନ ପାଇଁ ଅଣ୍ଟା ଭିଡିଛନ୍ତି ରାଜ୍ୟ ସରକାର। ଏଥିରେ ଜିଲ୍ଲାପାଳ ମାନଙ୍କର ମୁଖ୍ୟ ଭୂମିକା ରହିଛି। ଏଣୁ ସଂରକ୍ଷଣ ଅଡୁଆ ତୁଟାଇବା ପାଇଁ ଆଇନ ସଂଶୋଧନ କଲା ପରେ ଏବେ ଜିଲ୍ଲା ସ୍ତରରେ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ କରାଯିବ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସଂରକ୍ଷଣ ପାଇଁ ଆବଶ୍ୟକ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏ ସଂକ୍ରାନ୍ତରେ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଜିଲ୍ଲାପାଳମାନଙ୍କ ତତ୍ତ୍ୱାବଧାନରେ ୱାର୍ଡ, ଗ୍ରାମପଞ୍ଚାୟତ, ପଞ୍ଚାୟତ




ସମିତିରେ ଆସନ ସଂରକ୍ଷଣ କରାଯିବ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସିଧାସଳଖ ଜିଲ୍ଲା ପରିଷଦ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥା କରାଯିବ। ଜିଲ୍ଲାପାଳମାନେ ରିପୋର୍ଟ ଦେଲା ପରେ ପଞ୍ଚାୟତିରାଜ ବିଭାଗ ସଂରକ୍ଷଣ ସଂକ୍ରାନ୍ତରେ ଚୂଡ଼ାନ୍ତ ରିପୋର୍ଟ ନିର୍ବାଚନ କମିସନ୍‌ଙ୍କ ନିକଟରେ ଦାଖଲ କରିବେ। ତାହା ପରେ ନିର୍ବାଚନ କମିସନ୍ ଭୋଟର୍ ତାଲିକା ସଂଶୋଧନ କରିବା ପାଇଁ ପଦକ୍ଷେପ ନେବେ। ଭୋଟର୍ ତାଲିକା ଚୂଡ଼ାନ୍ତ ହେଲା ପରେ କମିସନ୍ ଯେ କୌଣସି ମୂହୁର୍ତ୍ତରେ ନିର୍ବାଚନ ତାରିଖ ଘୋଷଣା କରିବେ। ଏଥର ପଞ୍ଚାୟତ ନିର୍ବାଚନରେ ସୀମା ପୁନଃନିର୍ଦ୍ଧାରଣ ହେବ ନାହିଁ ବୋଲି ସରକାର ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ୍ ଅନୁଯାୟୀ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଓ ପଛୁଆ ବର୍ଗ ନାଗରିକ(ବିସିସି)ଙ୍କ ପାଇଁ ମୋଟ୍ ସଂରକ୍ଷଣ ୫୦% ଭିତରେ ସୀମିତ ରହିବ। ବିସିସି ପାଇଁ ସଂରକ୍ଷଣ ନିର୍ଦ୍ଦିଷ୍ଟ ନ ଥିବାରୁ ଏହା ପଞ୍ଚାୟତ ଓ ବ୍ଲକ୍ ୱାରି ଭିନ୍ନ ଭିନ୍ନ ରହିପାରେ। କିନ୍ତୁ କୌଣସି ପରିସ୍ଥିତିରେ ୨୭%ରୁ ଅଧିକ ହେବ ନାହିଁ। ସେହିପରି ସବୁ ବର୍ଗ ପାଇଁ ସଂରକ୍ଷଣ ସରିଲା ପରେ ତାହାର ୫୦% ମହିଳାଙ୍କ ପାଇଁ ସଂରକ୍ଷଣ ରହିବ। ଗ୍ରାମ/ ଗ୍ରାମପଞ୍ଚାୟତ/ ବ୍ଲକ୍/ ଜିଲ୍ଲାରେ ଏସ୍‌ସି ଓ ଏସ୍‌ଟି ଲୋକସଂଖ୍ୟାକୁ(୨୦୧୧ ଜନଗଣନା ଅନୁଯାୟୀ) ଭିତ୍ତି କରି ସେମାନଙ୍କ ପାଇଁ ଆସନ ସଂରକ୍ଷଣ କରାଯିବ। ଯଦି କୌଣସି ଗ୍ରାମ / ଗ୍ରାମପଞ୍ଚାୟତ / ବ୍ଲକ୍/ ଜିଲ୍ଲାରେ ଏସ୍‌ସି ଓ ଏସ୍‌ଟିଙ୍କ ପାଇଁ ଆସନ ସଂରକ୍ଷଣ ନିମନ୍ତେ ସେମାନଙ୍କ ଲୋକସଂଖ୍ୟା ଯଥେଷ୍ଟ ନୁହେଁ, ତେବେ ସେଠାରେ ଅତି କମ୍‌ରେ ଗୋଟିଏ ଆସନ ଏସ୍‌ସି ଓ ଗୋଟିଏ ଆସନ ଏସ୍‌ଟି ପାଇଁ ସଂରକ୍ଷିତ ରଖାଯିବା ବାଧ୍ୟତାମୂଳକ। ସେହିପରି ସଂରକ୍ଷଣ ବେଳେ ଗତ ୪ଟି ନିର୍ବାଚନର ସଂରକ୍ଷଣ ବ୍ୟବସ୍ଥାକୁ ➤ ପୃ-୬

## ବାଣ ବିକ୍ରି ଓ ଫୁଟାଇବା ମନା

**ଭୁବନେଶ୍ୱର :** କରୋନା ସଂକ୍ରମଣ ମାମଲା ରାଜ୍ୟରେ ହ୍ରାସ ପାଉଥିଲେ ମଧ୍ୟ ରାଜ୍ୟ ସରକାର ପୁଣିଥରେ କଟକ ଓ ଭୁବନେଶ୍ୱରରେ ରାତି ୮ଟାରୁ ନାଇଟ୍ କର୍ଫ୍ୟୁ ଜାରି କରିଛନ୍ତି। ସମଗ୍ର ରାଜ୍ୟର ସହରାଞ୍ଚଳରେ ନାଇଟ୍ କର୍ଫ୍ୟୁ ଆସନ୍ତା ନଭେମ୍ବର ୧ତାରିଖ ପର୍ଯ୍ୟନ୍ତ ରାତି ୧୦ରୁ ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିଥିବାବେଳେ କେବଳ ଟୁଇନ୍ ସିଟିରେ ଅକ୍ଟୋବର ୧୧ରୁ ୨୦ତାରିଖ ପର୍ଯ୍ୟନ୍ତ ରାତି ୮ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଲାଗୁ ହେବ। ଏହାସହିତ ପାର୍ବଣ ମାସରେ ରାଜ୍ୟ ତମାମ ବାଣ ବିକ୍ରି ଓ ଫୁଟାଇବା ଉପରେ କଟକଣା ଜାରି ହୋଇଛି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଅକ୍ଟୋବର ମାସ ପାଇଁ କୋଭିଡ୍ ଗାଇଡଲାଇନ୍ ଜାରି କହିଛନ୍ତି ଯେ, ଧାର୍ମିକ ସମାରୋହ ପାଳନରେ କଟକଣା ରହିନଥିବାରୁ ଲୋକ ଏକଜୁଟ ହେଉଛନ୍ତି ଓ ତାହା ଦେଶର କେତେକ ସ୍ଥାନରେ ସଂକ୍ରମଣ ହାରକୁ ବୃଦ୍ଧି କରୁଛି। ଏହାକୁ ଦୃଷ୍ଟିରେ ରଖି




ରାଜ୍ୟର ଲୋକଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ସରକାର ଚଳିତ ପୂଜା ଓ ପାର୍ବଣରେ କେତେକ କଟକଣା ଜାରି କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଧ୍ୟ ପୂଜାରେ ଲୋକଙ୍କ ଏକଜୁଟ ଯୋଗୁ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା କରି ଗାଇଡଲାଇନ୍ ଜାରି କରିଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଜି ନଭେମ୍ବର ୧ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ନୂଆ କୋଭିଡ୍ କଟକଣା ଜାରି କରିଛନ୍ତି। ➤ ପୃ-୬

### ସ୍ୱଚ୍ଛ ଭାରତ ମିଶନ ୨.୦ ଆରମ୍ଭ

## ହଟିବ ଅଳିଆର ପାହାଡ଼ : ମୋଦି

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦୁଇଟି ମେଗା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସ୍ୱଚ୍ଛ ଭାରତ ମିଶନ ସହର ୨.୦ ଓ ଅମୃତ ୨.୦ କାର୍ଯ୍ୟକ୍ରମ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ଏହା ବିଆର ଆମ୍ବେଦକରଙ୍କ ସ୍ୱପ୍ନକୁ ପୂରଣ କରିବା ଦିଗରେ ବଡ଼ ପଦକ୍ଷେପ ବୋଲି ମୋଦି କହିଛନ୍ତି। ସହରକୁ ଆବର୍ଜନା ମୁକ୍ତ ଓ ସୁରକ୍ଷିତ ପାନୀୟ ଜଳ ଯୋଗାଣରେ ଏହି ଦୁଇ କାର୍ଯ୍ୟକ୍ରମ ସହାୟକ ହେବ ବୋଲି କୁହାଯାଉଛି। ଦିଲ୍ଲୀରେ ଥିବା ଆମ୍ବେଦକର



ଅନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋଦି ଏହି ଫ୍ଲାଗଶିପ ମିଶନର ଶୁଭାରମ୍ଭ କରିଛନ୍ତି। ମୋଦି କହିଛନ୍ତି, ସ୍ୱଚ୍ଛ ଭାରତ ମିଶନ ୨.୦ର ମୂଳ ଲକ୍ଷ୍ୟ ହେଲା ସହରକୁ ଆବର୍ଜନା ମୁକ୍ତ ରଖିବା। ସହରରେ ଥିବା ଅଳିଆର ପାହାଡ଼ ସ୍ୱଚ୍ଛ ଭାରତ ମିଶନ ଜରିଆରେ ହଟିବ ବୋଲି ସେ କହିଛନ୍ତି। ମୋଦି କହିଛନ୍ତି, "ସହରକୁ ଅଳିଆ ମୁକ୍ତ ରଖିବା ପାଇଁ ସ୍ୱଚ୍ଛ ଭାରତ ମିଶନ ୨.୦ ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆମେ ସ୍ୱରେଜ ଓ ସୁରକ୍ଷା ମ୍ୟାନେଜମେଣ୍ଟ ସହ ସହରର ଜଳକୁ ସଂରକ୍ଷିତ କରିବାକୁ ଲକ୍ଷ୍ୟ ରଖିଛୁ। ଏଥିସହ ଡ୍ରେନର ଅଳିଆ ପାଣି ଯେମିତି ନଦୀରେ ନ ମିଶିବ, ତା' ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ➤ ପୃ-୬

## ରାଜ୍ୟରେ ୯% ନିଅଣ୍ଟିଆ ବର୍ଷା

**ଭୁବନେଶ୍ୱର :** ଆସନ୍ତା ୬ ତାରିଖରୁ ଉତ୍ତର ପଶ୍ଚିମ ଭାରତରୁ ଦକ୍ଷିଣ ପଶ୍ଚିମ ମୌସୁମି ବାୟୁ ଅପସାରଣ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ପାଗ ଅନୁକୂଳ ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ବିଳମ୍ବରେ ଉତ୍ତର ପଶ୍ଚିମ ଭାରତରୁ ମୌସୁମି ଫେରୁଥିବାରୁ ଓଡ଼ିଶାରୁ ମୌସୁମି ଅପସାରଣ ସାମାନ୍ୟ ବିଳମ୍ବ ହୋଇପାରେ। ମାସର ତୃତୀୟ କିମ୍ବା ଚତୁର୍ଥ ସପ୍ତାହ ବେଳକୁ ମୌସୁମି ସମ୍ପୂର୍ଣ୍ଣ ଫେରିଯିବ। ସାଧାରଣତଃ ସେପ୍ଟେମ୍ବର ପହିଲାରୁ ଉତ୍ତର ପଶ୍ଚିମ ଭାରତର ପଞ୍ଜାବ ଓ ରାଜସ୍ଥାନ ଅଞ୍ଚଳରୁ ମୌସୁମି ଫେରିବା ପ୍ରକ୍ରିୟା ଆରମ୍ଭ ହୁଏ। ଓଡ଼ିଶାରୁ ମୌସୁମି



ଫେରିବାକୁ ୪୫ଦିନ ସମୟ ଲାଗିଥାଏ। ଚଳିତ ବର୍ଷ ପାଣିପାଗ ବିଭାଗ ଆକଳନ କରିଥିଲା ଯେ, ରାଜ୍ୟରେ ସ୍ୱାଭାବିକ ବର୍ଷା ହେବ; କିନ୍ତୁ ୯ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ଜୁନ୍, ଜୁଲାଇ ଏବଂ ଅଗଷ୍ଟରେ ସ୍ୱାଭାବିକରୁ କମ ଏବଂ ସେପ୍ଟେମ୍ବରରେ ଅଧିକ ବର୍ଷିଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ତଥ୍ୟ କହୁଛି ସେପ୍ଟେମ୍ବରରେ ହୋଇଥିବା ବର୍ଷା ରାଜ୍ୟରେ ଚତୁର୍ଥ ସର୍ବାଧିକ। ଏହି ମାସରେ ସ୍ୱାଭାବିକ ବର୍ଷା ୨୨୬.୬ ମିମି ସ୍ଥଳେ ୩୮୪.୮ ମିମି ବର୍ଷିଛି। ଯାହା ୭୦ ପ୍ରତିଶତ ଅଧିକ। ୨୦୦୭ ସେପ୍ଟେମ୍ବରରେ ୪୦୧.୭ ମିମି, ୧୯୬୧ରେ ୪୮୩.୨ମିମି ଏବଂ ୧୯୪୫ରେ ୪୦୫.୯ ମିମି ବର୍ଷା ରେକର୍ଡ କରାଯାଇଥିଲା। ଜୁନ୍ ପହିଲାରୁ ସେପ୍ଟେମ୍ବର ୩୦ ସୁଦ୍ଧା ସ୍ୱାଭାବିକ ବର୍ଷା ୧୧୫୫.୩ ମିମି ହେବାକୁ ଥିବାବେଳେ ୧୦୪୬ ମିମି ହୋଇଛି। ➤ ପୃ-୬

### ବକ୍ରବାଣୀ



ଏକୋଇଶ୍ ବର୍ଷ ଶାସନ କରି
ମଲା ଲୋକଟାର ଫଟୋକୁ ଧରି
ସିମ୍ପାଥୀ ଭୋଅଟ ହାତେଇବାକୁ
ଠିଆ କରେଇଲେ ଭେଣ୍ଡା ପୁଅକୁ
ଡିଣ୍ଡିମ ପିଟିଲେ ବୁଲି ବୁଲିକି
ତେଣିକି ବିକାଶ ଯାଉ ଚୁଲିକି
ମନ ଜିଣିବାକୁ ଗପିଲେ ସବୁ
ପିପିଲିକୁ ସ୍ୱର୍ଗ ବନେଇ ଦବୁ
କାଲି ଯାଏଁ ଥିଲା ସବୁ ମୁକୁଳା
ଏବେଠୁ ଆରମ୍ଭ କରୋନା ଲୀଳା।

—— ଟୁଟୁ

### ପଡୋଶୀ ରାଜ୍ୟ ଝାଡଖଣ୍ଡ ଓ ଆନ୍ଧ୍ରରେ ଓଡ଼ିଆ ଭାଷାକୁ ଚରମ ଅବହେଳା; ତେଜିଲା ପ୍ରତିବାଦର ସ୍ୱର

## ଦୁଇ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲେ ଧର୍ମେନ୍ଦ୍ର


**ନୂଆଦିଲ୍ଲୀ/ଭୁବନେଶ୍ୱର :** ଭୁବନେଶ୍ୱର: ଓଡ଼ିଆ ଭାଷାର ସୁରକ୍ଷା ନେଇ ଝାଡଖଣ୍ଡ ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର। ଉଭୟଙ୍କୁ ପତ୍ର ଲେଖିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ହେମନ୍ତ ସୋରେନ ଓ ଜଗମୋହନ ରେଡ୍ଡୀଙ୍କ ହସ୍ତକ୍ଷେପ ଲୋଡିଲେ ଧର୍ମେନ୍ଦ୍ର ପ୍ରଧାନ। ଦୁଇ ରାଜ୍ୟରେ ଓଡ଼ିଆ ଭାଷାର ଗୁରୁତ୍ୱ ନେଇ ଅବଗତ କରାଇଲେ। ଓଡିଆ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ପଢାରେ ବ୍ୟାଘାତ ନେଇ ସେ ଉଦବେଗ ପ୍ରକାଶ କରିଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଝାଡଖଣ୍ଡ ରାଜ୍ୟ ଗଠନ ହେବା ପରେ ଏହା ସୁନିଶ୍ଚିତ କରାଯାଇଥିଲା ଯେ ଓଡ଼ିଆ ଭାଷାଭାଷୀ କହୁଥିବା ଲୋକଙ୍କ ଅଧିକାରକୁ ସୁରକ୍ଷା ଦିଆଯିବ। ବହୁ ସଂଗ୍ରାମ ପରେ ୨୦୧୧ ସେପ୍ଟେମ୍ବର ୧ରେ ଝାରଖଣ୍ଡ ସରକାର ଅନ୍ୟ ୫ଟି ଆଞ୍ଚଳିକ ଭାଷା ସହ



ଓଡ଼ିଆ ଭାଷାକୁ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷା ଭାବେ ମାନ୍ୟତା ଦେଇଥିଲେ। ସେହିପରି ରାଞ୍ଚି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗ ରହିଛି ଏବଂ ସ୍ନାତକ, ସ୍ନାତକତୋର ପାଠ୍ୟକ୍ରମ ରହିଛି। ଏହାସହ ଝାଡଖଣ୍ଡ ଲୋକସେବା ଆୟୋଗ ଏବଂ ଷ୍ଟାଫ୍ ସିଲେକ୍ସନ କମିସନରେ ଓଡ଼ିଆକୁ ଏକ ଇଚ୍ଛାଧୀନ ବିଷୟ ଭାବରେ ଗ୍ରହଣ କରାଯାଇଛି। ଝାଡଖଣ୍ଡର ସୀମାବର୍ତ୍ତୀ ଜିଲ୍ଲାରେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ପ୍ରଶଂସା କରି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଅନେକ ଗୁଡ଼ିକ ବିବାଦ ଯୋଗୁଁ ଏହି ସବୁ ସ୍କୁଲ ବନ୍ଦ ହେବାରେ ଲାଗିଛି। ଓଡ଼ିଆ ମାଧ୍ୟମ ସ୍କୁଲରେ ଶିକ୍ଷକମାନେ ଅବସର ନେବା ପରେ ରାଜ୍ୟ ଶିକ୍ଷା ବିଭାଗ ଓଡ଼ିଆ ମାଧ୍ୟମ ସ୍କୁଲ ଗୁଡ଼ିକରେ ହିନ୍ଦି ଭାଷାଭାଷୀ ଶିକ୍ଷକଙ୍କୁ ନିଯୁକ୍ତି ଦେଉଅଛି। ଏନସିଇଆରଟି ସର୍କୁଲାର୍ ଫ୍ରେମ୍ ୱାର୍କ ଆଧାରରେ ଓଡ଼ିଆ ପୁସ୍ତକ ପ୍ରକାଶନ କରିବା ପାଇଁ ଝାଡଖଣ୍ଡ ରାଜ୍ୟ ପ୍ରାଧିକରଣକୁ ଏନସିଇଆରଟି ➤ ପୃ-୬

## ପ୍ରାଥମିକ ଶିକ୍ଷକଙ୍କ ତାଲିମ ପାଠ୍ୟକ୍ରମରେ ଓଡ଼ିଆ ସାମିଲ ହେଉ : ସମୀର

**ଭୁବନେଶ୍ୱର :** ଓଡ଼ିଶାର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ପାଇଁ ଆନ୍ଦୋଳନ, ପ୍ରତିବାଦ ଓ ଧାରଣା ଚାଲିଥିବା ବେଳେ ଚୁପ୍ ବସିଥିଲେ ରାଜ୍ୟ ସରକାର। ଦୁଇ ଦିନ ପରେ ହଠାତ୍ ଚେଇଁ ଉଠିଛନ୍ତି ସରକାର। ଆଉ ଓଡ଼ିଆ ଭାଷାରେ ଶିକ୍ଷାଦାନ ବାତିଲ ପ୍ରସଙ୍ଗରେ ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ରାଜ୍ୟ ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ ସମୀର ଦାଶ। ଝାଡ଼ଖଣ୍ଡ ପ୍ରାଥମିକ ଶିକ୍ଷକଙ୍କ ତାଲିମ ପାଠ୍ୟକ୍ରମରେ ଓଡ଼ିଆ ରଖିବାକୁ ଅନୁରୋଧ କରିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଚିଠିରେ ଲେଖିଛନ୍ତି-"ଓଡ଼ିଆ ଭାଷାକୁ ଝାଡ଼ଖଣ୍ଡରେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇ ନାହିଁ। ଝାଡ଼ଖଣ୍ଡରେ ଓଡ଼ିଆ ଭାଷାକୁ ଦ୍ୱିତୀୟ ଭାଷାର ମାନ୍ୟତା ଦିଆଯାଇଛି। ସେପ୍ଟେମ୍ବର ୨୦ ତାରିଖରେ ଝାଡ଼ଖଣ୍ଡ ସରକାର ଶିକ୍ଷକ ତାଲିମ ନୋଟିଫିକେସନ କରିଥିଲେ। ଶିକ୍ଷକଙ୍କ ତାଲିମ ନୋଟିଫିକେସନରେ ଓଡ଼ିଆ ଶିକ୍ଷକଙ୍କ ବିଷୟରେ



କିଛି ନଥିଲା। ଉତ୍କଳ ସମ୍ମିଳନୀ ମାଧ୍ୟମରେ ଆମେ ପଡୋଶୀ ରାଜ୍ୟକୁ ୧୬୦ ଶିକ୍ଷକ ଦେଇଛୁ। ପ୍ରତିବର୍ଷ ପଡୋଶୀ ରାଜ୍ୟକୁ ଓଡ଼ିଆ ପାଠ୍ୟକ୍ରମର ବହି ମଧ୍ୟ ପଠାଉଛୁ। ଦୀର୍ଘଦିନ ଧରି ପଡୋଶୀ ରାଜ୍ୟଙ୍କ ସହ ଆମର ସୁମ୍ପର୍କ ଅଛି।" ସୂଚନାରୁ ପ୍ରକାଶ, ୨୦୧୧ ସେପ୍ଟେମ୍ବର ୧ ତାରିଖରେ ➤ ପୃ-୬




CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India
THE BANKER TO EVERY INDIAN
Bhubaneswar Municipal Corporation
Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

## ୯ ପ୍ରକଳ୍ପକୁ ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ

**ଭୁବନେଶ୍ୱର :** ରାଜ୍ୟରେ ୧୪୧୧.୫୮କୋଟି ଟଙ୍କାର ୯ଟି ଶିଳ୍ପ ପ୍ରକଳ୍ପକୁ ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ ମିଳିଛି। ଏହି ପୁଞ୍ଜିନିବେଶ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୨୮୪୬ ଜଣଙ୍କୁ ଅତିରିକ୍ତ ନିଯୁକ୍ତି ସୁଯୋଗ ମିଳିପାରିବ। ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ ପ୍ରାଧିକରଣରେ ଏହି ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ମିଳିଛି। ବିଶେଷକରି ଫୁଡ୍ ପ୍ରୋସେସିଂ, ଇସ୍ପାତ ଡାଉନଷ୍ଟ୍ରିମ, ସାର, ନିର୍ମାଣ ଓ ହସ୍ପିଟାଲିଟି କ୍ଷେତ୍ରରେ ଏହି ନିବେଶ ହେବ। ଆଜି ସିଙ୍ଗଲଓ୍ୱିଣ୍ଡୋ ପ୍ରାଧିକରଣ ଏସବୁ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିବା ସହ ଏହା ରାଜ୍ୟର ଅର୍ଥନୀତିକ ଗତିବିଧିକୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏସବୁ ପ୍ରକଳ୍ପଗୁଡ଼ିକ ଶୀଘ୍ର କାର୍ଯ୍ୟକ୍ଷମ ହେବା ପାଇଁ ସେମାନଙ୍କୁ ଆବଶ୍ୟକ




ପରିମାଣର ଜମି ଓ ଜଳ ଯୋଗାଇ ଦେବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସିଙ୍ଗଇଓ୍ୱିଣ୍ଡୋ ମଞ୍ଜୁରୀ ପାଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ବାୟୋ ଡବ୍ଲ୍ୟୁଏମଏସ୍ ପ୍ରାଃ ଲିଃ ଦ୍ୱାରା ୩୧୯.୨୫କୋଟି ଟଙ୍କା ବ୍ୟୟରେ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼ ଓ ଅନୁଗୁଳରେ ବାୟୋମାସ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଏଥିରେ ୧୨୫୦ଜଣ ଲୋକଙ୍କୁ କର୍ମସଂସ୍ଥାନ ମିଳିବ। ଟିପିଏସ୍ ବ୍ରିଓ୍ୱେରିଜ୍ ଆଣ୍ଡ ଡିଷ୍ଟିଲାରିସ୍ ପ୍ରାଃ ଲିଃ ଦ୍ୱାରା କଳାହାଣ୍ଡିର ଜୁନାଗଡ଼ଠାରେ ୨୩୫କୋଟି ଟଙ୍କା ବ୍ୟୟରେ ଇଥନଲ୍ ଉତ୍ପାଦନକାରୀ ୟୁନିଟ୍ ସ୍ଥାପନ ହେବ। ଏଥିରେ ୨୦୦ଲୋକଙ୍କୁ ନିଯୁକ୍ତି ➤ ପୃ-୬

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ଦାଶରଥି ସାହୁ (ସଠିଆ)
(ପୂର୍ବ ବନପାଳ)
ଆବିର୍ଭାବ : ୨୦.୦୧.୧୯୬୩ / ତିରୋଧାନ : ୧୯.୧୦.୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକ ସନ୍ତପ୍ତ : ଶୁଭଲକ୍ଷ୍ମୀ ସାହୁ, ସଦାଶିବ ସାହୁ, ସଦାନନ୍ଦ ସାହୁ
ମାଇନିଂ କଲୋନୀ (ୱାର୍ଡ ନଂ.-୩), ବାରିପଦା, ମୟୂରଭଞ୍ଜ

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଉତ୍ତମ ରହିବ। କାର୍ଯ୍ୟ କ୍ଷେତ୍ରରେ ପଦୋନ୍ନତି ହୋଇପାରେ। ସପ୍ତାହର ପ୍ରଥମାର୍ଦ୍ଧରେ ଅର୍ଥପ୍ରାପ୍ତିର ସମ୍ଭାବନା ଅଛି। ମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ସରକାରୀ ବା ବେସରକାରୀ ସଂସ୍ଥା ଦ୍ୱାରା ସମ୍ମାନିତ ହୋଇପାରନ୍ତି। ଉଚ୍ଚଶିକ୍ଷାର ସଂଯୋଗ ଅଛି।

**ବୃଷ** କାର୍ଯ୍ୟକ୍ଷେତ୍ରରେ ସ୍ଥାନାନ୍ତର ଯୋଗଅଛି। ନିଜ ବୃଦ୍ଧି ବଳରେ ଲାଭାବାନ ହେବେ। ସମ୍ପତ୍ତି ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ଅଟକିଥିବା କାର୍ଯ୍ୟ ପୁଣି ଚାଲିବ। ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବ। ରାଜନୀତି କ୍ଷେତ୍ରରେ ଅଗ୍ରଗତି କରିପାରନ୍ତି।

**ମିଥୁନ** ଆର୍ଥିକ ମାମଲାରେ, ଆଖି ବନ୍ଦ କରି କାହାକୁ ବିଶ୍ୱାସ କରନ୍ତୁ ନାହିଁ। କ୍ଷତିରେ ପଡିବେ। ବ୍ୟବସାୟୀମାନଙ୍କ ପାଇଁ ଏ ସପ୍ତାହ ଅନୁକୂଳ। ଛାତ୍ରମାନେ ଯୋଜନାବଦ୍ଧ ଭାବରେ ପ୍ରସ୍ତୁତ ହେଲେ ସୁଫଳ ମିଳିବ।

**କର୍କଟ** ନୂଆ ଅତିଥି ଘରକୁ ଆସିପାରନ୍ତି। କାର୍ଯ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ଶିକ୍ଷା କ୍ଷେତ୍ରରେ ଛାତ୍ରମାନଙ୍କ ମନ ଅସ୍ଥିର ରହିବ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଶ୍ୱଶୁର ଘର ଲୋକଙ୍କ ସହିତ ସମ୍ପର୍କ ସୁଦୃଢ଼ ହେବ।

**ସିଂହ** ବ୍ୟବସାୟରେ ବିନିଯୋଗ ପୂର୍ବରୁ ପରୀକ୍ଷା ନିରୀକ୍ଷା କରନ୍ତୁ। ପୁରୁଣା ସମ୍ପତ୍ତି ପ୍ରାପ୍ତି ହୋଇପାରେ। ପୂର୍ବ ପ୍ରତିକ୍ଷୀତ କୌଣସି କାର୍ଯ୍ୟ ହାତକୁ ନେବେ। ପରିବାର ସମୟ ଦେଇ ନପାରି, କଳହ କରିପାରନ୍ତି।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବ। ଧ୍ୟାନ ଦିଅନ୍ତୁ। ଧନ ଲାଭର ଯୋଗ ଅଛି। ଅତିଥିଙ୍କ ଆଗମନରେ ପରିବାରରେ ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବେ।

**ତୁଳା** ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ଧନଲାଭ ହେବ କିନ୍ତୁ ମନୋରଞ୍ଜନ ପାଇଁ ଅଧିକ ବ୍ୟୟ କରିପାରନ୍ତି। ପରିବାରରେ କଳହ ହୋଇପାରେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଛାତ୍ରମାନେ ସଫଳ ହେବେ।

**ବିଛା** ଶରୀର ଅସୁସ୍ଥ ରହିବ। ବିଶ୍ୱସ୍ତ ଲୋକଠାରୁ ଅନୁକୂଳ ଫଳ ମିଳିବ ନାହିଁ। କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଛାତ୍ରମାନଙ୍କ ବହୁତ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ କଳହ ଦେଖାଦେବ।

**ଧନୁ** ଦୀର୍ଘଦିନର ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଭବିଷ୍ୟତ ପାଇଁ ସଞ୍ଚୟରେ ମନଦେବେ। ବାହାର ଲୋକଙ୍କ ହସ୍ତକ୍ଷେପ ଯୋଗୁ ପରିବାରରେ ଅଶାନ୍ତି ଦେଖାଦେବ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ସ୍ୱାସ୍ଥ୍ୟରେ ସାମାନ୍ୟ ସମସ୍ୟା ରହିବ। ସଞ୍ଚିତ ଧନ ଚୋରି ହୋଇପାରେ। ପରିଭ୍ରମଣରେ ଯାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଛାତ୍ରମାନେ ନୂତନ ସୁଯୋଗ ପାଇବେ।

**କୁମ୍ଭ** ନିୟମିତ ବ୍ୟାୟାମ କରନ୍ତୁ। ପରିବାର ଶାନ୍ତି ଓ ସୁଖ ପରିଲକ୍ଷିତ ହେବ। ପୁରୁଣା କଥାକୁ ନେଇ ବ୍ୟତିବ୍ୟସ୍ତ ହେବେ। ଅର୍ଥ ପାଇଁ ଦାମ୍ପତ୍ୟ ଜୀବନରେ କଳହ ଲାଗିପାରେ। ଛାତ୍ରମାନଙ୍କ ମନ ଚଞ୍ଚଳ ରହିବ। ଗୁରୁବାର ଦିନ ଗରିବଙ୍କୁ ଖାଦ୍ୟ ଦାନ କରନ୍ତୁ।

**ମୀନ** ଆଣ୍ଠୁଗଣ୍ଠିର ସମସ୍ୟାରେ ପଡିପାରନ୍ତି। ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଆର୍ଥିକ ସ୍ଥିତି ସାମାନ୍ୟ ରହିବ। ପରିବାରରେ ସମ୍ପର୍କ ଦୃଢ଼ ହେବ। ଛାତ୍ରମାନଙ୍କ ମନ ବିଚଳିତ ରହିବ। ଦମ୍ପତିମାନଙ୍କୁ ସନ୍ତାନପ୍ରାପ୍ତିର ସମ୍ଭାବନା ଅଛି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଘାତକ ସାଜୁଛି ବାୟୁ ପ୍ରଦୂଷଣ

## ବର୍ଷକୁ ଧାର୍ଯ୍ୟ ସମୟ ପୂର୍ବରୁ ଜନ୍ମ ହେଉଛନ୍ତି ୬ ନିୟୁତ ସନ୍ତାନ

**ୱାଶିଂଟନ :** ସମଗ୍ର ବିଶ୍ୱରେ ପ୍ରଦୂଷଣ ସ୍ତର ଦିନକୁ ଦିନ ବଢିଚାଲିଥିବାବେଳେ ବାୟୁ ପ୍ରଦୂଷଣ ସବୁଠାରୁ ଅଧିକ ଘାତକ ହେବାରେ ଲାଗିଛି। କେବଳ ବାୟୁ ପ୍ରଦୂଷଣ କାରଣରୁ ପ୍ରତିବର୍ଷ ୬ ନିୟୁତ ସନ୍ତାନ ଧାର୍ଯ୍ୟ ସମୟ ପୂର୍ବରୁ ଭୂମିଷ୍ଠ ହେଉଥିବା ଏକ ଅଧ୍ୟୟନରୁ ଜଣାଯାଇଛି। ୟୁନିଭରସିଟି ଅଫ କାଲିଫର୍ଣ୍ଣିଆ-ସାନ୍ ଫ୍ରାନସିସ୍କୋ ଏବଂ ୟୁନିଭରସିଟି ଅଫ ୱାଶିଂଟନ ନେତୃତ୍ୱରେ କରାଯାଇଥିବା ଏହି ଅଧ୍ୟୟନରେ ଗର୍ଭାବସ୍ଥା ସମୟରେ ଉଭୟ ଘର ଭିତର ଓ ବାହାର ବାୟୁ ପୂଦ୍ରଷଣର କିଭଳି ଘାତକ ପ୍ରଭାବ ପଡୁଛି, ତାହା ଦର୍ଶାଯାଇଛି। ଏହାଦ୍ୱାରା ଗର୍ଭସ୍ଥ ସନ୍ତାନ ଧାର୍ଯ୍ୟ ସମୟ ପୂର୍ବରୁ ଜନ୍ମନେବା, ତାହାର ଜନ୍ମକାଳୀନ ଶରୀର ଓଜନ ହ୍ରାସ ଆଦି ସମସ୍ୟା ପରିଲକ୍ଷିତ ହେଉଛି। ପିଏଲଓଏସ ମେଡିସିନ ଜର୍ଣ୍ଣାଲରେ ପ୍ରକାଶିତ ରିପୋର୍ଟରେ



କୁହାଯାଇଛି ଯେ ସମଗ୍ର ବିଶ୍ୱରେ ଧାର୍ଯ୍ୟ ସମୟ ପୂର୍ବରୁ ସନ୍ତାନ ଜନ୍ମନେବା ଏବଂ କମ୍ ଓଜନ ବିଶିଷ୍ଟ ହେବା ପଛରେ ବାୟୁ ପ୍ରଦୂଷଣ ମୁଖ୍ୟ ଦାୟୀ। ଦକ୍ଷିଣ ପୂର୍ବ ଏସିଆ ଏବଂ ଉପ ସାହାରା ଆଫ୍ରିକୀୟ ଅଞ୍ଚଳରେ ବାୟୁ ପ୍ରଦୂଷଣକୁ ସର୍ବନିମ୍ନ ସ୍ତରରେ ରଖାଯାଇପାରିଲେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ସନ୍ତାନ ଜନ୍ମ ନେବା ଏବଂ ସେମାନଙ୍କର ଶାରୀରିକ ଓଜନ ହ୍ରାସପାଇବା ଘଟଣା ପ୍ରାୟ ୭୮% ହ୍ରାସପାଇବ। ବିଶ୍ୱର ଅଧିକ ବିକଶିତ ରାଷ୍ଟ୍ରଗୁଡିକରେ ବାୟୁ ପ୍ରଦୂଷଣ ସ୍ତର ଅଧିକ ରହୁଥିବା ଅଧ୍ୟୟନରୁ ଜଣାଯାଇଛି।

# ପିଏମ୍ ପୋଷଣ ଯୋଜନାକୁ କ୍ୟାବିନେଟ୍ ମୋହର

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଏବଂ ପୀୟୁଷ ଗୋୟଲ ଆଜି ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ଅନୁରାଗ ଠାକୁର କହିଛନ୍ତି ଯେ କ୍ୟାବିନେଟ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାକୁ ସବୁଜ ସଙ୍କେତ ଦେଇଛି, ଯାହା ଅଧୀନରେ ସାରା ଦେଶରେ ୧୧.୨ଲକ୍ଷ ସରକାରୀ ଏବଂ ସରକାରୀ ସହାୟକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦିଆଯିବ। ଏହି ଯୋଜନା ପାଞ୍ଚ ବର୍ଷ ଚାଲିବ ଏବଂ ଏଥିପାଇଁ ୧.୩୧ ଲକ୍ଷ କୋଟି ଟଙ୍କା ବ୍ୟୟ ହେବ। ସେ କହିଛନ୍ତି ଯେ ପିଏମ ପୋଷଣ ଯୋଜନାରେ ବାକି ମଧ୍ୟାହ୍ନ ଭୋଜନ ଯୋଜନାର ସମିଶ୍ରଣ ଘଟିବ। ଏହି ଯୋଜନା ରାଜ୍ୟ ସରକାରଙ୍କ ସହଯୋଗରେ ଚାଲିବ, କିନ୍ତୁ କେନ୍ଦ୍ର ସରକାର ଅଧିକ ଅନୁଦାନ ଦେବେ। ଅନୁରାଗ ଠାକୁର କହିଛନ୍ତି ଯେ



ମଧ୍ୟପ୍ରଦେଶରେ ନେମୁଚ-ରତ୍ଲାମ ଲାଇନକୁ ଡବଲ୍ ଲାଇନ୍ କରିବାକୁ ଅନୁମୋଦନ ଦିଆଯାଇଛି। ଏହି ୧୩୩ କିଲୋମିଟର ଲାଇନରେ ପ୍ରାୟ ୧୯୬କୋଟି ଟଙ୍କା ଖର୍ଚ୍ଚ ହେବ। ଗୁଜୁରାଟରେ ରାଜକୋଟ-କାନାଲସ୍ ଲାଇନକୁ ମଧ ଏକ ଡବଲ ଲାଇନରେ ପରିଣତ କରିବାକୁ ଅନୁମୋଦନ କରାଯାଇଛି। ଏହି ୧୧୧ କିଲୋମିଟର ଲାଇନରେ ୧୦୮୦ କୋଟି ଟଙ୍କା ବିନିଯୋଗ ହେବ। ଏହି ଦୁଇଟି ଲାଇନର ନିର୍ମାଣ ସହିତ ଶିଳ୍ପ ସଂସ୍ଥା ବୃଦ୍ଧି ପାଇବ। ଏହା ନିଶ୍ଚିତ ହୋଇଛି ଯେ ଏହି ଉଭୟ ରେଳ ଲାଇନ ତିନି ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ଏହା ସହିତ କ୍ୟାବିନେଟ୍ ଇସିଜିସି ଲିମିଟେଡକୁ ମଧ ଅନୁମୋଦନ କରିଛି । ଏହା ମଧ ୪,୪୦୦ କୋଟି ଟଙ୍କା ବିନିଯୋଗକୁ ଅନୁମୋଦନ କରିଛି, ଯାହା ଅଧୀନରେ କେବଳ ରପ୍ତାନିକାରୀ ନୁହଁନ୍ତି ବ୍ୟାଙ୍କଗୁଡିକ ମଧ ସାହାଯ୍ୟ କରିବେ। ଏହା ୫୯ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରିବ। ପୀୟୁଷ ଗୋୟଲ କହିଛନ୍ତି ଯେ କ୍ୟାବିନେଟ୍ ରପ୍ତାନି କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେସନ୍ ଲିମିଟେଡ୍ କୁ ଅନୁମୋଦନ କରିଛି । ସେ କହିଛନ୍ତି ଯେ ଇସିଜିସି ଆସନ୍ତା ବର୍ଷ ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ ହୋଇପାରେ। ଚାଇନାରୁ ଆପଲ ଆମଦାନୀ ଉପରୁ ଆମଦାନୀ ଶୁଳ୍କ ହଟାଇବା ଖବର ଉପରେ ଗୋୟଲ କହିଛନ୍ତି ଯେ ଏଭଳି ନିଷ୍ପତ୍ତି ନିଆଯାଇ ନାହିଁ। ଏହା ସଂପୂର୍ଣ୍ଣ ଭିତ୍ତିହୀନ। ଏଥିରୁ ଜଣାପଡୁଛି ଯେ କିଛି ଲୋକଙ୍କ କାମ କେବଳ ଗୁଜବ ପ୍ରଚାର କରିବା।

# ପାର୍ବଣ ପୂର୍ବରୁ ରାଜ୍ୟଗୁଡିକୁ କେନ୍ଦ୍ରର ଚିଠି; କଟକଣା କଡାକଡି କର

**ନୂଆଦିଲ୍ଲୀ :** ମହାମାରୀ କରୋନାର ତୃତୀୟ ଲହର ବିପଦ ଏଯାଏ ଟଳିନି। ସେହିପରି ଦ୍ୱିତୀୟ ଲହର ସଂପୂର୍ଣ୍ଣ ଭାବେ ଦେଶରୁ ଯାଇ ନାହିଁ। ତେଣୁ ସମସ୍ତଙ୍କୁ ସତର୍କ ରହିବା ଜରୁରୀ। ଆଗକୁ ପାର୍ବଣ ଋତୁ ଆସୁଛି। ଏହି ସମୟରେ ଅବହେଳା କଲେ ସ୍ଥିତି ବିଗିଡ଼ି ଯିବ। ଏହାକୁ ଦୃଷ୍ଟିରେ ରଖି ଆଜି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଚିବ ଅଜୟ ଭଲ୍ଲା ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଚିଠି ଲେଖିଛନ୍ତି। ପାର୍ବଣରେ ଯେମିତି କୋଭିଡର ଉଚିତ ବ୍ୟବହାର ସମସ୍ତେ ପାଳନ କରିବେ, ତା' ଉପରେ ଗୁରୁତ୍ୱ ଦେବାକୁ ସେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ସର୍ବସାଧାରଣରେ ଭିଡ଼କୁ ଯଥା ସମ୍ଭବ କମ କରିବା, ମାସ୍କ ଓ ସାମଜିକ ଦୂରତା ଭଳି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ସେ



କହିଛନ୍ତି। ୨୮ ଅଗଷ୍ଟରେ ମଧ ଶ୍ରୀ ଭଲ୍ଲା ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଚିଠି ଲେଖି ପାର୍ବଣ ପାଇଁ ସତର୍କ କରାଇଥିଲେ। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପ୍ରଶାସନ ମାଇକ୍ରୋ କଣ୍ଟେନମେଣ୍ଟ ଭଳି ବ୍ୟବସ୍ଥା ଲାଗୁ କରିପାରିବ ବୋଲି ସେ ଚିଠିରେ ଅବଗତ କରାଇଥିଲେ। ଏଥିର ମଧ ସକ୍ରିୟ କଣ୍ଟେନମେଣ୍ଟ ଜୋନ ଉପରେ ଫୋକସ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାବାଦ ରାଜ୍ୟ ସରକାରମାନେ ସବୁବେଳେ କରୋନା ସଂକ୍ରମଣକୁ ରୋକିବା ପାଇଁ ଟେଷ୍ଟ, ଟ୍ରାକ, ଟ୍ରିଟ, ଟିକାକରଣ ଓ କୋଭିଡର ଉଚିତ ବ୍ୟବହାର ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି ସେ କହିଛନ୍ତି। କୋଭିଡର ଉଚିତ ବ୍ୟବହାର ହେଲା ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଓ ସାନିଟାଇଜରର ବ୍ୟବହାର କରିବା। ରାଜ୍ୟ ସରକାର ଏହାପରେ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେଇ ନିୟମକୁ କଡ଼ାକଡ଼ି ଭାବେ ପାଳନ କରନ୍ତୁ ବୋଲି ଶ୍ରୀ ଭଲ୍ଲା କହିଛନ୍ତି। ସେ କହିଛନ୍ତି, 'ବର୍ତ୍ତମାନ ଜାତୀୟ ସ୍ତରରେ ମହାମାରୀ ସ୍ଥିତିରେ ସ୍ଥିରତା ରହିବା ଭଳି ଦୃଶ୍ୟମାନ ହେଉଛି। ହାତ ଗଣତି ରାଜ୍ୟରେ ସ୍ଥାନୀୟ ସଂକ୍ରମଣ ବୃଦ୍ଧି ପାଉଛି। ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାର ଗୁଡ଼ିକ ପାର୍ବଣରେ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ଥାନୀୟ କଟକଣା ଲାଗୁ କରିପାରିବେ। ସେହିପରି ସର୍ବସାଧାରଣରେ କୋଭିଡର ଉଚିତ ବ୍ୟବହାର ଠିକ ଭାବେ ପାଳନ କରାଯାଉଛି କି ନାହିଁ, ତା'ର ଯାଞ୍ଚ କରିବେ। ସମସ୍ତଙ୍କୁ ୫ ସୂତ୍ରୀ ମନ୍ତ୍ର ଉପରେ ଫୋକସ କରିବାକୁ ହେବ।' ସଂକ୍ରମଣ କମ ଥିବା ଅଞ୍ଚଳରେ ମଧ ଟେଷ୍ଟିଂକୁ ଜୋରଦାର କରି ଲୋକଙ୍କ ଚାଲିଚଳନ ଉପରେ ନଜର ରଖିବାକୁ ହେବ। ସେହିପରି ସେଠାରେ ମଧ ମାସ୍କ ଠାରୁ ସାମାଜିକ ଦୂରତା ନିୟମକୁ ପାଳନ କରିବାକୁ ସମସ୍ତଙ୍କୁ ତାଗିଦ କରାଯିବ। ନିୟମ ଲାଗୁ କରିବାର ଦାୟିତ୍ୱ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କର ବୋଲି ଚିଠିରେ କୁହାଯାଇଥିଲା।

# ଅକ୍ଟୋବର ୩୦ରେ ୩୦ ବିଧାନସଭା ଓ ୩ ଲୋକସଭା ଆସନ ପାଇଁ ଉପନିର୍ବାଚନ




**ନୂଆଦିଲ୍ଲୀ :** ତିନିଟି ଲୋକସଭା ଓ ୩୦ ବିଧାନସଭା ଆସନ ପାଇଁ ଅକ୍ଟୋବର ୩୦ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଭାରତର ମୁଖ୍ୟ ନିର୍ବାଚନ କମିଶନ ନିର୍ଘଣ୍ଟ ଜାରି କରିଛନ୍ତି। ନିର୍ଘଣ୍ଟ ଅନୁସାରେ ନଭେମ୍ବର ୨ ତାରିଖରେ ଏହି ଉପନିର୍ବାଚନର ଭୋଟ ଗଣତି ହେବ। ମଙ୍ଗଳବାର ସେପଟ୍ମ୍ବେର ୨୮ ତାରିଖରେ ଭାରତର ମୁଖ୍ୟ ନିର୍ବାଚନ କମିଶନଙ୍କ ତରଫରୁ ଘୋଷିତ ହୋଇଥିବା କାର୍ଯ୍ୟକ୍ରମ ଅନୁସାରେ ଆନ୍ଧ୍ର ପ୍ରଦେଶ, ଆସାମ, ବିହାର ହରିଆନା, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, ମଧ ପ୍ରଦେଶ, ମହାରାଷ୍ଟ୍ର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ରାଜସ୍ଥାନ, ତେଲେଙ୍ଗାନା ଓ ପଶ୍ଚିମ ବଙ୍ଗର ୩୦ଟି ବିଧାନସଭା ଆସନ ଖାଲି ପଡ଼ିଛି। ଏଥିପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ହିମାଚଳ ପ୍ରଦେଶ ଓ ମଧ ପ୍ରଦେଶ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଦାଦ୍ରା ଓ ନାଗର ହାବେଳି ଏବଂ ଦାମନ ଓ ଡିଉରେ ଖାଲିଥିବା ତିନିଟି ଲୋକସଭା ଆସନ ନିମନ୍ତେ ମଧ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ଉପନିର୍ବାଚନ ନିମନ୍ତେ ଅକ୍ଟୋବର ୧ ତାରିଖ ଦିନ ବିଜ୍ଞପ୍ତି ପ୍ରକାଶ ପାଇବ। ସେହିଦିନଠାରୁ ଅକ୍ଟୋବର ୮ ତାରିଖ ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ କରାଯିବ। ଅକ୍ଟୋବର ୧୧ ତାରିଖ ଦିନ ପ୍ରାର୍ଥିପତ୍ର ଯାଞ୍ଚ ହେବ। ଆସାମ, ବିହାର ଓ ପଶ୍ଚିମ ବଙ୍ଗ ବିଧାନସଭା ଉପନିର୍ବାଚନ ପାଇଁ ଅକ୍ଟୋବର ୧୬ ତାରିଖ ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ। ଅନ୍ୟ ସବୁ ରାଜ୍ୟ ପାଇଁ ଅକ୍ଟୋବର ୧୩ ତାରିଖ ସୁଦ୍ଧା ଇଚ୍ଛୁକ ପ୍ରାର୍ଥୀମାତ୍ର ସେମାନଙ୍କର ମନୋନୟନ ପତ୍ର ପ୍ରତ୍ୟାହାର କରିପାରିବେ। ଅକ୍ଟୋବର ୩୦ ତାରିଖ ଦିନ ସମସ୍ତ ଆସନରେ ଭୋଟଗ୍ରହଣ ହେବ ଓ ନଭେମ୍ବର ୨ ତାରିଖରେ ଭୋଟ ଗଣତି ହେବ। ସଂପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା କୋଭିଡ ନିର୍ଦ୍ଦେଶାବଳି ଅନୁସାରେ ଅନୁଷ୍ଠିତ ହେବ। ମାସ୍କ, ସାନିଟାଇଜର, ସାମାଜିକ ଦୂରତା ଆଦି କୋଭିଡ ସଂକ୍ରାନ୍ତ ସମସ୍ତ ନିୟମ ମାନିବାକୁ ହେବ। ସେହିପରି ନିର୍ବାଚନ ପ୍ରକ୍ରିୟାରେ ସଂପୃକ୍ତ ସମସ୍ତ ଅଧିକାରୀ ଦୁଇ ଡୋଜ ଯାକ କୋଭିଡ ଟୀକା ନେବା ଦରକାର ବୋଲି ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ଯେଉଁ ପ୍ରାର୍ଥୀ ବା ଦଳ କୋଭିଡ ନିୟମ ଉଲ୍ଲଙ୍ଘନ କରିବେ ସେମାନଙ୍କ ବିରୋଧରେ କମିଶନ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତାରକା ପ୍ରଚାରକ ଯଦି କୋଭିଡ ନିୟମ ଉଲ୍ଲଙ୍ଘନ କରିବେ ତେବେ ତାଙ୍କୁ ଆଉ ପ୍ରଚାର କରିବାକୁ ଅନୁମତି ମିଳିବ ନାହିଁ। ପ୍ରାର୍ଥୀଙ୍କ ଡ୍ରାଇଭର, ପୋଲିଂ ଏଜେଣ୍ଟ, କାଉଣ୍ଟିଂ ଏଜେଣ୍ଟ ପ୍ରମୁଖ ଦୁଇ ଡୋଜ ଟୀକା ନେଇଥିବା ଦରକାର। ପ୍ରତି ବୁଥ୍ ପାଇଁ ଜଣେ ସ୍ୱାସ୍ଥ୍ୟ କର୍ମୀ କୋଭିଡ ନୋଡାଲ ଅଫିସର ଭାବେ କାର୍ଯ୍ୟ କରିବେ। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଦାୟିତ୍ୱ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ପୁଲିସ ମହାନିର୍ଦ୍ଦେଶକଙ୍କ ଉପରେ ନ୍ୟସ୍ତ କରାଯାଇଛି। ସେମାନେ ନିର୍ବାଚନକୁ ହିଂସାମୁକ୍ତ ରଖିବାକୁ ସବୁ ପ୍ରକାର ବ୍ୟବସ୍ଥା କରିବେ ବୋଲି କମିଶନ ନିର୍ଦ୍ଦେଶ ଜାରି କରିଛନ୍ତି।

# ଦେଶରେ ପୁଣି 'ଡି' ଆତଙ୍କ

**ନୂଆଦିଲ୍ଲୀ :** କରୋନା ମହାମାରୀର ଭୂତାଣୁ ନିଜର ରୂପ ବଦଳାଇବା ସହିତ ଏହାର ଡେଲଟା (ଡି) ପ୍ରକରଣ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଘାତକ ସାବ୍ୟସ୍ତ ହେଉଥିବାବେଳେ ଏବେ ଭାରତରେ ଆଉ ଏକ 'ଡି' ଆତଙ୍କ ଦେଖାଦେଇଛି। ଡେଙ୍ଗୁର ନୂଆ ଡି୨ ପ୍ରକରଣ ଅଧିକ ଘାତକ ବୋଲି ଜଣାଯାଇଛି। ଡେଙ୍ଗୁର ଡିଇଏନଭି ୨ ପ୍ରକରଣ ଦେଶରେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧିର ମୂଳ କାରଣ ବୋଲି ଜାଣିବାକୁ ମିଳିଛି। ପ୍ରାୟ ପନ୍ଦର ଦିନ ତଳେ ଭାରତର ଚିକିତ୍ସା ଗବେଷଣା ପରିଷଦ (ଆଇସିଏମଆର)ର ମହାନିର୍ଦ୍ଦେଶକ ଡା.ବଳରାମ ଭାର୍ଗବ ନିଶ୍ଚିତ କରାଇଦେଇ କହିଥିଲେ ଯେ ଦେଶରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦ୍ରୁତ ବୃଦ୍ଧି ପଛରେ ଏହି ପ୍ରକରଣ ଦାୟୀ । ସଂପ୍ରତି ଉତ୍ତର ପ୍ରଦେଶର ଫିରୋଜାବାଦ, ଆଗ୍ରା, ମଥୁରା ଏବଂ ଆଲିଗଡ ଆଦି ସ୍ଥାନରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବହୁଗୁଣ ବୃଦ୍ଧିପାଇଛି । ଅଗଷ୍ଟ ଶେଷରୁ ସେପଟ୍ମ୍ବେର ମଝି ପର୍ଯ୍ୟନ୍ତ ଅନ୍ୟୂନ ୫୮ ଜଣ ଲୋକ କେବଳ ଫିରୋଜାବାଦରେ ଡେଙ୍ଗୁ ରୋଗରେ ପ୍ରାଣ ହରାଇଛନ୍ତି। ଏହି ଡି୨ ପ୍ରକରଣ ଅଧିକ ଘାତକ ହୋଇଛି ଏବଂ ଏଥିରେ ପ୍ରାଣନାଶକ ମସ୍ତିଷ୍କରେ ପ୍ରଦାହକାରୀ ଜ୍ୱର ହେବା ସହିତ ଶରୀରରେ ଅନ୍ୟାନ୍ୟ ମାରାତ୍ମକ ଲକ୍ଷଣମାନେ ପ୍ରକାଶ ପାଉଛି।

# ପର୍ଯ୍ୟାୟ କ୍ରମେ ସ୍କୁଲ ଖୋଲାଯାଉ : ଆଇସିଏମ୍ଆର୍

**ନୂଆଦିଲ୍ଲୀ :** ସାରା ଦେଶରେ ମହାମାରୀ କରୋନାକୁ ନେଇ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଏବେ ଦେଶରେ କରୋନା ମାମଲା ଟିକେ କମିବାରେ ଲାଗିଛି। କିନ୍ତୁ ସମ୍ପୂର୍ଣ୍ଣ ଯାଇନି। କରୋନାକୁ ଦୃଷ୍ଟିରେ ରଖି ସ୍କୁଲର ଅଫଲାଇନ୍ କ୍ଲାସ ବନ୍ଦ ରହିଛି। ପିଲା ଘରେ ବସି ଅନ୍‌ଲାଇନ୍‌ରେ କ୍ଲାସ କରୁଛନ୍ତି। ତେବେ ଏଭଳି ସ୍ଥିତିରେ ପୁଣି ସ୍କୁଲ ଖୋଲି ବାକୁ କହିଛି ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ। କରୋନାକୁ ରୋକିବା ପାଇଁ ବହୁସ୍ତରୀୟ ଉପାୟ ଆପଣାଇ ପୁଣି ସ୍କୁଲ ଖୋଲାଯାଇ ପାରିବ। ପ୍ରାଥମିକ ଶ୍ରେଣୀ ଠାରୁ ଆରମ୍ଭ ସବୁ ଶ୍ରେଣୀ ଯାଏଁ ସ୍କୁଲଗୁଡିକୁ ପର୍ଯ୍ୟାୟ କ୍ରମେ ପୁଣି ଖୋଲିବା ଉଚିତ ବୋଲି ଆଇସିଏମ୍ଆର କହିଛି। ପ୍ରକୃତରେ ଇଣ୍ଡିଆନ୍ ଜର୍ନାଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚରେ ପ୍ରକାଶିତ ଏକ ରିପୋର୍ଟରେ ଏସବୁ କଥା କୁହାଯାଇଛି। ସେପଟେ ୟୁନେସ୍କୋର ରିପୋର୍ଟ ଅନୁସାରେ, ଭାରତରେ ୫୦୦ ଦିନରୁ ଅଧିକ ଦିନ ସ୍କୁଲ ବନ୍ଦ ରହିବା ହେତୁ ୩୨ କୋଟିରୁ ଅଧିକ ପିଲା ପ୍ରଭାବିତ ହୋଇଛନ୍ତି। ଭାରତ



ତଥା ବିଦେଶରୁ ବିଦ୍ୟାଳୟ ଖୋଲିବା ପ୍ରସଙ୍ଗରେ ପ୍ରାପ୍ତ ବୈଜ୍ଞାନିକ ପ୍ରମାଣ ଆଧାରରେ ବିଶେଷଜ୍ଞମାନେ କହିଛନ୍ତି ଯେ ବିଦ୍ୟାଳୟରେ ଯଦି ସଠିକ୍ ରୂପେ ସଂକ୍ରମଣ ଯାଞ୍ଚ କରାଯାଏ, ତେବେ ଏହି ଜୀବାଣୁ ଅଧିକ ସଂକ୍ରମିତ ହୋଇପାରିବ ନାହିଁ। ଏହା ବ୍ୟତୀତ ବିଶେଷଜ୍ଞ, ଶିକ୍ଷକ, କର୍ମଚାରୀ ଏବଂ ଶିଶୁଙ୍କୁ ନେବା ଆଣିବା କରୁଥିବା ଲୋକଙ୍କୁ ଟୀକାକରଣ କରାଯିବା ଉଚିତ। ଟୀକାକରଣ ପରେ ମଧ ସେମାନେ ମାସ୍କ ବ୍ୟବହାର କରିବା ଉଚିତ୍। ବିଭିନ୍ନ ଉପାୟ ଏବଂ ପଦକ୍ଷେପ ସହିତ ସ୍କୁଲ ଖୋଲା ଯାଇପାରିବ। ଏପରି କରିବା ଦ୍ୱାରା ବ୍ୟକ୍ତିଗତ ଶିକ୍ଷାର ବୃଦ୍ଧି ହେବ। ଏଥିସହ ଏହା ବିଦ୍ୟାଳୟଗୁଡିକ ପିଲାମାନଙ୍କ ପାଇଁ ନିରାପଦ ଅଟେ ବୋଲି ଅଭିଭାବକମାନଙ୍କ ଉପରେ ଆତ୍ମବିଶ୍ୱାସ ମଧ ସୃଷ୍ଟି କରିବ। ସ୍କୁଲ ଖୋଲିବା ପୂର୍ବରୁ ସମସ୍ତ ଶ୍ରେଣୀଗୃହଗୁଡିକରେ ପର୍ଯ୍ୟାପ୍ତ ଝରକା ଥିବା ଉଚିତ। ଏଥିସହ ଏୟାରକଣ୍ଡିସନର ରୁମ୍ ଗୁଡିକଠାରୁ ଦୂରେଇ ରହିବା ଉଚିତ। ସଂକ୍ରମଣର ସମ୍ଭାବ୍ୟ ବିସ୍ତାରକୁ ରୋକିବା ପାଇଁ ଶ୍ରେଣୀଗୃହରେ ଏଗ୍‌ଜିଷ୍ଟ ଫ୍ୟାନ୍ ଲଗାଇବା ଉଚିତ୍। ପିଲାମାନଙ୍କୁ ଖାଦ୍ୟ ବାଣ୍ଟିବା, କ୍ୟାଣ୍ଟିନ କିମ୍ବା ଡାଇନିଂ ହଲରେ ଦୀର୍ଘ ସମୟ ବିତାଇବା ଠାରୁ ଦୂରେଇ ରଖିବା ଉଚିତ। କୋଭିଡ-୧୯ ମହାମାରୀ ଯୋଗୁଁ ଦୀର୍ଘ ସମୟ ଧରି ସ୍କୁଲ ଗୁଡିକ ବନ୍ଦ ପଡିଛି। ଫଳରେ ପିଲାଙ୍କ ବିକାଶକୁ ପ୍ରଭାବିତ କରୁଛି। ପିଲାଙ୍କ ଚିନ୍ତାଧାରାକୁ ବୁଝିବା ନିହାତି ଆବଶ୍ୟକ ରହିଛି। ଏଥିପାଇଁ ସ୍କୁଲ ଗୁଡିକ ପର୍ଯ୍ୟାୟ ରୂପେ ଯେପରିକି ସେକେଣ୍ଡରୀ ପରେ ପ୍ରାଇମେରୀ ସ୍କୁଲ ପୁଣି ଥରେ ଖୋଲିବା ଦରକାର ବୋଲି ଆଇସିଏମ୍ଆର ଦ୍ୱାରା ପ୍ରକାଶିତ ଅଧ୍ୟୟନରେ କୁହାଯାଇଛି।

## ପାକିସ୍ତାନର ମୁଖା ଖୋଲିଲା ଗିରଫ ଆତଙ୍କୀ

# ଆକ୍ରମଣ ପାଇଁ ଆଇଏସ୍ଆଇ ଓ ସେନା ଦେଇଥିଲା ତାଲିମ

**ନୂଆଦିଲ୍ଲୀ/ଶ୍ରୀନଗର :** ଜାମ୍ମୁ କାଶ୍ମୀରର ଉରିରେ ଭାରତୀୟ ସୈନ୍ୟଙ୍କ ହାତରେ ଧରାପଡିଥିବା ପାକିସ୍ତାନ ଆତଙ୍କି ଅଲି ବାବର ପାତ୍ରା କ୍ୟାମେରା ସମ୍ମୁଖରେ ପାକିସ୍ତାନର ମୁଖା ଖୋଲିଦେଇଛି। ସାମ୍ବାଦିକମାନଙ୍କ ନିକଟରେ ପ୍ରକାଶ କରି ଅଲି ବାବର କହିଛି, ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ଏବଂ ପାକିସ୍ତାନ ସୈନ୍ୟବାହିନୀ ତାକୁ ତାଲିମ ଦେଇଛନ୍ତି। ଏପରିକି ଆତଙ୍କି ଗୋଷ୍ଠୀ ଅଲ୍ କାଏଦର ମଧ ତାକୁ ତାଲିମ ଦେଇଛି। ପାକିସ୍ତାନରେ ସେ ତାଲିମ ପାଇଥିବା ଅଲି ବାବର ସାମ୍ବାଦିକଙ୍କୁ କହିଛି। ଅଲି ବାବରର ସ୍ୱୀକାରୋକ୍ତି ଭାରତରେ ଆତଙ୍କବାଦ କାର୍ଯ୍ୟକଳାପ ଚଳାଇଥିବା ପାକିସ୍ତାନର ମୁଖାକୁ ପୁଣି ଥରେ ପଦାରେ ପକାଇଛି। ବାବର କହିଥିଲା, ଆତଙ୍କି ଗୋଷ୍ଠୀରେ ସାମିଲ ହେବାପାଇଁ ତାକୁ ପ୍ରାୟ ୫୦ ହଜାର ଟଙ୍କା ଦିଆଯାଇଥିଲା। ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଓକାରା ଜିଲାର ଦିପାଲପୁର ବାସିନ୍ଦା ଅଲି ବାବର କହିଥିଲା ଯେ ତା ବାପାଙ୍କ ମୃତ୍ୟୁପରେ ପରିବାରର ଦାରିଦ୍ର୍ୟ କାରଣରୁ ଆତଙ୍କି ଗୋଷ୍ଠୀରେ ସାମିଲ ହେବା ବ୍ୟତୀତ ତାହା ପାଖରେ ଆଉ କିଛି ବାଟ ନଥିଲା। ତାହା ପୂର୍ବରୁ ସେ ଏକ କପଡା ତିଆରି କାରଖାନାରେ କାମ କରୁଥିଲା। ଘରେ ତା' ବିଧବା ମା' ଏବଂ ଜଣେ ପୋଷ୍ୟ ଭଉଣୀ ଅଛନ୍ତି। ସେ କହିଛି, ଯେ ଜଣେ ଆତଙ୍କି ମଧ୍ୟସ୍ଥିଙ୍କୁ ଭେଟିବା ପରେ ତାକୁ ୨୦୧୯ରେ ଲସ୍କର ଇ ତଏବା ଶିବିରକୁ ନିଆଯାଇଥିଲା। ତାକୁ ତାଲିମ ଦିଆଯିବା ପରେ ନିୟନ୍ତ୍ରଣ ରେଖା ଅତିକ୍ରମ କରି ଭାରତରେ ପ୍ରବେଶ କରିବାକୁ କୁହାଯାଇଥିଲା। ତେବେ ନିୟନ୍ତ୍ରଣ ରେଖାରେ ତାହା ସହିତ ଥିବା ଅନ୍ୟ ପାଞ୍ଚଜଣ ଲସ୍କର ଆତଙ୍କବାଦୀଙ୍କ ମଧ୍ୟରୁ ଅନସ୍ ଭାରତୀୟ ସେନା ଗୁଳିରେ ପ୍ରାଣ ହରାଇବା ପରେ ବାବର ମନରେ ପରିବର୍ତ୍ତନ ଘଟିଥିଲା ଏବଂ ସେ ମଧ ଧରିନେଇଥିଲା ଯେ ଭାରତୀୟ ସେନା ହାତରେ



ସେ ବି ମରିଯିବ। ସେଥିପାଇଁ ସେ ଅସ୍ତ୍ରଛାଡିବାକୁ ନିଷ୍ପତ୍ତି ନେଇଥିଲା। ନିୟନ୍ତ୍ରଣ ରେଖାରୁ ସେ ନିଜ ମା'ଙ୍କୁ ଖବର ପଠାଇ କହିଥିଲା ଯେ ସେ ଭାରତୀୟ ସୀମାକୁ ଅନୁପ୍ରବେଶ କରି ଭୁଲ କରିଛି ଏବଂ ଏବେ ପାକିସ୍ତାନ ଫେରିଯିବାକୁ ଚାହୁଁଛି। ସୀମାନ୍ତରେ ଗୁଳିଗୋଳା ବିନିମୟ ତାକୁ ବିଚଳିତ କରିଦେଇଥିଲା। ତା ସହିତ ଆସିଥିବା ଅନ୍ୟ ଚାରି ଅନୁପ୍ରବେଶକାରୀ ପାକିସ୍ତାନ ସୀମାକୁ ଖସି ପଳାଇବାରେ ସମର୍ଥ ହୋଇଥିଲେ। କିନ୍ତୁ ଅନସ୍ ଭାରତୀୟ ସେନା ଗୁଳିରେ ପ୍ରାଣ ହରାଇସାରିଥିଲା। ସେନା ପକ୍ଷରୁ ତଲାସି ଅଭିଯାନ ଆରମ୍ଭ ହୋଇଯାଇଥିଲା ଏବଂ ବାବର ଆଉ ନିଜ ଦେଶ ସୀମାକୁ ଯାଇପାରିନଥିଲା। ଏହାପରେ ସେ ଭାରତୀୟ ସେନା ନିକଟରେ ଆତ୍ମସମର୍ପଣ କରିବାକୁ ଚାହିଁଥିଲା। ବାବର ତା ମା'ଙ୍କର ଟେଲିଫୋନ ନମ୍ବର ମଧ ଭାରତୀୟ ସେନାକୁ ଦେଇଛି ଏବଂ ତାହାର ପାକିସ୍ତାନରେ ତାଲିମ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ସମ୍ପର୍କରେ ସମସ୍ତ ସୂଚନା ପ୍ରଦାନ କରିସାରିଛି। ସୂଚନାଯୋଗ ଯେ ଉରିରେ ସେନାର କାର୍ଯ୍ୟାନୁଷ୍ଠାନ ପ୍ରାୟ ୧୦ ଦିନ ଧରି ଚାଲିଥିଲା ଏବଂ ସେଥିରେ ଆତିକ ଉର୍ ରହମାନ ଓରଫ କାରି ଅନସ୍ ର ମୃତ୍ୟୁ ଘଟିଥିଲା। ସେହି ଘଟଣାରେ ବାବର ଆତ୍ମସମର୍ପଣ କରିଥିଲା।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୦୪ - ୧୦ ଅକ୍ଟୋବର, ୨୦୨୧
ପରିକ୍ରମା

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ନୂତନ ଅନୁଦାନପ୍ରାପ୍ତ ସ୍କୁଲରେ ପେନ୍‌ସନ, ଜିପିଏଫ୍ ଓ ଛୁଟିନିୟମ ଲାଗୁ କର

**କଟକ :** ରାଜ୍ୟର ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଛୁଟି ନିୟମ, ଜିପିଏଫ୍ ଓ ପେନ୍‌ସନ୍ ନିୟମ ଲାଗୁ କରିବାପାଇଁ ମାନ୍ୟବର ଉଚ୍ଚଅଦାଲତ ରାଜ୍ୟସରକାର ତଥା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉକି, ରାଜ୍ୟରେ ୧୯୮୦ ଦଶକଠାରୁ ଗଢ଼ି ଉଠିଥିବା ଶିକ୍ଷାନୁଷ୍ଠାନ ଅର୍ଥାତ୍ ମାଧ୍ୟମିକ, ଉଚ୍ଚପ୍ରାଥମିକ, ସଂସ୍କୃତ, ମଦ୍ରାସା ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପାଇଁ ଯୋଗ୍ୟ ବିବେଚିତ ହେବା ଦିନଠାରୁ ସରକାର ଅନୁଦାନ ନଦେଇ ବହୁ ଆନ୍ଦୋଳନ ଧର୍ମଘଟ ପରେ ୨୦୦୪ ମସିହାରେ ବ୍ଲକ୍‌ଗ୍ରାଣ୍ଟ ଭଳି ଏକ କୁତ୍ସିତ ପ୍ରଥା ଲାଗୁକଲେ। ପୁନର୍ବାର ଶିକ୍ଷକ ଅଧ୍ୟାପକମାନଙ୍କର ଆନ୍ଦୋଳନ, ପରିଚାଳନା କମିଟି, ରାଜ୍ୟବାସୀ, ବୁଦ୍ଧିଜୀବୀମାନଙ୍କର ଦାବି ଓ ସର୍ବୋଚ୍ଚ ଅଦାଲତଙ୍କ ଚାପ ଫଳରେ ତା୧.୧.୨୦୧୮ରିଖରୁ ଅନୁଦାନ ପ୍ରଦାନ କଲେ। ତାହାକୁ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ବୋଲି ଅଭିହିତ କଲେ। ବିଜ୍ଞପ୍ତି ପ୍ରକାଶ ପାଇଲା ବେଳକୁ ଏଥିରେ ମୁଣ୍ଡାମୁଣ୍ଡି ବର୍ଦ୍ଧିତ କିଛି ଦରମା ବ୍ୟତୀତ ଚଂଚକତା କରି ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ ଥିବା ଅର୍ଥାତ୍ ୧୯୯୪ ଅନୁଦାନ ଆଇନ୍‌ର ଚାକିରି ସର୍ତ୍ତାବଳୀକୁ ରଖିଲେ ନାହିଁ। ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ କାଳଧରି କାର୍ଯ୍ୟକରି ଆସୁଥିବା ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଏହା ନିରାଶ କଲା। ରାଜ୍ୟର ପ୍ରମୁଖ ଶିକ୍ଷକ ସଂଗଠନ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଓ ମିଳିତମଂଚ ରାଜ୍ୟ ସରକାରଙ୍କ ପାଖରେ ଏହି ବର୍ଗର ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କ ପାଇଁ ଚାକିରି ସର୍ତ୍ତାବଳୀ ଲାଗୁ କରିବାକୁ ବହୁ ଦାବି ଆପତ୍ତି ଜଣାଇଲା ପରେ ମଧ୍ୟ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନନେବା ଫଳରେ ବାଧ୍ୟହୋଇ ଆଇନ୍‌ର ଆଶ୍ରୟ ନେଲେ। ମାନ୍ୟବର ଉଚ୍ଚ ଅଦାଲତ ପ୍ରଥମେ ତା୧୦.୮.୨୦୨୧ରେ ଶୁଣାଣି ଓ ପରେ ତା୧୩.୯.୨୦୨୧ରେ ରାୟ ପ୍ରଦାନ କରିଥିଲେ। ପୂର୍ଣ୍ଣ ଓ ନୂତନ ଅନୁଦାନ ପ୍ରାପ୍ତ



ବିଦ୍ୟାଳୟ ମଧ୍ୟରେ ଚାକିରି ସର୍ତ୍ତାବଳୀକୁ ନେଇ କୌଣସି ପାର୍ଥକ୍ୟ ନରଖିବାକୁ ତାଙ୍କର ଐତିହାସିକ ରାୟରେ ସରକାରଙ୍କୁ ନିର୍ଦ୍ଦେଶ ଦେଲେ। ଏହି ବିଦ୍ୟାଳୟମାନଙ୍କ ମଧ୍ୟରୁ ଯେଉଁ ଶିକ୍ଷକ କର୍ମଚାରୀମାନେ ଚାକିରିରେ ଥାଇ ୨୦୨୦ ମସିହା ମଧ୍ୟରେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ଦେବାପାଇଁ ନିର୍ଦ୍ଦେଶ ଦେଲେ। ପୁନଶ୍ଚ ଓଷ୍ଟା ଓ ଶିକ୍ଷକମାନଙ୍କ ପକ୍ଷରୁ ଅନ୍ୟାନ୍ୟ ଚାକିରି ସର୍ତ୍ତାବଳୀ ଅର୍ଥାତ୍ ପେନ୍‌ସନ୍ ରୁଲ୍ ୧୯୮୧, ଜିପିଏଫ୍ ରୁଲ୍ ୧୯୮୩, ଲିଭ୍ ରୁଲ୍ ୧୯୬୬ ଓ ଅନ୍ୟାନ୍ୟ ଚାକିରି ସର୍ତ୍ତାବଳୀ ୧୯୭୪କୁ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଭଳି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଅନ୍ତର୍ଭୁକ୍ତ ଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସମାନ ଭାବରେ ଲାଗୁ କରିବା ପାଇଁ ଓଷ୍ଟା ପକ୍ଷରୁ ବରିଷ୍ଠ ଆଇନ୍‌ଜୀବୀ ଶ୍ରୀଯୁକ୍ତ ବୁଦ୍ଧଦେବ ରାଉତରାୟ, ତା୧୧.୦୮.୨୦୨୧ରିଖର ଶୁଣାଣି ସମୟରେ ମାନ୍ୟବର ଅଦାଲତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ତା୨୮.୦୯.୨୦୨୧ରିଖକୁ ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଚାକିରି ସର୍ତ୍ତାବଳୀ ପ୍ରଦାନ କ୍ଷେତ୍ରରେ ରାଜ୍ୟସରକାରଙ୍କର ଶିକ୍ଷକ କର୍ମଚାରୀମାନଙ୍କ ପ୍ରତି ନେଇଥିବା ଦୃଷ୍ଟିଭଙ୍ଗୀ ଓ ମାନ୍ୟବର ଅଦାଲତଙ୍କ ପକ୍ଷରୁ ପୂର୍ବରୁ ଦିଆଯାଇଥିବା କନ୍‌ସିଡ଼ିରେସନ୍ ଅର୍ଡ଼ର ପ୍ରତି ଯେଭଳି ଆଭିମୁଖ୍ୟ ନେଇଛନ୍ତି, ଶୁଣାଣି ସମୟରେ ତାହା ଜାଣିଲା ପରେ ମାନ୍ୟବର ଅଦାଲତ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଥିଲେ। ୧୯୯୪ ଅନୁଦାନ ଆଇନ୍ ଓ ୨୦୦୪ ଅନୁଦାନ ଆଇନ୍ ମଧ୍ୟରେ କୌଣସି ପାର୍ଥକ୍ୟ ନରଖି ୧୯୯୪ ପାଇଁ ଉର୍ଦ୍ଦିଷ୍ଟ ଚାକିରି ସର୍ତ୍ତାବଳୀର ସମସ୍ତ ଅଂଶ ଅର୍ଥାତ୍ ଚାକିରି ସର୍ତ୍ତାବଳୀ, ଲିଭ୍‌ରୁଲ୍, ପେନ୍‌ସନ୍ ଓ ଜିପିଏଫ୍ ସମାନ ଭାବରେ ଲାଗୁ କରିବା ପାଇଁ ଏକ ଦୃଷ୍ଟାନ୍ତ ମୂଳକ ନିର୍ଦ୍ଦେଶ ଦେବା ସହିତ ଏହି କାର୍ଯ୍ୟକୁ ଦୁଇ ମାସ ମଧ୍ୟରେ ସମାପନ କରିବା ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତତ୍‌ସହିତ ପେନ୍‌ସନ୍ ରୁଲ୍ ଲାଗୁ କରିବା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଭୁଲ୍ ଯୁକ୍ତିକୁ ପ୍ରତ୍ୟାହାର କରିନେବା ପାଇଁ ସରକାରୀ ଓକିଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଷ୍ଟା ପକ୍ଷରୁ ଆଗତ ପି.ଅନୁପ୍‌କୁମାର ଆଚାର୍ଯ୍ୟ ଓ ସଂଯୁକ୍ତା ସେନାପତିଙ୍କ ମାମଲା ଡବ୍ଲୁପିସି ନଂ ୧୯୦୬୭/୨୧ ଓ ୧୯୦୭୭/୨୧ରେ ବରିଷ୍ଠ ଆଇନ୍‌ଜୀବୀ ବୁଦ୍ଧଦେବ ରାଉତରାୟ, ଜୟନ୍ତ ରଥ, ଆଇନ୍‌ଜୀବୀ ଦିଲ୍ଲୀପ୍ କୁମାର ମହାପାତ୍ର ଓ ସଞ୍ଜୟ ରଥ କେଶ୍ ପରିଚାଳନା କରିଥିବା ସ୍ଥଳେ ଅନ୍ୟଏକ କେଶ୍‌ରେ ଆଇନ୍‌ଜୀବୀ କୁନାଳ କୁମାର ସ୍ୱାଇଁ ସଂପୃକ୍ତ ରହିଥିଲେ।

## ସୁବୋଧ ନାୟକ ନୂଆ ଡ୍ରଗ୍ସ କଣ୍ଟ୍ରୋଲର




**ଭୁବନେଶ୍ୱର :** ସୁବୋଧ କୁମାର ନାୟକ ରାଜ୍ୟର ନୂଆ ଡ୍ରଗ୍ସ କଣ୍ଟ୍ରୋଲର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଥିବା ଅନ୍ନଦା ଶଙ୍କର ଦାସ ଗୁରୁବାର ଅବସର ଗ୍ରହଣ କରିବା ପରେ ଶ୍ରୀ ନାୟକଙ୍କୁ ଭାରପ୍ରାପ୍ତ ଡ୍ରଗ୍ସ କଣ୍ଟ୍ରୋଲର ଭାବେ ଦାୟିତ୍ୱ ଦିଆଯାଇଛି। ପରବର୍ତୀ ନିର୍ଦ୍ଦେଶନାମା ପ୍ରକାଶ ପାଇବା ପର୍ଯ୍ୟନ୍ତ ଶ୍ରୀ ନାୟକ ଏହି ଦାୟିତ୍ୱରେ ରହିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସହ ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟରେ ୩ଜଣ ଅଧିକାରୀଙ୍କୁ ଯୁଗ୍ମ ଡ୍ରଗ୍ସ କଣ୍ଟ୍ରୋଲର ଭାବେ ପଦୋନ୍ନତି ଦିଆଯାଇଛି। ଡ୍ରଗ୍ସ କଣ୍ଟ୍ରୋଲର ଭାରପ୍ରାପ୍ତ ଦାୟିତ୍ୱରେ ଥିବା ଶ୍ରୀ ନାୟକଙ୍କୁ ଯୁଗ୍ମ ଡ୍ରଗ୍ସ କଣ୍ଟ୍ରୋଲର, ଗୁଇନ୍ଦା ଓ ଏନଫୋର୍ସମେଣ୍ଟ ଦାୟିତ୍ୱ ଦିଆଯାଇଛି। ଏହାସହ ନୀଳମାଧବ ଦାଶଙ୍କୁ ପଦୋନ୍ନତି ପରେ ଯୁଗ୍ମ ଡ୍ରଗ୍ସ କଣ୍ଟ୍ରୋଲର କ୍ୱାଲିଟି କଣ୍ଟ୍ରୋଲ, ଉପ-ଡ୍ରଗ୍ସ କଣ୍ଟ୍ରୋଲର ଥିବା ମାମିନା ପଟ୍ଟନାୟକ ପଦୋନ୍ନତି ପରେ ରାଜ୍ୟ ଔଷଧ ନିଗମର ମହାପ୍ରବନ୍ଧକ(କ୍ୱାଲିଟି ଆସ୍ୟୁରାନ୍ସ) ଓ ନିଗମରେ ଡେପୁଟେସନ୍‌ରେ ଥିବା ଅଶୋକ ପାତ୍ରଙ୍କୁ ଫେରାଇ ଅଣାଯାଇ ଉପ-ଡ୍ରଗ୍ସ କଣ୍ଟ୍ରୋଲର(ଗୁଇନ୍ଦା) ସହିତ ଉତ୍ତର ଜୋନ୍‌ର ଡିଡିସି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# ୩୧ ଯାଏ ବଢ଼ିଲା ଗାଡ଼ି ଫିଟନେସ୍ ଓ ଡିଏଲ ଅବଧି

**ଭୁବନେଶ୍ୱର :** କରୋନା ମହାମାରୀ ସଂକ୍ରମଣ ଆଶଙ୍କାରେ ପରିବହନ ନିୟମକୁ କୋହଳ କରିଥିବା ରାଜ୍ୟ ସରକାର ଏବେ ପୁଣିଥରେ କେନ୍ଦ୍ର ସରକାରଙ୍କ ପରାମର୍ଶରେ ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ କୋହଳ ଅବଧିକୁ ବୃଦ୍ଧି କରିଛନ୍ତି। ୨୦୨୦ ଫେବୃୟାରୀ ପହିଲାରୁ ଅବା ୨୦୨୧ ଅକ୍ଟୋବର ୩୧ତାରିଖ ପୂର୍ବରୁ ବୈଧତା ଶେଷ ହୋଇଥିବା ଅବା ହେଉଥିବା ଗାଡ଼ିର ଫିଟନେସ ସାର୍ଟିଫିକେଟ୍, ଅଣପରିବହନ ଗାଡ଼ିର ରେଜିଷ୍ଟ୍ରେସନ ସାର୍ଟିଫିକେଟ, ଡ୍ରାଇଭିଂ ଲାଇସେନ୍ସ, ଲର୍ଣ୍ଣସ ଲାଇସେନ୍ସ, ମାଲବାହୀ ଗାଡ଼ି, ଘରୋଇ ଗାଡ଼ି ଓ ଶିକ୍ଷାନୁଷ୍ଠାନର ବସଗୁଡ଼ିକର ପରମିଟ୍ ଅବଧିର ବୈଧତା ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ ବଳବ ର ରହିବ। ଆଜି ରାଜ୍ୟ ପରିବହନ କମିଶନରଙ୍କ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ରାଜ୍ୟ ପରିବହନ କମିଶନରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମାରେ ଏସବୁ ପ୍ରମାଣପତ୍ରର ବୈଧତାକୁ ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲେ ମଧ୍ୟ ସମସ୍ତ ଆଂଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କୁ ସମସ୍ତ କାର୍ଯ୍ୟଦିବସରେ ଡ୍ରାଇଭିଂ ଲାଇସେନ୍ସ ଟେଷ୍ଟ କରାଇବା ନିମନ୍ତେ ୩୦ଦିନ ଯାକ ଅଗ୍ରୀମ ବୁକିଂ କରାଯାଇ ପାରିବ ବୋଲି କୁହାଯାଇଛି। ଏହାସହିତ ଲର୍ଣ୍ଣିଂ ଲାଇସେନ୍ସ ପାଇଥିବା ଆବେଦନକାରୀମାନେ ନିକଟସ୍ଥ ଆରଟିଓ କାର୍ଯ୍ୟାଳୟରେ ଡ୍ରାଇଭିଂ ଲାଇସେନ୍ସ ଟେଷ୍ଟ ପାଇ ଆବେଦନ କରିପାରିବେ। ଯଦି ଆବେଦନକାରୀ ପୂର୍ବରୁ ଡ୍ରାଇଭିଂ ଲାଇସେନ୍ସ ଟେଷ୍ଟ ପାଇଁ ଫି’ ଦେଇସାରିଥିବେ ତା’ହେଲେ ସମ୍ପୃକ୍ତ ଆରଟିଓରେ ସ୍ଲଟ୍ ଉପଲବ୍ଧ ନଥିଲେ ସେ ଆରଟିଓ କାର୍ଯ୍ୟାଳୟରେ ଯୋଗାଯୋଗ କରି ଯେଉଁ ଆରଟିଓ ଅଧୀନରେ ସ୍ଲଟ୍ ଫାଙ୍କା ଥିବ ସେଠାରେ ସ୍ଲଟ୍ ବୁକିଂ କରି ଡ୍ରାଇଭିଂ ଟେଷ୍ଟ ଦେଇପାରିବେ। ସେହିପରି ୨୦୨୦ ଫେବୃୟାରୀ ପହିଲା ପୂର୍ବରୁ କିମ୍ବା ପରେ ଗାଡ଼ିର ଫ୍ୟାନ୍ସି ନମ୍ବର ବୁକ୍ କରିଥିବା ଆବେଦନକାରୀଙ୍କ ପାଇଁ ମଧ୍ୟ ନିୟମ ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ କୋହଳ ହୋଇଛି। ତେବେ ଗାଡ଼ିର ଇନ୍ସ୍ୟୁରାନ୍ସ ସାର୍ଟିଫିକେଟ୍, ପ୍ରଦୂଷଣ ସାର୍ଟିଫିକେଟ୍, ଅସ୍ଥାୟୀ ପରମିଟର ବୈଧତା, ଟୁରିଷ୍ଟ ଗାଡ଼ି ଓ ମାଲବାହୀ ଗାଡ଼ିଗୁଡ଼ିକର ବାର୍ଷିକ କମ୍ପୋଜିଟ୍ ଟ୍ୟାକ୍ସ ପ୍ରଦାନ ବୈଧତା ଅବଧିକୁ ଆଉ ବୃଦ୍ଧି କରାଯାଇ ନାହିଁ ବୋଲି ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛଶ।

# ହାତଧୁଆ ମାନସିକ ରୋଗୀଙ୍କ ସଂଖ୍ୟା ବଢୁଛି


**ଭୁବନେଶ୍ୱର :** କୋଭିଡ୍‌ରୁ ରକ୍ଷା ପାଇଁ ହାତ ଧୁଅନ୍ତୁ। ଘରେ, ବାହାରେ, ଫୋନ୍‌ରେ ଏବଂ ଟେଲିଭିଜନ୍ ଓ ଖବରକାଗଜରେ ବିଜ୍ଞାପନ ଦେଇ ହାତ ଧୋଇବାକୁ ଏତେ କୁହାଗଲା ଯେ ବର୍ତ୍ତମାନ କେତେକଙ୍କ କ୍ଷେତ୍ରରେ ହାତଧୁଆ ଏକ ମାନସିକ ରୋଗରେ ପରିଣିତ ହୋଇଛି। ଚିନ୍ତାର ବିଷୟ ହେଲା ଏଭଳି ମାନସିକ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିବା ଜଣାପଡ଼ିଛି। ୫ ବର୍ଷର ଶିଶୁଠୁ ନେଇ ବୟସ୍କ ପର୍ଯ୍ୟନ୍ତ ଏଭଳି ରୋଗୀ ନିୟମିତ ଏମ୍ସ ମନସ୍ତତ୍ୱ ବିଭାଗକୁ ଆସୁଛନ୍ତି। ଏମ୍ସ ମନସ୍ତତ୍ୱ ବିଭାଗ ବିଶେଷଜ୍ଞ ଡ.ଦେବଦତ୍ତା ମହାପାତ୍ର କହିଛନ୍ତି, ଜଣେ ବ୍ୟକ୍ତି ବାରମ୍ବାର ହାତ, ଗୋଡ଼ କିମ୍ବା ଘର ଧୋଇବା ଏକ ମାନସିକ ରୋଗ। କୋଭିଡ ସମୟରେ ଲୋକଙ୍କୁ ହାତ ଧୋଇବାକୁ ଏଭଳି ଧୋଇବାକୁ କୁହାଗଲା ଯେ ଏହା ଲୋକଙ୍କ ହାତ ଧୋଇବା ଅଭ୍ୟାସକୁ



ବଢ଼ାଇଦେଲା। ଏବେ ୫ ବର୍ଷର ପିଲାମାନେ ବି ଏବେ ଏଭଳି ଲକ୍ଷଣ ନେଇ ଆସୁଛନ୍ତି। ଏପରିକି ସେମାନଙ୍କ ମନରେ ବସା ବାନ୍ଧିଛି, କୌଣସି ସ୍ଥାନରେ କିଛି ଛୁଇଁ ଦେଲେ ମଧ୍ୟ କରୋନା ହୋଇଯିବ। ପୂର୍ବରୁ ଏହି ଲକ୍ଷଣ ଥିବା ବ୍ୟକ୍ତିଙ୍କ ରୋଗ ଜଟିଳ ହୋଇଛି। କିନ୍ତୁ ଯେଉଁମାନଙ୍କର ଆଦୌ ଏଭଳି ଲକ୍ଷଣ ନଥିଲା, ସେମାନଙ୍କ କ୍ଷେତ୍ରରେ ବି ଏହା ବଢିଛି। କରୋନାରେ ପୀଡ଼ିତ ବ୍ୟକ୍ତି ଏକୁଟିଆ ରହିବା ପରେ ଏହି ହାତଧୁଆ ଲକ୍ଷଣ ଦେଖା ଦେଉଛି ବୋଲି ଡା.ମହାପାତ୍ର କହିଛନ୍ତି।

## ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ

# ୫ ଓଏଏସ୍‌ଙ୍କୁ ଦାୟିତ୍ୱ



**ଭୁବନେଶ୍ୱର :** ରାଜ୍ୟରେ ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ରାଜ୍ୟ ସରକାର ୫ ଜଣ ଓଏଏସ ଅଫିସରଙ୍କୁ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି । ସମସ୍ତ ଅଫିସରଙ୍କୁ ତତ୍କାଳ ପ୍ରଭାବରୁ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଆଜି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଆଠଗଡ଼ ତହସିଲଦାର ତପନ କୁମାର ଖୁଣ୍ଟିଆଙ୍କୁ ତାଳଚେର-ସମ୍ବଲପୁର ରେଳ ପ୍ରକଳ୍ପର ଦୋହରୀକରଣ ପାଇଁ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଭାବେ ସମ୍ବଲପୁରକୁ ବଦଳି କରାଯାଇଛି। ସେ ସମ୍ବଲପୁର-ଟିଟିଲାଗଡ଼ ରେଳ ପ୍ରକଳ୍ପର ଦୋହରୀକରଣ ପାଇଁ ମଧ୍ୟ ଜମି ଅଧିଗ୍ରହଣ ଅଧିକାରୀ ଭାବେ କାର୍ଯ୍ୟ କରିବେ। ସେହିପରି ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁଙ୍କୁ ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପ ନିମନ୍ତେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଭାବେ କେନ୍ଦ୍ରାପଡ଼ା ବଦଳି କରାଯାଇଛି। ତାଙ୍କୁ ମଧ୍ୟ ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳଲାଇନ୍ ଏବଂ ଶାଳଗାଁ-ବୁଢ଼ାପଙ୍କ ତୃତୀୟ ଓ ଚତୁର୍ଥ ରେଳଲାଇନ ପ୍ରକଳ୍ପ ନିମନ୍ତେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଆଠଗଡ଼ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓଙ୍କୁ ତାଳଚେର-ସମ୍ବଲପୁର ରେଳପ୍ରକଳ୍ପର ଦୋହରୀକରଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଜୋନ୍ ଅଫିସର ଭାବେ ଅନୁଗୁଳ ବଦଳି କରାଯାଇଛି। ସେ ମଧ୍ୟ ବୁଢ଼ାପଙ୍କ-ଝାରପଡ଼ା ତୃତୀୟ ଓ ଚତୁର୍ଥ ରେଳ ଲାଇନ୍ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟର ତଦାରଖ କରିବେ। ସେହିପରି ସୋନପୁର ଡେପୁଟି ଜିଲ୍ଲାପାଳ ମୁକ୍ତେଶ୍ୱର ପାଣିଗ୍ରାହୀଙ୍କୁ ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ନୂଆ ରେଳଲାଇନ୍ ପ୍ରକଳ୍ପର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଫିସର ଭାବେ ଭବାନୀପାଟଣା ବଦଳି କରାଯାଇଛି। ତାଙ୍କୁ ବିଜୟନଗରମ୍-ଟିଟିଲାଗଡ଼ ତୃତୀୟ ରେଳଲାଇନ୍ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀ ଭାବେ ଦାୟିତ୍ୱ ନ୍ୟସ୍ତ ହୋଇଛି। ସେହିପରି ଜଗତସିଂହପୁର ଡେପୁଟି ଜିଲ୍ଲାପାଳ ଅଜୟ କୁମାର ମହାନ୍ତିଙ୍କୁ ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ନୂଆ ରେଳଲାଇନ୍ ପ୍ରକଳ୍ପର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଫିସର ଭାବେ ଜୟପୁର ବଦଳି କରାଯାଇଛି।

# ବିଦ୍ୟୁତ ଦର ବୃଦ୍ଧିକୁ ବଳବତ୍ତର ରଖିଲେ ଓଇଆରସି

**ଭୁବନେଶ୍ୱର :** କରୋନା କାଳରେ ରାଜ୍ୟରେ ବିଦ୍ୟୁତ ଦର ବୃଦ୍ଧି ବିରୋଧରେ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗଙ୍କ ନିକଟରେ ଦାଖଲ ହୋଇଥିବା ରିଭ୍ୟୁ ପିଟିସନ୍ ଖାରଜ ହୋଇଯାଇଛି। ପିଟିସନ୍‌ରେ ଅନେକ ତ୍ରୁଟି ରହିଥିବା ଦର୍ଶାଇ ଆୟୋଗ ଏହାକୁ ଖାରଜ କରିଦେଇଛନ୍ତି। ଦର ବୃଦ୍ଧି ନିର୍ଦ୍ଦେଶନାମାର ପୁନଃ ସମୀକ୍ଷା ବଦଳରେ ପିଟିସନ୍‌ଟି ଏକ ଅପିଲ୍ ବୋଲି ଆୟୋଗ କହିଛନ୍ତି। ଯାହାଫଳରେ ଗତ ମାର୍ଚ୍ଚ ମାସରେ ଆୟୋଗଙ୍କ ଦ୍ୱାରା ହୋଇଥିବା ଦର ବୃଦ୍ଧି ବଳବତ୍ତର ରହିଛି। ଗତ ମାର୍ଚ୍ଚ ୨୭ତାରିଖରେ ଓଇଆରସି ଘରୋଇ କ୍ଷେତ୍ରର ବ୍ୟବହାର ପାଇଁ ବିଦ୍ୟୁତ ଦର ୟୁନିଟ୍ ପିଛା ୩୦ ପଇସା ବୃଦ୍ଧି କରିଥିଲେ। ନୂତନ ଦର ଅନୁଯାୟୀ ଉପଭୋକ୍ତାଙ୍କୁ ପ୍ରଥମ ୫୦ ୟୁନିଟ୍ ପାଇଁ ୩ଟଙ୍କା, ୫୧-୨୦୦ ୟୁନିଟ୍ ପାଇଁ ୪.୮ଟଙ୍କା ଓ ୨୦୧-୪୦୦ ୟୁନିଟ୍ ପାଇଁ ୫.୮ ଟଙ୍କା ଦେବାକୁ ପଡୁଛି। ତେବେ ଏହି ଦର ବୃଦ୍ଧି ବିରୋଧରେ ଆନନ୍ଦ ମହାପାତ୍ର ଓଇଆରସିଙ୍କ ନିକଟରେ ରିଭ୍ୟୁ ପିଟିସନ ଦାଖଲ କରିଥିଲେ। ପରବର୍ତ୍ତୀ ବିଭିନ୍ନ ପକ୍ଷର ଶୁଣାଣି କରାଯାଇଥିଲା। କମିସନ କହିଛନ୍ତି ଯେ, ସମୁଦାୟ ରାଜସ୍ୱ ଆବଶ୍ୟକତା ବା ଏଆରଆର ପାଇଁ ସମସ୍ତ ଅଂଶୀଦାରମାନଙ୍କ ପ୍ରସ୍ତାବ, ମତାମତ ଓ ଆପତ୍ତିକୁ ନେଇ ବିଚାର କରାଯାଇଥାଏ। ପରବର୍ତୀ ସମୟରେ ବିଦ୍ୟୁତ ଆଇନ ୨୦୦୩, ଟାରିଫ ପଲିସି, ଜାତୀୟ ବିଦ୍ୟୁତ ନୀତି ଓ ଅନ୍ୟ ରେଗୁଲେସନ୍‌କୁ ବିଚାରକୁ ନିଆଯାଇ ବୃଦ୍ଧି ଘୋଷଣା କରାଯାଇଛି। ତେଣୁ ପୂର୍ବରୁ ହୋଇଥିବା ନିର୍ଦ୍ଦେଶନାମାର ରିଭ୍ୟୁ କରିବା ଲାଗି ପିଟିସନ୍‌ରେ ସେଭଳି କେ ?ଣସି ପର୍ଯ୍ୟାପ୍ତ ପ୍ରମାଣଯୋଗ୍ୟ ତଥ୍ୟ ନାହିଁ। ଆବେଦନକାରୀ ପିଟିସନ୍ ତଥ୍ୟ ଆଧାରିତ ନୁହେଁ ବୋଲି ଆୟୋଗ ଦର୍ଶାଇଛନ୍ତି। ପିଟିସନ୍‌ରେ ଶ୍ରୀ ମହାପାତ୍ର କହିଛନ୍ତି, ଆୟୋଗଙ୍କ ରାୟ ଦୁର୍ଭାଗ୍ୟଜନକ। ସମସ୍ତ ଅଂଶୀଦାରମାନଙ୍କ ସହିତ ଆଲୋଚନା କରାଯାଇ ପରବର୍ତୀ ପଦକ୍ଷେପ ଗ୍ରହଣ କରାଯିବ। ତେବେ କମିସନଙ୍କ ନିକଟରେ ଗ୍ରିଡକୋ ଓ ଓପିଟିସିଏଲ୍ ହୋଇଥିବା ଶୁଣାଣିର ରାୟ ଆସି ନ ଥିବା ସେ କହିଛନ୍ତି।

## ପୂର୍ବ ଭାରତରେ ଏସ୍‌ସିବିରେ ପ୍ରଥମ

# ୨ଟି ପୋଷ୍ଟ ଡକ୍ଟରାଲ ଡିଏନ୍‌ବି ସିଟ୍‌କୁ ସ୍ୱୀକୃତି

**କଟକ :** ଏସ୍‌ସିବି ମେଡିକାଲ କଲେଜର କ୍ଲିନିକାଲ ଇମ୍ୟୁନୋଲୋଜି ଏବଂ ରୁମାଟୋଲୋଜି ବିଭାଗର ପୋଷ୍ଟ ଡକ୍ଟରାଲ ଡିଏନବି ପାଠ୍ୟକ୍ରମ ପାଇଁ ୨ଟି ସିଟ୍‌କୁ ସ୍ୱୀକୃତି ମିଳିଛି। ଫଳରେ ପ୍ରତି ବର୍ଷ ଦୁଇ ଜଣ ଡାକ୍ତରୀ ଛାତ୍ର ପୋଷ୍ଟ-ଡକ୍ଟରାଲ୍ ତାଲିମ୍ ପାଇଁ ରାଷ୍ଟ୍ରୀୟ ପରୀକ୍ଷା ବୋର୍ଡ଼ (ଏନବିଇ) ଦ୍ୱାରା ଯୋଗ୍ୟ ବିବେଚିତ ହେବେ। ଚଳିତ ବର୍ଷ ନଭେମ୍ବର ମାସର ୧୩ ଏବଂ ୧୪ ତାରିଖରେ ନିଟ୍-ଏସ୍‌ଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଭେଷଜ ସ୍ନାତକୋତ୍ତର ଛାତ୍ରଛାତ୍ରୀ ମାନେ ଆଗାମୀ ବର୍ଷରୁ ରୁମାଟୋଲୋଜି ତାଲିମ୍ ପାଇଁ ସୁଯୋଗ ପାଇବେ। ରାଷ୍ଟ୍ରୀୟ ପରୀକ୍ଷା ବୋର୍ଡ ଦ୍ୱାରା ରୁମାଟୋଲୋଜିରେ ତାଲିମ୍ ପ୍ରଦାନ ପାଇଁ ଅନୁମୋଦନ ପାଇବାରେ ପୂର୍ବଭାରତର ପ୍ରଥମ ସରକାରୀ ମେଡିକାଲ କଲେଜ ଭାବେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ





ହସ୍ପିଟାଲକୁ ଏହି ସଫଳତା ମିଳିଛି। ଏସ୍‌ସିବି ମେଡିକାଲ କଲେଜର କ୍ଲିନିକାଲ ଇମ୍ୟୁନୋଲୋଜି ଏବଂ ରୁମାଟୋଲୋଜି ବିଭାଗ ଏକ ବ୍ୟସ୍ତବହୁଳ ସୁପର ସ୍ପେସିଆଲିଟି ବିଭାଗ। ପ୍ରତ୍ୟେକ ବର୍ଷ ହାରାହାରି ପଚାଶ ହଜାରରୁ ଅଧିକ ବର୍ହିବିଭାଗ ରୋଗୀ ଏବଂ ଦୁଇ ହଜାରରୁ ଅଧିକ ରୋଗୀ ୱାର୍ଡରେ ରହି ଚିକିତ୍ସିତ ହୋଇଥାନ୍ତି। ପ୍ରଫେସର ଡାକ୍ତର ବିଦ୍ୟୁତ କୁମାର ଦାସ ୨୦୦୬ ମସିହାରେ ଭେଷଜ ବିଭାଗର ଏକ ୟୁନିଟ ଭାବେ କ୍ଲିନିକାଲ ଇମ୍ୟୁନୋଲୋଜି ଏବଂ ରୁମାଟୋଲୋଜିକୁ ଆରମ୍ଭ କରିଥିଲେ। ପ୍ରଫେସର ଦାସଙ୍କର ନିରନ୍ତର ତଥା ଆନ୍ତରିକ ପ୍ରଚେଷ୍ଟା ଦ୍ୱାରା ୨୦୧୧ ମସିହାରେ ଓଡିଶା ସରକାର ଏହି କ୍ଲିନିକାଲ ଇମ୍ୟୁନୋଲୋଜି ଏବଂ ରୁମାଟୋଲୋଜି ବିଭାଗକୁ ଏକ ସ୍ୱତନ୍ତ୍ର ବିଭାଗର ମାନ୍ୟତା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ସହକାରୀ ପ୍ରଫେସର ଡାକ୍ତର ସୌମ୍ୟରଞ୍ଜନ ତ୍ରିପାଠୀ ୨୦୧୭ ମସିହାରେ, ସହକାରୀ ସର୍ଜନ ଡାକ୍ତର ମନୋଜ କୁମାର ପରିଡା ୨୦୧୯ ମସିହାରେ ଏବଂ ସହକାରୀ ପ୍ରଫେସର ଡାକ୍ତର ସରିତ୍ ଶେଖର ପଟ୍ଟନାୟକ ୨୦୨୦ ମସିହାରେ ବିଭାଗରେ ଯୋଗ ଦେଇଛନ୍ତି। ଏସ୍ସିବି ମେଡିକାଲ କଲେଜର ଡିନ୍ ଏବଂ ପ୍ରିନସିପାଲ ପ୍ରଫେସର ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ମାର୍ଗଦର୍ଶନରେ ଏହି ବିଭାଗ ଅନେକ ବାଟ ଆଗେଇ ଆସି ପାରିଛି। ଏହି ସଫଳତାକୁ ନେଇ ବିଭାଗର ପ୍ରଫେସର ଡାକ୍ତର ବିଦ୍ୟୁତ୍ ଦାସ ମଧ୍ୟ ସନ୍ତୋଷ ବ୍ୟକ୍ତ କରିଛନ୍ତି।


## ଲଟେରି ଜରିଆରେ ମଦ ଦୋକାନ ଲାଇସେନ୍ସ ବ୍ୟବସ୍ଥାକୁ ହାଇକୋର୍ଟରେ ଚାଲେଞ୍ଜ

# ସରକାରଙ୍କ ନିଷ୍ପତ୍ତି କାଏମ

**କଟକ :** ଲଟେରି ଜରିଆରେ ମଦ ଦୋକାନ ଲାଇସେନ୍ସ ପ୍ରଦାନ ସଂପର୍କିତ ସରକାରୀ ନିଷ୍ପତ୍ତିକୁ ଚାଲେଞ୍ଜ କରି ଦାୟର ମାମଲା ଗୁଡ଼ିକୁ ହାଇକୋର୍ଟ ଖାରଜ କରିଛନ୍ତି। ଫଳରେ ଏ ସଂପର୍କିତ ସରକାରଙ୍କ ନିଷ୍ପତ୍ତି ହାଇକୋର୍ଟରେ କାଏମ ରହିଛି। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏ ସଂପର୍କିତ ପ୍ରାୟ ୩୦ଟି ମାମଲାର ଏକତ୍ର ଶୁଣାଣି କରି ଗତ ଅଗଷ୍ଟ ୯ରେ ରାୟ ସଂରକ୍ଷିତ ରଖିଥିଲେ। ଆଜି ରାୟ ପ୍ରକାଶ ପାଇଛି। ଲଟେରି ବ୍ୟବସ୍ଥା ଅସାମ୍ବିଧାନିକ ଓ ବେଆଇନ ବୋଲି ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିବା ବେଳେ ହାଇକୋର୍ଟ ଏହାକୁ ଗ୍ରହଣ କରି ନାହାନ୍ତି। ଅନ୍ୟପକ୍ଷରେ ଅବକାରୀ ରାଜସ୍ୱକୁ ଦୃଷ୍ଟିରେ ରଖି ନିଲାମ, ଟେଣ୍ଡର, ଲଟେରି ବା ଅନ୍ୟ କେଉଁ ମାଧ୍ୟମରେ ଲାଇସେନ୍ସ ପ୍ରଦାନ କରାଯିବ ସେ ନେଇ ସରକାର ନିଷ୍ପତ୍ତି ନେଇ ପାରିବେ। ଏହା ନୀତିଗତ ନିଷ୍ପତ୍ତି ହୋଇଥିବା ବେଳେ ଏଥିରେ କେ ?ଣସି ଆଇନ ଉଲ୍ଲଂଘନ ହୋଇ ନାହିଁ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିବା ଯୁକ୍ତିକୁ ହାଇକୋର୍ଟ ଗ୍ରହଣ କରି ଏ ସଂପର୍କିତ ସମସ୍ତ ଆବେଦନକୁ ଖାରଜ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ମଦ ଦୋକାନ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଅଧିକ ରାଜସ୍ୱ ଆଦାୟ ପାଇଁ ଲଟେରି ବ୍ୟବସ୍ଥା ସପକ୍ଷରେ ସରକାର ନିଷ୍ପତ୍ତି ନେଇଥିଲେ ବୋଲି କୁହାଯାଇଥିଲା। ଧାର୍ଯ୍ୟ ଲାଇସେନ୍ସ ଫି’ର ୨୦ ପ୍ରତିଶତ ବଢ଼ାଇ ଏହି ଲଟେରି କରାଯିବ। ୧୫ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ମଦ ଦୋକାନଗୁଡ଼ିକର ଲାଇସେନ୍ସକୁ ୧୦ ପ୍ରତିଶତ ବର୍ଦ୍ଧିତ ଦରରେ ନବୀକରଣ କରାଯାଉଥିବା ବେଳେ ସରକାର ଚଳିତ ବର୍ଷ ନୂଆ ବ୍ୟବସାୟୀଙ୍କୁ ସୁଯୋଗ ଦେବାକୁ ଏପରି ନିଷ୍ପତ୍ତି ନେଇଥିବା କୁହାଯାଇଥିଲା। ରାଜ୍ୟରେ ଥିବା ସମସ୍ତ ବିଦେଶୀ ଠିପି ବନ୍ଦ ଓ ଦେଶୀ ମଦ ଦୋକାନଗୁଡ଼ିକର ଲାଇସେନ୍ସକୁ ଲଟେରି ଜରିଆରେ ପ୍ରଦାନ



କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କ ଜରିଆରେ ହେବାକୁ ଥିବା ଏହି ଲଟେରି ବ୍ୟବସ୍ଥାରେ ପୁରୁଣା ବ୍ୟବସାୟୀଙ୍କ ସମେତ ନୂଆ ବେପାରୀଙ୍କୁ ମଧ୍ୟ ସୁଯୋଗ ମିଳିବ। ଏଥିପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ। ଲଟେରିରେ ନାମ ଆସିଲେ ମଦ ଦୋକାନ ଲାଇସେନ୍ସ ମିଳିବ। ଏ ନେଇ ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାପାଳମାନେ ଲଟେରି କରି ନୂଆ ବ୍ୟବସାୟୀ ଚିହ୍ନଟ କରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏଥି ପାଇଁ ସରକାର ପୁରୁଣା ଅବକାରୀ ନୟମାବଳୀରେ ସଂଶୋଧନ କରିଥିଲେ। ଏ ନେଇ ୨୦୨୧, ଜାନୁଆରି ୭ରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଲଟେରି ବ୍ୟବସ୍ଥା ସଂକ୍ରାନ୍ତରେ ଫେବ୍ରୁଆରି ୨୬ରେ ଅବକାରୀ ବିଭାଗ ନିର୍ଦ୍ଦେଶନାମା ଜାରି କରିଥିଲା। କିନ୍ତୁ ଏପରି ଲଟେରି ବ୍ୟବସ୍ଥାକୁ କେତେକ ପୁରୁଣା ବ୍ୟବସାୟୀ ବିରୋଧ କରିଥିଲେ। ନିଲାମ ନ କରି ଲଟେରି ବ୍ୟବସ୍ଥା ଦ୍ୱାରା ବ୍ୟାପକ ସମସ୍ୟା ସୃଷ୍ଟି ହେବ ବୋଲି କେତେକ ଅଭିଯୋଗ କରିଥିଲେ। ଲଟେରି ବ୍ୟବସ୍ଥା ପାଇଁ ନୟମାବଳୀରେ କରାଯାଇଥିବା ସଂଶୋଧନ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଲଟେରି ବ୍ୟବସ୍ଥା ନିୟମ ଅସାମ୍ବିଧାନିକ ବୋଲି ଆବେଦନରେ ଦର୍ଶାଯାଇଥିଲା। ଏପରି ନିଷ୍ପତ୍ତିକୁ ରଦ୍ଦ କରାଯାଉ ବୋଲି ଦର୍ଶାଇ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ମାର୍ଚ୍ଚ ୧୯ରେ ହାଇକୋର୍ଟ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାମଲାରେ ସରକାରଙ୍କ ପକ୍ଷରୁ ଦାଖଲ ଜବାବରେ ଦର୍ଶାଯାଇଥିଲା ଯେ ୨୦୧୬ରେ ଭାରତର ସିଏଜିଙ୍କ ରିପୋର୍ଟରେ ମଦ ଦୋକାନ ଲାଇସେନ୍ସ ଲଟେରି ବ୍ୟବସ୍ଥାରେ ପ୍ରଦାନ ପାଇଁ ପରାମର୍ଶ ଦିଆଯାଇଥିଲା। ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ଲଟେରି ବ୍ୟବସ୍ଥା ସପକ୍ଷରେ ସିଏଜି କହିଥିଲେ। ଅନ୍ୟ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଓ ତେଲେଙ୍ଗାନାରେ ଲଟେରି ବ୍ୟବସ୍ଥା ସଫଳତାର ସହିତ ଲାଗୁ କରାଯାଇଥିବା ବେଳେ ଅବକାରୀ ଆଇନ ଓ ନିୟମାବଳୀରେ ଆବଶ୍ୟକ ସଂଶୋଧନ କରି ରାଜ୍ୟ ସରକାର ଏହି ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଲଟେରି ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ଆଇନ ସମ୍ମତ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା। ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ମାମଲା ପରିଚାଳନା କରୁଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୪ - ୧୦ ଅକ୍ଟୋବର, ୨୦୨୧

# ପାର୍ବଣ ଋତୁରେ ଭିଡ ଏଡାନ୍ତୁ

ସଂକ୍ରମଣ କମ ହୋଇଥିଲେ ବି ରାଜ୍ୟରେ କରୋନା କଟକଣା ଥିବା ହେତୁ ଚଳିତ ବର୍ଷ ଦଶହରା ବିନା ଆଡମ୍ବରରେ ଅନୁଷ୍ଠିତ ହେବ। ମୂର୍ତ୍ତିର ଉଚ୍ଚତା କମ ରହିବ, ତିନିପଟେ ବନ୍ଦ ରହିବ ଓ ସୀମିତ ଭକ୍ତରେ ପୂଜା କାର୍ଯ୍ୟ ସମ୍ପନ୍ନ ନିଷ୍ପତ୍ତି ମଧ୍ୟରେ ସାଧାରଣ ଭକ୍ତ ମଣ୍ଡପକୁ ଯାଇ ଦର୍ଶନ କରିବା ଉପରେ କଠୋର କଟକଣା ରହିଛି। ସେଭଳି ମୂର୍ତ୍ତି ବିସର୍ଜନ ବେଳେ ମଧ୍ୟ ବିନା ବାଜା ରୋଷଣୀରେ ମା'ଙ୍କ ଭଷାଣୀ ହେବ। ବିଜ୍ଞାନ ସମ୍ମତ କାରଣ ତଥା କରୋନା ସଂକ୍ରମଣ ନବଢ଼ିବାକୁ ଏହା ସରକାରୀ ପଦକ୍ଷେପ। କାରଣ ଜନସାଧାରଣଙ୍କ ଉପରେ କଟକଣା ନଲାଗିଲେ ସେମାନେ ନିଜ ତରଫରୁ କୌଣସି ପଦକ୍ଷେପ ନେବା ଅସମ୍ଭବ ମନେହୁଏ। ଯେଉଁଥିପାଇଁ ନିୟମର ଆବଶ୍ୟକତା ଓ ଏହାର କଠୋର ପାଳନ ଆବଶ୍ୟକତା ଅଛି। ଅନ୍ୟପକ୍ଷରେ ଦେଶରେ ପୁଣିଥରେ ସଂକ୍ରମଣ ଉପରମୁହାଁ ହୋଇଛି। ଦୈନିକ କରୋନା ସଂକ୍ରମଣ ୨୦ % ତଳେ ଥିଲା ବେଳେ ଏବେ ଏହା ୨୪% ଉପରକୁ ଗଲାଣି। ପାର୍ବଣ ଋତୁ ପାଇଁ କେନ୍ଦ୍ର ସରକାର ଲୋକମାନଙ୍କୁ ସତର୍କ କରାଇଛନ୍ତି। ପାର୍ବଣରେ କୋଭିଡ ନିୟମାବଳୀ କଡାକଡି ଭାବେ ପାଳନ କରିବା ପାଇଁ ସରକାର କହିଛନ୍ତି। ଆଇସିଏମାର ଡିଜି ବଳରାମ ଭାର୍ଗବ ଲୋକମାନଙ୍କୁ କରୋନା ନିୟମାବଳୀ ସଠିକ ଭାବେ ପାଳନ କରିବାପାଇଁ ନିବେଦନ କରିବା ସହ ଜରୁରୀ କାର୍ଯ୍ୟ ନଥିଲେ ବାହାରକୁ ନଯିବା ପାଇଁ କହିଛନ୍ତି। ଅନ୍ତତଃ ଗୋଟିଏ ବର୍ଷ ପାଇଁ ଜନସାଧାରଣ ସତର୍କ ରହିବା ଉଚିତ ବୋଲି ସେ କହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାକେଶ ଭୂଷଣ କହିଛନ୍ତି, ଲୋକେ କୋଭିଡ ନିୟମାବଳୀର ପାଳନ ସହ ଉତ୍ସବ ମନାଇବା ଉଚିତ। ଏପଟେ ଦ୍ୱୈତ ମହାନଗରୀରେ ଭୁବନେଶ୍ୱର-କଟକରେ ନାଇଟ କର୍ଫ୍ୟୁ କଡାକଡି କରାଯାଇଛି। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଦୀପାବଳି ଓ ପାର୍ବଣରେ ବାଣ ବିକ୍ରି ହେବନି କି ଫୁଟିବନି ସାଧାରଣଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଏବଂ କରୋନା ସଂକ୍ରମଣ କମାଇବାକୁ ପାର୍ବଣ ମାସ ପାଇଁ ଏହି କଟକଣା ଲଗାଯାଇଛି। କରୋନାର ଦ୍ୱିତୀୟ ଲହର ରାଜ୍ୟରେ ସଂକ୍ରମଣ ଆହୁରି ନିମ୍ନଗାମୀ ହେବାରେ ଲାଗିଛି। ଏହାସହ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ମଧ୍ୟ କମି କମି ଆସିଲାଣି। ଏପରିକି ବୌଦ୍ଧ ଜିଲ୍ଲାରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ଶୂନ୍‌କୁ ଖସି ଆସିଛି। ଏହି ଜିଲ୍ଲାରେ ଜଣେ ହେଲେ ଚିକିତ୍ସାଧୀନ କରୋନା ରୋଗୀ ନାହାନ୍ତି। ଏହା ରାଜ୍ୟର ଏକମାତ୍ର ଜିଲ୍ଲା ଭାବେ ବିନା ଚିକିତ୍ସାଧୀନ ଜିଲ୍ଲା। ସେହିଭଳି ଗଜପତି, ନୂଆପଡା, ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ତଳକୁ ଖସି ଆସିଲାଣି। ଏଭଳି ପରିସ୍ଥିତିରେ ରାଜ୍ୟରେ କରୋନା ଟେଷ୍ଟିଂ ୨ କୋଟି ଟପି ସାରିଛି। ଦୈନିକ ସଂକ୍ରମଣ, ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟାରେ ହ୍ରାସ ସତ୍ତ୍ୱେ ପାର୍ବଣ ସମୟରେ ଏହି ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଥିବାରୁ ସରକାର ନୂଆ କଟକଣା ଜାରି କରିଛନ୍ତି। ତେଣୁ ପାର୍ବଣ ସମୟରେ ଅଧିକ ସତର୍କ ରହିବା ଲାଗି ସଚେତନ କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର। ଶ୍ରୀ ମହାପାତ୍ର କହିଛନ୍ତି, ପାର୍ବଣରେ ଭିଡ ସଂକ୍ରମଣକୁ ବଢ଼ାଇ ଦେଇପାରେ। ଖୋର୍ଦ୍ଧା ଜିଲ୍ଲାରେ ସଂକ୍ରମଣ କମୁଥିଲେ ହେଁ ତଥାପି ଅଧିକ ଭୟ ରହିଛି। ସବୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଓ ଆଇସିଏମ୍ଆର ନିର୍ଦ୍ଦେଶକ ମଧ୍ୟ ଦେଶବାସୀଙ୍କୁ ପାର୍ବଣ ସମୟରେ ସଜାଗ ରହିବା ପାଇଁ ଅନୁରୋଧ କରିଛନ୍ତି। ତେଣୁ ଏହି ସମୟରେ ସମସ୍ତଙ୍କୁ ଅଧିକ ଦାୟିତ୍ୱବାନ ହେବାର ଆବଶ୍ୟକତା ରହିଛି। ଶ୍ରୀ ମହାପାତ୍ର ଆହୁରି କହିଛନ୍ତି ଯେ, କୋଭିଡ୍ ସଂକ୍ରମଣ ପାଇଁ ଇଣ୍ଟରନାଲ ଇନ୍‌ଫେକ୍‌ସନ ହୋଇଥାଏ। ହାର୍ଟ, ଲଙ୍ଗସ୍, ବ୍ରେନ୍ ଉପରେ ଏହାର ଅଧିକ ପ୍ରଭାବ ପଡିଥାଏ। ତେଣୁ ଯେଉଁମାନେ କରୋନା ଟିକା ନେଉଛନ୍ତି ସେମାନଙ୍କର ଟିକା ନେଉ ନଥିବା ବ୍ୟକ୍ତିଙ୍କ ଠାରୁ କମ କ୍ଷତି ହେଉଛି।

ସମ୍ପାଦକୀୟ
ତାରକ ମହାନ୍ତି



ଅନ୍ୟପକ୍ଷରେ ଟିକାକରଣରେ ଆମ ଦେଶ ଆଉ ଏକ ମାଇଲଖୁଣ୍ଟ କରିବାକୁ ଯାଉଛି। ଆଗାମୀ ସପ୍ତାହକ ମଧ୍ୟରେ ୧୦୦ କୋଟି ଲୋକଙ୍କ ଟିକାକରଣ ଲକ୍ଷ୍ୟ ହାସଲ ହେବାକୁ ଯାଉଛି। ଦେଶରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୯୦ କୋଟି ଲୋକଙ୍କ ଟିକାକରଣ ହୋଇଥିବା ବେଳେ ଆଉ ୧୧ କୋଟି ଲୋକଙ୍କ ପାଇଁ ଏକ ସପ୍ତାହ ସମୟ ଧାର୍ଯ୍ୟ କରାଯାଇଛି। ମହାତ୍ମା ଗାନ୍ଧିଙ୍କ ଜୟନ୍ତୀରେ ଟିକାକରଣକୁ ନେଇ ବିଶେଷ ଅଭିଯାନ ଆରମ୍ଭ କରାଯାଇଛି। ଟିକାକରଣକୁ ୯ମାସ ପୂରଣ ହେବାକୁ ଯାଉଥିବା ବେଳେ ୧୮ରୁ ଊର୍ଦ୍ଧ୍ୱ ବୟସ୍କ ୬୯% ଜନସଂଖ୍ୟା ଅତିକମରେ ଗୋଟିଏ ଡୋଜ୍ ନେଇ ସାରିଛନ୍ତି ଏବଂ ୨୫% ସମ୍ପୂର୍ଣ୍ଣ (୨ଟି ଡୋଜ୍) ଟିକା ନେଇ ସାରିଛନ୍ତି। ପ୍ରତି ୪ ଜଣରେ ଜଣେ ଭାରତୀୟ ସମ୍ପୂର୍ଣ୍ଣ ଟିକା ନେଇଛନ୍ତି। ଭାରତ ଏପରି ଏକ ସମୟରେ ଏହି ଲକ୍ଷ୍ୟ ହାସଲ କରିଛି ଯେତେବେଳେ ଦେଶରେ ୬ମାସରୁ ଅଧିକ ସମୟ ପରେ ସକ୍ରିୟ ସଂକ୍ରମଣ ସଂଖ୍ୟା ୩ଲକ୍ଷରୁ କମିଛି। ସର୍ବାଧିକ ସଂଖ୍ୟକ ଲୋକ ଅନ୍ତତଃ ଗୋଟିଏ ଡୋଜ୍ କରୋନା ଟିକା ନେବାରେ ଚୀନ୍ ତଳକୁ ଭାରତର ସ୍ଥାନ ଦ୍ୱିତୀୟରେ ରହିଛି। ଡିସେମ୍ବର ଶେଷ ସୁଦ୍ଧା ଭାରତ ସମସ୍ତ ବୟସ୍କଙ୍କ ଟିକାକରଣ ଅଭିଯାନ ଶେଷ କରିପାରିବ ବୋଲି ଆଶା କରାଯାଉଛି। ଦେଶରେ ୬୫ କୋଟି ଲୋକ ଅତି କମରେ ଗୋଟିଏ ଡୋଜ୍ ନେଇସାରିଥିବାରୁ ଏହା ଦେଶ ପାଇଁ ଆଶ୍ୱସ୍ତିର କାରଣ ପାଲଟିଛି। ଭାରତରେ ଟିକାକରଣ ଅଭିଯାନ ଜୁଲାଇ ୨୦୨୧ ପରେ ତ୍ୱରାନ୍ୱିତ ହୋଇଥିଲା। ଦ୍ୱିତୀୟ ଲହର ଶୀର୍ଷରେ ଥିଲା ବେଳେ ଦେଶରେ ଟିକା ଅଭାବ ଦେଖାଦେଇଥିଲା। ଏବେ ଜୁଲାଇରୁ ଏହି ଅଭାବ ଦୂର ହୋଇଛି ଏବଂ ଦେଶର ସବୁ ଅଞ୍ଚଳରେ ଟିକାକରଣ ପ୍ରକ୍ରିୟା ବ୍ୟାପକ ଭାବେ ଚାଲିଛି। ସବୁ ସତ୍ତ୍ୱେ ଜନସାଧାରଣ ସଚେତନ ନରହିଲେ ସଂକ୍ରମଣ ଲୋପ ପାଇବା ଅସମ୍ଭବ। ତେଣୁ କୋଭିଡ୍ ଗାଇଡଲାଇନ ଅନୁସାରେ ସମସ୍ତଙ୍କୁ ଚଳିବା ଦରକାର। ସାମାଜିକ ଦୂରତା, ହାତ ଧୋଇବା ଏବଂ ମାସ୍କ ପରିଧାନ ଭଳି ଅନେକ ନିୟମ ସହ ଆମକୁ ବାନ୍ଧି ହୋଇ ରହିବାକୁ ପଡିବ। କାରଣ କରୋନା ଭୂତାଣୁ ଏଭଳି ଏକ ଭୟଙ୍କର ଭୂତାଣୁ ଯେ କି ପ୍ରତି ମୁହୂର୍ତ୍ତରେ ତା'ର ରୂପ ବଦଳାଇବାକୁ ସକ୍ଷମ ହେଉଛି। ତେଣୁ କେଉଁ ଭେରିଆଣ୍ଟ କେତେବେଳେ କେଉଁ ରୂପ ଦେଖାଇବ ତାହାର ପୂର୍ବ ଆକଳନ ଆଦୌ ସମ୍ଭବ ନୁହେଁ। ଦେଶ-ଦେଶ ଓ ରାଜ୍ୟ-ରାଜ୍ୟ ମଧ୍ୟରେ କରୋନା ଭୂତାଣୁର ଭେରିଆଣ୍ଟ ମଧ୍ୟରେ ଅନେକ ପାର୍ଥକ୍ୟ ରହୁଛି। କିଛି ଭେରିଆଣ୍ଟ ଅତ୍ୟନ୍ତ ବିପଦଜନକ ସାବ୍ୟସ୍ତ ହେଉଥିଲା ବେଳେ ଆଉ କେତେକ ଭେରିଆଣ୍ଟ ଅଧିକ ମାରାତ୍ମକ ନୁହନ୍ତି। ତଥାପି କରୋନା ଯେ ଏକ ଭୟଙ୍କର ଭୂତାଣୁ ଏହା ବିଶ୍ୱବାସୀ ଅନୁଭବ କରୁଛନ୍ତି। ମଣିଷ ଉପରେ ଏହାର ପ୍ରଭାବ ଅତ୍ୟନ୍ତ ମାରାତ୍ମକ ହୋଇଥିଲା ବେଳେ କେତେକ କ୍ଷେତ୍ରରେ ଏହା ଜୀବନ ନେଇଯାଉଛି। କରୋନାରେ ପୀଡିତ ହୋଇ ସୁସ୍ଥ ହେବା ପରେ ମଧ୍ୟ ପରବର୍ତ୍ତୀ ସମୟରେ ଶରୀରରେ ଅନେକ ସମସ୍ୟା ଦେଖିବାକୁ ମିଳୁଛି। ତେଣୁ କରୋନାକୁ ସହଜ ମନେ କରାଯାଇନପାରେ। ଏଭଳି ପରିସ୍ଥିତିରେ ଆଗକୁ ପାର୍ବଣ ଋତୁ ଆସୁଥିବାରୁ ସମସ୍ତେ ନିଜ ନିଜ କ୍ଷେତ୍ରରେ ସଚେତନ ରହି ବିନା କାରଣରେ ବଜାରକୁ ବାହାରିବା ଅନୁଚିତ। କାରଣ ଅସମ୍ଭବ ଭିଡ ହିଁ କରୋନା ଅଧିକ ସଂକ୍ରମଣର ଅନ୍ୟତମ କାରଣ ପାଲଟିବାର ଆଶଙ୍କା ରହିଛି।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଜୀବନଗୀତର ସ୍ଥାୟୀ ଅନ୍ତରା



ଡକ୍ଟର କିଶୋର ମହାନ୍ତି

ଜୀବନ ଏକ କଠୋର ସାଧନାର ପଥ। ଆଉ ଯିଏ ସେଇ କଠୋର ସାଧନାରେ ବ୍ରତୀ, ସେ ଜୀବନରେ ପରମ ଶାନ୍ତି ଓ ତୃପ୍ତି ପାଇପାରିଛି। ଏହି ସାଧନାରେ ସିଦ୍ଧି ପ୍ରାପ୍ତି ହୁଅନ୍ତି ସ୍ୱଳ୍ପ ବ୍ୟକ୍ତିବିଶେଷ। ପ୍ରକୃତରେ ସେମାନେ ସେମାନଙ୍କର ପ୍ରତିଭା ବଳରେ ଦେଶ ଓ ଦଶର ନାଁ ରଖିଯାଇଥାନ୍ତି। ଯୁଗଯୁଗ ଧରି ସେମାନେ ଆମର ସ୍ମୃତି ପଟଳରେ ରହିଥାନ୍ତି। ଏହା ସତ୍ୟ ଯେ ସାଧନାର ପଥ ବେଶ୍ କଙ୍କରିଳ। ଆଉ ଏଇ କୁଚ୍ଛ ସାଧନାରେ ସିଦ୍ଧି ପ୍ରାପ୍ତି ବି ଏତେ ସହଜ ନୁହେଁ। ଏଥିପାଇଁ ପ୍ରତି ଛତ୍ରେଛତ୍ରେ ସଂଗ୍ରାମ ଲୋଡ଼ା। ଜୀବନ ପୁନରାୟ ସଂଘାତ ଓ ସଂଘର୍ଷର କ୍ଷେତ୍ର ଏବଂ ଯେଉଁମାନେ ଯୋଦ୍ଧୃସେନାନୀ ଭାବରେ ତାକୁ ମୁକାବିଲା କରିପାରିଛନ୍ତି, ସେମାନେ ଜୀବନରେ ଜୟୀ ହୋଇଛନ୍ତି। କିଛିକିଛି ଅକୃତକାର୍ଯ୍ୟବା ଅସଫଳତା ପାଇ ମଧ୍ୟ ହାରିଯାଇ ନାହାନ୍ତି। ବରଂ ପଛଘୁଞ୍ଚା ନାହିଁ ବୀରର ଜାତକେ, ନମରେ ସେ କେବେ ପରାଣ ଆତଙ୍କେ— ପରି କାପୁରୁଷପଣିଆ ପ୍ରଦର୍ଶନ ନ କରି ଅହରହ ସଂଗ୍ରାମରେ ଲାଗି ପଡ଼ିଥାନ୍ତି। ଜୀବନର ନିର୍ଯ୍ୟାସ ଟିକିଏ ଯିଏ ପାଇଛି ସେ ନିଜକୁ ପ୍ରକୃତରେ ଧନ୍ୟ ମନେକରିଛି। ଏଇ ଜୀବନ କେତେବେଳେ ସାଥି ତଥା ସହୋଦର ଭାବରେ ଦୁଃଖ ଓ ସୁଖରେ ସାଥି ହୋଇଛି, ଅଳି ଅର୍ଦ୍ଦଳି ସହିଛି, ଦୁଃଖରେ ଛାତିକୁ ପଥର କରିଛି, କେତେବେଳେ ଆଖିରୁ ଲୋତକ ହେଇ ବହିଯାଇଛି, ଆଉ କେତେବେଳେ ପର ଦୁଃଖରେ ମ୍ରିୟମାଣ ହୋଇଛି। ଜୀବନ ତ ଏଇପରି ଗୋଟେ ପ୍ରବାହମାନ ସ୍ରୋତ, ଜୀବନ୍ତ ଧାରା।

ଆଜିର ଯୁଗରେ ଆଚରଣ ଓ ଉଚ୍ଚାରଣରେ ତଥା କାର୍ଯ୍ୟଶୈଳୀରେ ଭାରସାମ୍ୟ ରହୁନାହିଁ। ମଣିଷ ଜୀବନରେ ଶଠତା ବେଶୀ ଭାବରେ ଆଚରଣ କରୁଛି। ଜୀବନର ପୁଷ୍କଳ ମାର୍ଗକୁ ଜାଣିଜାଣି କଳୁଷିତ ଓ କଣ୍ଟକିତ କରିଦେଉଛି। ଜୀବନର କୁଚ୍ଛ ସାଧନା ଯେ କରିଛି ସେ ଯୋଗୀ, ମହାପୁରୁଷ, ମହାନ ବ୍ୟକ୍ତି ଆଜି ଆଉ କାହାନ୍ତି ? ସେମାନେ ସଂସାରରୁ ବିଦାୟ ନେଲେଣି।

ସ୍ୱାମୀ ବିବେକାନନ୍ଦ, ମନୀଷୀ ମହର୍ଷି ଶ୍ରୀଅରବିନ୍ଦଙ୍କ ପରି ମାନବ ପ୍ରେମରେ ଉଦ୍‌ବୁଦ୍ଧ ତଥା ଜୀବନକୁ ସଠିକ୍ ମାର୍ଗରେ ଉପଯୋଗ କରିବାରେ ଯେଉଁ ନୀତି ଓ ଆଦର୍ଶର ପଥ ଆପଣେଇ ନେଇ ମାର୍ଗ ପ୍ରଦର୍ଶନ କରିଯାଇଛନ୍ତି, ଅନ୍ୟମାନଙ୍କ ପାଇଁ ଯେଉଁ ନୀତି ଓ ଆଦର୍ଶର ପଥ ଦେଖାଇ ଦେଲେ, ତାହା ମଣିଷଜୀବନରେ ପାଇବା ଦୁଷ୍ପ୍ରାପ୍ୟ। ଏବେ ବି ବେଦର ବାଣୀ ଆହ୍ୱାନ କରୁଛି—

"ସର୍ବେଽତ୍ର ସୁଖିନଃସନ୍ତୁ
ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ
ମା କଶ୍ଚିଦ୍ ଦୁଃଖ ମା' ପୁୟାତ୍ ।

ବୁଦ୍ଧି ହେଉଛି ମଣିଷର ଲଗାମ। ମଣିଷ ବିଚାର କରି ତାକୁ ବ୍ୟବହାର କରେ। ଯେ ବିଚାର ପୂର୍ବକ ବ୍ୟବହାର ନ କରେ ସେ ମନୁଷ୍ୟ ପଦବାଚ୍ୟ ନୁହେଁ। ଜୀବନ ହେଉଛି ଏକନିରବଧି ସ୍ରୋତସ୍ୱିନୀ ଧାରା– ଚିର ଚଞ୍ଚଳ ଓ ଗତିଶୀଳ।

ଯେପରି ନଦୀଟିଏ ବିକ୍ଷିପ୍ତ ହୋଇଗଲେ, ପ୍ରବାହ କମିଯାଏ ଓ ଅଧିକ ଗତିଶୀଳ ହୋଇପାରେନା, ଜୀବନ ସେମିତି ତା' ପଥକୁ କେହି ଗତିରୋଧ କରିପାରିବେ ନାହିଁ। ତା'ର ଧାରା ଅପ୍ରତିହତ। ଥରେ ପ୍ରତିହତ ବା ବିକ୍ଷିପ୍ତ ହୋଇଗଲେ ଜୀବନ ଆଗକୁ ମାଡ଼ି ଚାଲିବ ନାହିଁ। ପ୍ରଗତି ସମ୍ଭବପର ନୁହେଁ।

ବାସ୍ତବିକ ଜୀବନ ଅନନ୍ୟ ଓ ଅମୂଲ୍ୟ। ଜୀବନକୁ ଭକ୍ତିମୟ କରିବା ଉଚିତ। ଯାହାଙ୍କ ପାଇଁ କର୍ମ କରୁଛେ, ତାଙ୍କୁ ଭଗବାନ ବୋଲି ମନେକର। ଏପରି କଲେ ଜଡ଼ ଓ କର୍ମରେ ବି ସରସତା ଉତ୍ପନ୍ନ ହୋଇଥାଏ। ସମାଜ ସେବାରେ ନିଜକୁ ନିୟୋଜିତ କଲେ ଭଗବାନ ସନ୍ତୁଷ୍ଟ ହେବେ ଏବଂ ସେଇ ଜନସେବା ହେବ ମାଧବ ସେବା।

ଆମର କର୍ମରେ ପ୍ରେମ ରହୁ। ଧର୍ମରେ ପ୍ରେମ ରହୁ। ସଂପର୍କରେ ପ୍ରେମ ରହୁ। ବନ୍ଧୁ ତଥା ପରିବାର ସହ ପ୍ରେମ ରହୁ। ପ୍ରେମର ଶୀକୁଳିରେ ଥରେ ବାନ୍ଧି ଦେଲେ କେହି ଖସି ଯାଇପରିବେ ନାହିଁ। ମଣିଷଭିତରେ ସେହିଶୁଦ୍ଧ ପ୍ରେମ ଟିକକ ଉଦ୍ରେକ ହେଉ। ତେଣୁ ଏଇ ପରିପ୍ରେକ୍ଷୀରେ ପଣ୍ଡିତ ଗୋପବନ୍ଧୁ ଦାସ କହିଥିଲେ– "ଜୀବନ କି ଖାଲି ନିରାଶାର ବାଲି

ମରୁ ମରୀଚିକା ସେନେହ ପ୍ରୀତି
ତେବେ କି ଆଶାରେ କହ ଏ ସଂସାରେ
ପର ଲାଗି ନର ମରୁଛି ନିତି।"

ମଣିଷ ଭିତରେ ଅହଂକାର ଶୂନ୍ୟ ହୋଇଗଲେ ସାମ୍ୟତା ଆସିବ। ମଣିଷ ଭିତରେ ସମାନତା ଅଭାବରୁ ଉଚ୍ଚନୀଚ ଭେଦଭାବ ସୃଷ୍ଟି ହେଉଛି। ସେଥିପାଇଁ ଜାତି ଜାତି ଭିତରେ ଏତେ ବିଭେଦ ଧର୍ମ ସଂପ୍ରଦାୟ ଭିତରେ ଏତେ ସଂଘର୍ଷ, ଯାହା ସଂସାର ଓ ସମାଜକୁ ରସାତଳଗାମୀ କରୁଛି। ସଂପର୍କ ଛିନ୍ନ ହୋଇଯାଉଛି। ପାପ ଗ୍ରାସ କରୁଛି। ବିଭିଦତା ପ୍ରାଚିର ମୁଣ୍ଡ ଟେକୁଛି। ଏହା ନିଶ୍ଚିତ ଜୀବନ କ୍ଷଣଭଙ୍ଗୁର ବୁଦ୍‌ବୁଦ୍ ସମ। କିନ୍ତୁ ସେଇ ଅମୂଲ୍ୟ ଜୀବନ ଯେ ସାମଗ୍ରିକ ଭାବରେ ଅନ୍ୟର ଦରଦ ତଥା ସାହାଯ୍ୟ ପାଇଁ ଅଭିପ୍ରେତ ଏହା ବୁଝିବାକୁ ହେବ। "ମୋ' ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ଏଇ ମହନୀୟ ଭାବଧାରାରେ ସମସ୍ତେ ଅନୁପ୍ରାଣିତ ହେଲେ ଜୀବନ ଅମୃତମୟ ହୋଇଯିବ।

*କଟକ, ମୋ: ୯୪୩୭୭୨୮୪୭୫*

# ଚିକିତ୍ସା ବିଜ୍ଞାନରେ ଗୁଡ଼ର ଆବଶ୍ୟକତା

ଡାକ୍ତର ନଟବର ନାୟକ

ଆଜିର କରୋନା ମହାବିଭୀଷିକା ସମୟରେ ଲୋକମାନେ ନିଜର ରୋଗ ପ୍ରତିରୋଧକ ଶକ୍ତି ଓ ଶରୀରରେ ରକ୍ତ ବୃଦ୍ଧି ସହ ଶାରୀରିକ ପ୍ରତିପୋଷଣ ନିମିତ୍ତ ଗୁଡ଼କୁ ବେଶୀ ଆଦର କରୁଛନ୍ତି। ଗତବର୍ଷ ଠାରୁ କରୋନା ଦେଖାଯିବା ପୂର୍ବରୁ ଗୁଡ଼ର ବ୍ୟବହାର ଓ ବିକ୍ରିବଟା ସେତେଟା ରହିନଥିଲା କିନ୍ତୁ ଏହି କରୋନା ହିଁ ଗୁଡ଼ର ବ୍ୟବହାରକୁ ଦେଖାଇଦେଲା। ବିଭିନ୍ନ ରୋଗରେ ଗୁଡ଼ର ପ୍ରୟୋଗ ରହିଛି। ଧରନ୍ତୁ ଜଣେ ଭଦ୍ରବ୍ୟକ୍ତିଙ୍କର ପାକସ୍ଥଳୀରେ ଗୋଟିଏ ମାଂସ ବୃଦ୍ଧି ହେଲା। ହୃତ୍‌ପିଣ୍ଡର ପରଦା ସବୁ କଠିନ ହୋଇଗଲା, ଶ୍ୱାସ ଯନ୍ତ୍ରର ନଳୀସବୁ ରୁଦ୍ଧ ହୋଇଗଲା। ଅଜୀର୍ଣ୍ଣ ହେଲା, ଝାଡ଼ା ସଫା ହେଲା ନାହିଁ। ଦାନ୍ତ ମାଢ଼ି ପାଚିଲା, ମୁଣ୍ଡରେ ପାଣି ଜମିବା ଓ ସ୍ନାୟୁ ବିଭାଗ ଦୁର୍ବଳ ହୋଇଗଲା, ଓଜନ କମି ଆସିଲା ଓ କେଶ ପାଚି ଧଳା ପଡ଼ିଗଲା। ବିଶେଷଜ୍ଞମାନଙ୍କ ମଧ୍ୟରୁ ପରାମର୍ଶ କ୍ରମେ ଔଷଧ ଖାଇ ମଧ୍ୟ ବିଶେଷ ଫଳ ମିଳି ନଥିଲା। ସେ ତାଙ୍କର ଜଣେ ପଡ଼ୋଶୀ ଠାରୁ ଡାକ୍ତର ସିରିଲ ସ୍କଟଙ୍କ ଗୁଡ଼ ଚିକିତ୍ସା ଶୁଣିବାକୁ ପାଇ ସେହି ଚିକିତ୍ସାର ଆଶ୍ରୟ ନେଲେ। କିଛିଦିନ ପରେ ତାଙ୍କ ପାକସ୍ଥଳୀରେ ହୋଇଥିବା ମାଂସବୃଦ୍ଧି ମିଳାଇ ଯିବା ସଙ୍ଗେ ସଙ୍ଗେ ତାଙ୍କର ଥିବା କେଶ କଳା ପଡ଼ିଯାଇଥିଲା। ସେହିପରି ଜରାୟୁରେ ମାଂସବୃଦ୍ଧି, ସ୍ତନରେ ମାଂସବୃଦ୍ଧି, ପାକସ୍ଥଳୀରେ ମାଂସବୃଦ୍ଧି, ଜିହ୍ୱାରେ ମାଂସବୃଦ୍ଧି ଇତ୍ୟାଦି। ମାଂସବୃଦ୍ଧିରେ ଘା' ହୋଇଥିଲେ ମଧ୍ୟ ଗୁଡ଼ ଚିକିତ୍ସାରେ ଆରୋଗ୍ୟ ଲାଭ କରିଥିବାର ଦେଖାଯାଇଛି। ଅନେକ ହୁଏତ ଜାଣିନାହାଁନ୍ତି ଆଣ୍ଠୁ ଗଣ୍ଠି ବାତ ଓ କ୍ୟାନସର ପ୍ରାୟ ଏହି କାରଣରୁ ହୋଇଥାଏ। ଶରୀରରେ ପୋଟାସିୟମ ଲବଣର ଅଭାବ କ୍ୟାନସରର ମୁଖ୍ୟ କାରଣ। ମାଟିତଳେ ଯାଇଥିବା ଝରଣା ବା ଡ୍ରେନ ଉପରେ ବାସ କଲେ ବା ମାଟିତଳେ ଯାଇଥିବା ଦୁଇଟି ଜଳସ୍ରୋତ ପରସ୍ପରକୁ କାଟି ଥିବା ଛକ ଉପରେ ବାସକଲେ, ବାସ କରୁଥିବା ଅଧିବାସୀ ମାନଙ୍କୁ କ୍ୟାନସର ହେବାର ସମ୍ଭାବନା ଥାଏ। ପୋଟାସିୟମ ଲବଣ ରକ୍ତରେ ମିଳିବା ଭଳି ଅବସ୍ଥାରେ ଖାଇବାକୁ ଦେଇ କ୍ୟାନସର ରୋଗୀକୁ ଆରୋଗ୍ୟ କରିଥିବା କଥା ଡାକ୍ତର ଫୋର୍ବସ ରସ୍ ଦର୍ଶାଇଛନ୍ତି। ଗୁଡ଼ରେ ପ୍ରଚୁର ପରିମାଣରେ ପୋଟାସିୟମ ଥିବାରୁ କ୍ୟାନସର ରୋଗଗ୍ରସ୍ତ ବ୍ୟକ୍ତି ବିଶେଷଙ୍କୁ ଗୁଡ଼ ଖାଇବାକୁ ଦେବା ଉଚିତ। ଆଉ ଗୋଟିଏ କ୍ଷେତ୍ରରେ ଦେଖନ୍ତୁ, ଦୁଶ୍ଚିନ୍ତା ଆଣ୍ଠୁଗଣ୍ଠି ରୋଗ ପ୍ରତି କ୍ଷତିକାରକ। ଥରେ ଆରୋଗ୍ୟ ଲାଭ କଲାପରେ ଚିନ୍ତାଗ୍ରସ୍ତ ହେଲେ ଏହି ରୋଗ ପୁଣି ଆକ୍ରମଣ କରିବାର ଦେଖାଯାଏ। ଶରୀରରେ ଥିବା ପୋଟାସିୟମ ଲବଣ ଚିନ୍ତା ଯୋଗୁଁ କ୍ଷୟ ହୋଇଥାଏ। ଆଖୁରୁ ପ୍ରସ୍ତୁତ ଗୁଡ଼ରେ ଅନ୍ୟାନ୍ୟ ଫୁସ୍‌ଫେଟ ସହ ପ୍ରଚୁର ଲୌହ। ଏଥିରେ ପୋଟାସିୟମ ମଧ୍ୟ ଥାଏ। ଗୁଡ଼ରେ ଥିବା ଲୌହ ରକ୍ତରେ ଦହନ କ୍ରିୟାରେ ସାହାଯ୍ୟ କରିଥାଏ। ଚର୍ମ ରୋଗରେ ଗୁଡ଼ ଚିକିତ୍ସା ବିଶେଷ ଫଳପ୍ରଦ। ଉଦାହରଣ ବଶତଃ ଭଦ୍ର ବ୍ୟକ୍ତିଙ୍କର ହାତ ଦୁଇଟି ଫୁଲିଯାଇ ନାଲି ଦେଖା ଯାଉଥିଲା। ସେ ଗୁଡ଼ ପାଣିରେ ଦୈନିକ କିଛିଦିନ ଧରି ହାତ ବୁଡ଼ାଇବା ଫଳରେ ଆରୋଗ୍ୟ ଲାଭ କଲେ। ସ୍ଥାୟୀ ଆରୋଗ୍ୟ ପାଇଁ ଚର୍ମ-ରୋଗ-ଗ୍ରସ୍ତ ବ୍ୟକ୍ତି ଆକ୍ରାନ୍ତ ସ୍ଥାନକୁ ଗୁଡ଼ ପାଣିରେ ଧୋଇବା ସଙ୍ଗେ ସଙ୍ଗେ ଦୈନିକ ଗୁଡ଼ ଖାଇବା ଉଚିତ। ଡାକ୍ତରୀ ମତରେ ଚର୍ମରୋଗରେ ମଲମ ବ୍ୟବହାର କରାଯାଇ ଥାଏ। କିନ୍ତୁ ତାହା ଦେହରେ ଉପକାର ପରିବର୍ତ୍ତେ ଅପକାର କରିଥାଏ। ଚର୍ମ ରୋଗର ଚପିଗଲେ ଶ୍ୱାସରୋଗ ବାହାରିଥାଏ। ଅନେକ କ୍ଷେତ୍ରରେ ଦେହର ଅଭ୍ୟନ୍ତରରେ ଥିବା ମୂଲ୍ୟବାନ ଅଂଶ ଆକ୍ରାନ୍ତ ହୋଇ କ୍ଷତି ସାଧନ କରେ।

ଆଜିର ସମୟ ଦେଖନ୍ତୁ, କୋଷ୍ଠ କାଠିନ୍ୟ ଆଜିକାଲି ସମାଜର ଏକ ମୁଖ୍ୟ ରୋଗ। ଅସାର ଖାଦ୍ୟ ଭକ୍ଷଣ, ଯାନବାହାନ ଚଳାଚଳ ଯୋଗୁଁ ବ୍ୟାୟାମର ଅଭାବ କୋଷ୍ଠ କାଠିନ୍ୟର ମୁଖ୍ୟ କାରଣ। ଝାଡ଼ା ସଫା କରିବା ପାଇଁ ଆଜିକାଲି ଅନେକ ଔଷଧ ବାହାରିଲାଣି। ସେଗୁଡ଼ିକ ସାମୟିକ ବ୍ୟବହାର ଫଳରେ ପରିପାକ ଯନ୍ତ୍ର ସ୍ୱତଃ କାର୍ଯ୍ୟକ୍ଷମ ଶକ୍ତି ହରାଏ। ଫଳରେ ହଜମ କ୍ରିୟାରେ ବ୍ୟାଘାତ ସୃଷ୍ଟି ହୋଇ କୋଷ୍ଠ କାଠିନ୍ୟ ଦେଖାଦିଏ। ଧଳା ରୁଟି, ସିଝାମାଂସ ଓ ସିଝା ପରିବାରେ ଶରୀର ପାଇଁ ଉପଯୋଗୀ ଲବଣ ନଷ୍ଟ ହୋଇଯାଇଥାଏ। ଗୁଡ଼ ଖାଇବା ଫଳରେ ଗୁଡ଼ରେ ଥିବା ଲବଣ ପରିପାକ ଯନ୍ତ୍ରର ମାଂସପେଶୀକୁ କାର୍ଯ୍ୟକ୍ଷମ ହେବା ସଙ୍ଗେ ସଙ୍ଗେ ଏଥିରେ ଥିବା ଲକ୍ଷଣ ହଜମକ୍ରିୟାରେ ସାହାଯ୍ୟ କରିଥାଏ। ପିତ୍ତ ମୁଣାରେ ପଥୁରୀରେ ଗୁଡ଼ ଚିକିତ୍ସା ମଧ୍ୟ କାର୍ଯ୍ୟ କରିଥାଏ। ସକାଳେ ସନ୍ଧ୍ୟାରେ ଗୁଡ଼ ଖାଇବା ବ୍ୟତୀତ ଦିନକୁ ୩ ବା ୪ ଚାମଚ ଅଲିଭ ତେଲ ଖାଇବା ଉଚିତ। ପଥୁରୀ ନ ହେବା ପାଇଁ ଦୈନିକ ଖାଦ୍ୟ ସହିତ ଗୁଡ଼ ଖାଇବା ଉଚିତ। ଚିନି ଖାଇବା ଫଳରେ ଅମ୍ଳ ସୃଷ୍ଟି ହୋଇଥାଏ। ଏହି ଅମ୍ଳ ଆଣ୍ଠୁଗଣ୍ଠି ବାତର ଏକ ମୁଖ୍ୟ କାରଣ। ଚିନି ମଧ୍ୟ ଦାନ୍ତର ଅନିଷ୍ଟ କରିଥାଏ। ସେଥିପାଇଁ ଦନ୍ତକ୍ଷୟ (ଦାନ୍ତ ପୋକ ଖାଇବା) ରୋଗୀକୁ ଡାକ୍ତର ଚିନି କିମ୍ବା ମିଠା ଖାଇବାକୁ ମନା କରନ୍ତି। ଗୁଡ଼ ଚିନିର ବିପରୀତ ବ୍ୟବହାର ପ୍ରଦର୍ଶନ କରିଥାଏ। ଗୁଡ଼ ଖାଇବା ଫଳରେ ଆଣ୍ଠୁଗଣ୍ଠି ବାତ ଆରୋଗ୍ୟ ହେବା ସଙ୍ଗେ ସଙ୍ଗେ ଦାନ୍ତକୁ ମଧ୍ୟ ରକ୍ଷା କରିଥାଏ। ଗୁଡ଼ରେ ଜୀବାଣୁ ନାଶକ ଧର୍ମ ଥିବାରୁ ଏଥିରେ ଜୀବାଣୁ ରହିପାରନ୍ତି ନାହିଁ। ଏତଦ୍‌ବ୍ୟତୀତ ଗୁଡ଼ ପାକସ୍ଥଳୀ ବା ଅନ୍ତନାଳୀରେ ଥିବା କ୍ଷତିକାରକ ଜୀବାଣୁ ମାନଙ୍କୁ ମାରି ଦେଇଥାଏ। ଟିକାନେବା ଫଳରେ ଯେପରି ବସନ୍ତ, ଆନ୍ତ୍ରିକଜର, କଣ୍ଠ ଆଳତି ପ୍ରଭୃତି ପ୍ରତିରୋଧ କରାଯାଇପାରେ, ଗୁଡ଼ ଖାଇବା ଫଳରେ ସେହିପରି ଏସବୁକୁ ପ୍ରତିରୋଧ କରାଯାଇପାରେ। ଏତଦ୍ ବ୍ୟତୀତ ଗୁଡ଼ ଖାଉଥିବା ବ୍ୟକ୍ତିକୁ ସହଜରେ ଅନ୍ୟାନ୍ୟ ରୋଗ ଧରେ ନାହିଁ। ଗୁଡ଼ରେ ଥିବା ଖାଦ୍ୟ ପ୍ରାଣ ଓ ଅନ୍ୟାନ୍ୟ ଧାତବ ଲବଣ ରକ୍ତରେ ମିଶିବା ଫଳରେ ଶରୀର ସୁସ୍ଥ ରହିବା ଯୋଗୁଁ ଏପରି ସମ୍ଭବ ହୋଇଥାଏ। ଦୀର୍ଘଦିନ ବାଗୀ, ହୃଦ୍‌ଯନ୍ତ୍ର ବନ୍ଦ କିମ୍ବା କର୍କଟ ରୋଗରେ ପଡ଼ିଥିବା ବ୍ୟକ୍ତିଙ୍କୁ ଯଦି ନିର୍ଦ୍ଦିଷ୍ଟ ପରିମାଣ ଗୁଡ଼ ଖାଇବାକୁ ଦିଆଯାଏ ତେବେ ତାର ଧଳା ପଡ଼ିଯାଇଥିବା କେଶ ଗୁଡ଼ିକ ପ୍ରଥମେ କଳା ପଡ଼ିଯିବାର ଦେଖାଯାଏ। ମୁଣ୍ଡର ସାମନା ଦୁଇପଟ ଓ ପଶ୍ଚାତ ଭାଗର କେଶ ଶୀଘ୍ର କଳା ପଡ଼ିବାର ଦେଖାଯାଏ। ଗୁଡ଼ ଖାଇବାର ଉପାୟ ମଧ୍ୟ ମନେରଖନ୍ତୁ, ଖାଇବା ପୂର୍ବରୁ ଗୁଡ଼ ଖାଇବା ଉଚିତ। ଗୁଡ଼ ଖାଇବାରା ସର୍ବୋତ୍କୃଷ୍ଟ ଉପାୟ ହେଉଛି ଅଧକପ ଗରମ ପାଣିରେ ଏକ ଚାମଚ ଗୁଡ଼ ମିଶାଇ ତା ସହିତ ତାର ଅଧା (ଅଧାକପର ଅଧା) ଥଣ୍ଡା ପାଣି ମିଶାଇ, ନଖ ଉଷୁମ ଅବସ୍ଥାରେ ପିଇବା ଉଚିତ। ପିଲାମାନେ ତାର ଅଧା ଅର୍ଥାତ ଅଧ ଚାମଚ ଗୁଡ଼ ଉପରୋକ୍ତ ପ୍ରଣାଳୀରେ ପିଇବା ଉଚିତ। ଗୁଡ଼କୁ ସିଧା ଖିଆ ଯାଇପାରେ ମାତ୍ର ଗୁଡ଼ ଖାଇବା ପରେ ପରେ ଗରମ ପାଣି ପିଇବା ଉଚିତ। ପରିପାକ ଦୁର୍ବଳ ଥିବା ବ୍ୟକ୍ତି ଏକ କାଳୀନ ଏକ ଚାମଚ ଖାଇ ନପାରିଲେ ତାଠାରୁ ଅଳ୍ପ ପରିମାଣର ଗୁଡ଼ ଏକାଧିକ ଥର ଖାଇବା ଉଚିତ। ମାଂସ ବୃଦ୍ଧି ପାଇଁ ଗୁଡ଼କୁ ରାତ୍ରିରେ ଶୋଇବା ପୂର୍ବରୁ ଓ ସକାଳେ ବିଛଣାରୁ ଉଠିବା ପରେ ଓ ଦିନରେ ମଧ୍ୟ ଖାଇବା ଉଚିତ। ଗୁଡ଼ ସହିତ ଅତ୍ୟଧିକ ଗରମ ଜଳ ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ ଗୁଡ଼ ପାଣିର ମିଶ୍ରଣକୁ ଔଷଧ ଭଳି ହଠାତ୍ ପିଇ ନ ଦେଇ ଢ଼ୋକ ଢ଼ୋକ କରି ପିଇବା ଉଚିତ। ଗୁଡ଼କୁ ଗରମ ଜଳରେ ଖାଇଲେ ତାହା ସହଜରେ ହଜମ ହୋଇ ସହଜରେ ରକ୍ତରେ ମିଶି ଯାଇଥାଏ। ଥଣ୍ଡା ଜଳ ପାକସ୍ଥଳିକୁ ଶୀତଳ କରିବା ସଙ୍ଗେ ମୂତ୍ର ଯନ୍ତ୍ରର କ୍ଷତି ସାଧନ କରିଥାଏ। ବୟସ ନିର୍ବିଶେଷରେ ଯେ କେହି ବ୍ୟକ୍ତି ଗୁଡ଼କୁ କ୍ଷୀର ସହିତ ଖାଇପାରେ। ଏହାକୁ ଯେ କୌଣସି ଖାଦ୍ୟ ଓ ଜଳଖିଆ ସହିତ ଖିଆ ଯାଇପାରେ। ଅନ୍ତନାଳୀରେ ମାଂସବୃଦ୍ଧିରେ ବା ବୃହଦନ୍ତ୍ରର ପ୍ରଦାହ ବା ଘାରେ ଗୁଡ଼ ପାଣିକୁ ଡୁସ ରୂପେ ବ୍ୟବହାର କରାଯାଇପାରେ। ବାହ୍ୟ ମାଂସବୃଦ୍ଧିରେ ଘାରେ ବା କ୍ଷତରେ ଗୁଡ଼ ଖାଇବା ସଙ୍ଗେ ସଙ୍ଗେ ଗୁଡ଼ ପାଣିକୁ ପଟିରେ ବ୍ୟବହାର କରାଯାଇପାରେ। ମଲମ ରୂପେ ଗୁଡ଼ର ସମକକ୍ଷ ଅନ୍ୟ କୌଣସି ପଦାର୍ଥ ନାହିଁ। କଳା ଦାନା ବାନ୍ଧି ନ ଥିବା ବହଳିଆ ଗୁଡ଼ ଏ ପ୍ରକାର ଗୁଡ଼ ଆଖୁ ରସରୁ ଅମଳ ବେଳେ ମିଳିଥାଏ। ଗୁଡ଼କୁ ନେଇ ଏବେ ବି ବିଜ୍ଞାନ ଜଗତ ଓ ଚିକିତ୍ସା ବିଜ୍ଞାନ ବିଭିନ୍ନ ପରୀକ୍ଷା ନିରୀକ୍ଷା ଓ ଗବେଷଣା ଜାରି ରଖିଛି।

*ତିଲୋତ୍ତମା ହୋମିଓ ହାଉସ୍,*
*ଜଗତସିଂହପୁର*
*ଦୂରଭାଷ : ୯୪୩୭୨୨୯୬୦୧*

# ବିପର୍ଯ୍ୟସ୍ତ ଗ୍ରାମ୍ୟ ଜୀବନ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଭୂଗର୍ଭରୁ ମାତୃଗର୍ଭକୁ ଏବଂ ମାତୃଗର୍ଭରୁ ଭୂଗର୍ଭକୁ ଯାତ୍ରା କରିବା ଭିତରେ ଜୀବନଟିଏ ଗଢ଼ିଉଠେ । ଭାରତୀୟ ଦର୍ଶନରେ ମଣିଷ ବଦଳେ କିନ୍ତୁ ମାଟି ବଦଳେ ନାହିଁ । ଏପରିକି ମାଟିରୁ ଜନ୍ମଲାଭ କରୁଥିବା ସାଂସ୍କୃତିକ ବାର୍ତ୍ତା ପରିବର୍ତ୍ତିତ ହୁଏ ନାହିଁ । ଚିହ୍ନାମାଟିର ସନ୍ତାନ ବାହ୍ୟ ଔଜ୍ଜଲ୍ୟରେ ଅନ୍ଧ ହୋଇ କ୍ରମେ ଅଚିହ୍ନା ମନେ ହୁଅନ୍ତି । ଏହାହିଁ ହୋଇଛି ସାଂପ୍ରତିକ କାଳର ଏକ ନିଖୁଣ ସତ୍ୟ । ଏକଦା ସାମୂହିକ ସୂତ୍ରରେ ଆବଦ୍ଧ ମଣିଷ ପାଇଁ ସୁଖ ଦୁଃଖ ଉଭୟ ଥିଲା ସାମୂହିକ । ଆଜି କିନ୍ତୁ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଉତ୍ସବ ମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । କେଉଁଠି ନିଜ ପିଲାଙ୍କୁ ଗାଁ ସ୍କୁଲରେ ପାଠ ନ ପଢ଼ାଇ ସହରରେ ପାଠ ପଢ଼ାଇବାର ମୋହ ପାରିବାରିକ ସଂପର୍କରେ ଠିଆ କରାଇଛି ପାଚେରୀ ତ ଆଉ କେଉଁଠି ଭାଇ ଭାଇ ଭିତରେ ଭାଗ ବଣ୍ଟାକୁ ନେଇ ଚୂଡ଼ାନ୍ତ ଫଇସଲା ପାଇଁ ଭଦ୍ରଲୋକଙ୍କୁ ଡକା ଯାଇଛି । ଲାଗୁଛି ସ୍ୱାର୍ଥ ସର୍ବସ୍ୱ ଏ ଦୁନିଆରେ ଆଜି ସଭିଏଁ ଆପଣାର ସ୍ୱପ୍ନରେ ବିଭୋର । ଗାଁ ମନ୍ଦିର ପରିସର ଆଜି ତରୁଣ ଗୋଷ୍ଠୀର ଗଞ୍ଜେଇ ଆଖଡ଼ାରେ ପରିଣତ ହେବା ଠାରୁ ଆରମ୍ଭ କରି; ରାଜନୀତି ଆଜି ଉଦ୍‌ଭ୍ରାନ୍ତ ଯୁବଗୋଷ୍ଠୀର ସ୍ୱପ୍ନର ସମ୍ଭାର ପାଲଟିଛି । ଫଳରେ ଗାଁ ମଧ୍ୟ ଦି' ଭାଗ ହେବାରେ ଲାଗିଛି । ଏକ ମନ ହୋଇ ଚଳୁଥିବା ଗାଁ ଲୋକ ଆଜି ରକ୍ତମୁଖା ଦିଶୁଛନ୍ତି । ଆଜି ଗାଁରେ ବାପା-ମାଆ, କକା-ଖୁଡ଼ି, ମଉସା-ମାଉସୀ, ପିଉସା-ପିଉସି, ଭାଇନା-ଭାଉଜ, ମାମୁ-ମାଇଁ, ସଙ୍ଗାତ, ମଇତ୍ର ଭଳି ଆତ୍ମୀୟତାର ଉଚ୍ଚାରଣ ଭିତରେ ପରସ୍ପର ଡକାଡକି ହେଉଥିବା ସଂପର୍କ ସବୁ ଶିଥିଳ ହୋଇ ପଡ଼ିଛି । ଏପରିକି ଅନେକ ଘଟଣାରେ ଗାଁ ମାମଲତକାରମାନଙ୍କର ଅଦ୍ଭୁତ ନ୍ୟାୟନିଶାପ ଗ୍ରାମ୍ୟ ଜୀବନକୁ ବିପର୍ଯ୍ୟସ୍ତ କରି ଦେଇଛି । ଏହାସହ ଗାଁରେ ସରକାରଙ୍କ ଦ୍ୱାରା ପ୍ରଚଳିତ ସବୁ ବ୍ୟବସ୍ଥା କିପରି ଉପହସିତ ତାହା କଣ୍ଟ୍ରୋଲ ଦୋକାନର ଚିତ୍ର ଭିତରୁ ସ୍ପଷ୍ଟ ହୋଇପଡୁଛି । ଗାଁର ଶିକ୍ଷିତ ଗୋଷ୍ଠୀ କୌଳିକ ବୃତ୍ତି ବିମୁଖ ହୋଇ ସହର ଅଭିମୁଖେ ଅନ୍ଧଭାବରେ ଯାତ୍ରା; ଗାଁ ପ୍ରତି ଥିବା ସୂକ୍ଷ୍ମ ସଂପର୍କର ଡୋରୀକୁ ଶିଥିଳ କରିଦେଇଛି । ଏପରିକି ସହରର ଚାକଚକ୍ୟ ଅନେକ ପରିବାରରେ ଆଣିଛି ଦାରୁଣ ବିଡ଼ମ୍ବନା । କାରଣ ବାପାମାଆ ଯେଉଁ ପୁଅର ପାଠପଢ଼ାରେ ସମଗ୍ର ଜୀବନକୁ ସମର୍ପିଦେଇଛନ୍ତି; ସେହି ପୁଅ ଏକ ଧନୀ ଦୁଲାଳୀକୁ ବାହା ହେବା ପରେ ଭୁଲିଯାଉଛି ଆପଣାର ଅତୀତ ଓ ବାପାମାଆଙ୍କୁ । ବସ୍ତୁତଃ ଏହାହିଁ ହେଉଛି ଆଜି ପ୍ରତି ଗାଁର ନିଛକ ପ୍ରତିରୂପ । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ସୁଦୂର ପରାହତ ।

ପରିଶେଷରେ କେବଳ ଏତିକି କହିବି– ଆଜି ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି; ଯେଉଁ ମୁହୂର୍ତ୍ତକ ପାଇଁ ସେ ସଂପର୍କର ପୃଥିବୀ କଥା ଚିନ୍ତା କରେ; ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ । ପ୍ରଗତିର ଶେଷ ବିନ୍ଦୁରେ ଜଗତୀକରଣର ଗୀତ ଗାଉଥିବା ଏ ମଣିଷ ପରମ୍ପରାଠାରୁ ବିଚ୍ଛିନ୍ନ ହେବା ସମ୍ଭବ ନୁହେଁ । ଆପଣା ମାଟି, ପାଣି, ପବନ ଓ ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ସବୁ ମଣିଷ ପାଇଁ ମାଟି ହିଁ ହେଉଛି ମା'ର ରୂପାନ୍ତର । ଖୁବ୍ ନିବିଡ଼ ଓ ଆତ୍ମୀୟ । କିନ୍ତୁ ଏ ମାଟିରେ ଚଳପ୍ରଚଳ କରୁଥିବା ମଣିଷ ଗୁଡ଼ିକ ଭାବରେ ଓ ରକ୍ତରେ ଆତ୍ମୀୟ ହେବା ସତ୍ତ୍ୱେ; ଭୋଗ ସର୍ବସ୍ୱ ମନୋବୃତ୍ତି ନେଇ ଅଚିହ୍ନା ପାଲଟି ଯାଇଛନ୍ତି । ଏହାହିଁ ହେଉଛି ଚଳନ୍ତି ସମୟର ଦୁଃଖ ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ସଂପର୍କ: ୮୮୯୫୧୪୧୭୨୭*

# ଝାଡ଼ଖଣ୍ଡରେ ଓଡ଼ିଆ ଭାଷାକୁ ରାଜ୍ୟ ଭାଷା ମାନ୍ୟତା ମିଳିବନି କାହିଁକି ?

ବାଦଲ ଭୂୟାଁ

ସମଗ୍ର ଭାରତରେ ଝାଡ଼ଖଣ୍ଡ ହେଉଛି ଏପରି ଏକ ରାଜ୍ୟ ଯେଉଁଠି ସ୍ଥାନୀୟ ରାଜ୍ୟ ସରକାର ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ଭାବେ ସ୍ୱୀକୃତି ଦେଇଥିଲେ ଏବଂ ସବୁଠାରୁ ବଡ଼ କଥା ଏହି ରାଜ୍ୟରେ ଅନେକ ଓଡ଼ିଆ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରୁହନ୍ତି ଓ ସେମାନେ ମଧ୍ୟ ବେଶ ପ୍ରତିଷ୍ଠିତ ଓ ପ୍ରଶଂସନୀୟ କାର୍ଯ୍ୟକରି ଝାଡ଼ଖଣ୍ଡର ଗୌରବ ବଢ଼ାଇଛନ୍ତି । ତେବେ ଏକ ଦୁଃଖଦ ଘଟଣାକ୍ରମେ ୨୦୨୧-୨୨ ଶିକ୍ଷା ବର୍ଷରୁ ଝାଡ଼ଖଣ୍ଡ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଓଡ଼ିଆ ଭାଷାକୁ ମିଳିଥିବା ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ଉଠାଇ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାର ଅର୍ଥ ଆଗାମୀ ଦିନରେ ଝାଡ଼ଖଣ୍ଡର କୌଣସି ବିଦ୍ୟାଳୟରେ କେହି ଇଚ୍ଛା କଲେ ବି ଓଡ଼ିଆ ଭାଷାରେ ପାଠ ପଢ଼ିବାରୁ ବଞ୍ଚିତ ହେବେ। ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ଓଡ଼ିଆ ଭାଷା ସମୃଦ୍ଧ ବହୁଳ ଜିଲ୍ଲା ଖରସୁଆଁ, ପୂର୍ବ ସିଂହଭୂମ, ଷଢ଼େଇକଳା ଓ ପଶ୍ଚିମ ସିଂହଭୂମରେ ତୀବ୍ର ପ୍ରତିକ୍ରିୟାର ଭାବନା ସୃଷ୍ଟି ହୋଇଛି। ଏହାକୁ ପ୍ରତିବାଦ କରି ଇତିମଧ୍ୟରେ ଷଢ଼େଇକଳାର ସମ୍ମାନନୀୟ ଜିଲ୍ଲାପାଳଙ୍କ ମୁଖ୍ୟ ଅଫିସ ଆଗରେ ଓଡ଼ିଆ ଭାଷାର ସ୍ଥାନୀୟ ଲୋକ ଓ ଓଡ଼ିଆ ସଙ୍ଗଠନମାନେ ପ୍ରତିବାଦ ଜଣାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସୂଚନାଥାଉକି ଷଢ଼େଇକଳାର ଉତ୍କଳମଣି ଆଦର୍ଶ ପାଠାଗାର ସଭା କାର୍ଯ୍ୟାଳୟରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ପ୍ରତି ସରକାରଙ୍କ ଦୂରଦୃଷ୍ଟିବିହୀନ ଅବହେଳାକୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି ଏବଂ ଏଥିରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଛି।


ଭାରତର ସମସ୍ତ ନାଗରିକ ନିଜ ନିଜ ମାତୃଭାଷାରେ ଲେଖିପଢ଼ି ପାରିବାର ସାମ୍ବିଧାନିକ ଅଧିକାର ରହିଛି। ଓଡ଼ିଆ ଭାଷାକୁ ଝାଡ଼ଖଣ୍ଡ ସରକାର ଦ୍ୱିତୀୟ ରାଜଭାଷାର ମାନ୍ୟତା ଦେଇଥିଲେ ମଧ୍ୟ ଆରମ୍ଭରୁ ଏଥିପ୍ରତି ବୈମାତୃକ ମନୋଭାବ ପୋଷଣ କରି ଆସୁଛନ୍ତି। ସାମ୍ବିଧାନିକ ନିୟମକୁ ଜଳାଞ୍ଜଳି ଦେଇ ଓଡ଼ିଆ ପିଲାମାନଙ୍କୁ ମାତୃଭାଷାରେ ପଢ଼ିବାରୁ ବଞ୍ଚିତ କରାଯାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଓଡ଼ିଆ ଭାଷାର କଣ୍ଠରୋଧ ପାଇଁ ଝାଡ଼ଖଣ୍ଡ ସରକାରଙ୍କ ଏଭଳି ହୀନ ଉଦ୍ୟମ ଓ ଅପଚେଷ୍ଟାକୁ କଦାପି ବରଦାସ୍ତ କରାଯିବ ନାହିଁ। ୨୦୧୧ ମସିହାରେ ଝାଡ଼ଖଣ୍ଡ ସରକାର ଓଡ଼ିଆ ସମେତ ଚାରଟି ଆଞ୍ଚଳିକ ଭାଷାକୁ ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଦେଇଥିଲେ। ଅନ୍ୟ ତିନଟି ଭାଷା ହେଉଛି ସାନ୍ତାଳୀ, ବଙ୍ଗଳା ଓ ଉର୍ଦ୍ଦୁ। ଏହାର ଠିକ୍ ଦଶ ବର୍ଷ ପରେ ବର୍ତ୍ତମାନର ସରକାରଙ୍କ ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସାନ୍ତାଳୀ, ବଙ୍ଗଳା ଓ ଉର୍ଦ୍ଦୁର ମାନ୍ୟତା ପ୍ରତ୍ୟାହାର ହୋଇ ନଥିବାବେଳେ ଓଡ଼ିଆକୁ ଦ୍ୱିତୀୟ ଭାଷାର ମାନ୍ୟତା ପ୍ରତ୍ୟାହାର କରାଯାଇଛି। ଏଥିରେ ଓଡ଼ିଶା ସରକାର ତୁରନ୍ତ ହସ୍ତକ୍ଷେପକରି ଝାଡ଼ଖଣ୍ଡ ସରକାରଙ୍କ ସହ କଥାବାର୍ତ୍ତା କରି ଏପରି ଦୂରଦୃଷ୍ଟିବିହୀନ ଓଡ଼ିଆ ରାଜଭାଷାକୁ ପ୍ରତ୍ୟାହାର କରିବାରୁ ନିବୃତ୍ତ ରଖିବା ପାଇଁ ନିଷ୍ପତ୍ତି ନିଅନ୍ତୁ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି*
*ପ୍ରତାପ ଆପାର୍ଟମେଣ୍ଟ, ୭*
*ଏକ୍ସଟେନସନ ରୋଡ଼, ପୁରୁଣା*
*ସୋନାରୀ, ଜାମସେଦପୁର*
*ଦୂରଭାଷ : ୭୪୮୮୯୯୮୫୩୨*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୁରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର





# ବେଳ ଭଲ ନାହିଁ

**ଯେ**ହେତୁ ମୁଁ ଏ ଗାଆଁର ଜଣେ ଲୋକ ସେହି ହିସାବରେ ଧମକ୍ ଦେଲି। ଆଉ ରହିଲା ତମର ପ୍ରଶ୍ନ ମୁଁ ଏଡେ ବଡ ସାହସ କଲି କିପରି ? ବାବୁ ନୀହାର, ସାହସଟା ସତ୍‌ରେ ଥାଏ, ଅନ୍ୟକୁ ଡରାଇ ଅନ୍ୟାୟକୁ ନ୍ୟାୟ ବୋଲି ମନାଇବାଟା ତମର ଯେମିତି ଏକ ସାହସ, ନ୍ୟାୟକୁ ସମର୍ଥନ କରି ତମକୁ ଧମକ ଦେବାଟା ମୋର ବି ସେମିତି ଏକ ସାହସ। ମୁଁ ପ୍ରଥମରୁ ତମକୁ ଉଚିତ୍ ମାର୍ଗ ଦେଖାଇଛି, ତାକୁ ତମେ ଗ୍ରହଣ କରିବା ଦରକାର। ଯଦି ଉଚିତ୍ ମାର୍ଗ ତମେ ଗ୍ରହଣ ନ କର ତେବେ ଯାଇ ସିନା 'ଧମକ'କୁ ଗ୍ରହଣ କରିବ।

ନାରଣ କହୁ କହୁ କହି ଦେଲା - ଯଦି ଗ୍ରହଣ ନ କରୁ କ'ଣ କରି ପକାଇବ ତମେ, ଆଁ କ'ଣ କରି ପକାଇବ ଶୁଣେ ?

ଯାହା କରାଯିବ, ତାହା ଶୁଣାଇବା ଜିନିଷ ନୁହଁ, କରି ଦେଖାଇବା ଜିନିଷ।

ହଉ, କ'ଣ ଦେଖାଇବାର ଅଛି ଦେଖ ମୁଁ ବି ଦେଖୁଛି କିଏ ଅଛି ସେହି ମାଇକାଲାଲ ଆମକୁ ଧମକ ଦେବ। ଆରେ ରଙ୍କା, ସୁରିଆ, ନଟିଆ, ଶୁଣୁଛ ନା ରେ ?

ହଁ ଆମେମାନେ ସବୁ ଶୁଣୁଛୁ, ଶୁଣିବା ପରେ ଲାଗୁଛି ବାଘ ଘରେ ଏବେ ମିରିଗ ନାଟ ହେବ। କ'ଣ ଆଦେଶ କୁହ ?

ଆଦେଶଟା କ'ଣ ତମମାନଙ୍କୁ ପାଟି ଖୋଲି କହିବାକୁ ପଡିବ ?

ସୁଦର୍ଶନ ବାବୁ କହିଲେ - ନୀହାର ବାବୁ ଓ ନାରଣ ବାବୁଙ୍କ ତରଫରୁ ମୁଁ ସେମାନଙ୍କ ଆଦେଶ ତମମାନଙ୍କୁ ଜଣାଇ ଦେଉଛି। ତାଙ୍କର ଆଦେଶ ହେଲା - ମୁହଁ ବନ୍ଦ କରିଦେବା ପାଇଁ ମୋ ହାତଗୋଡ ଭାଙ୍ଗି ଘରେ ପକାଇ ଦେବା, କ'ଣ ପାରିବ ?

ପାରିବୁନି କାହିଁକି ? ସେମାନେ କହିଲେ ତ ଆମେ ସମୁଦ୍ରକୁ ମଧ ଡେଇଁ ପଡିବୁ।

ତମେମାନେ ତା'ହେଲେ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ?

ସେ ଆଦର୍ଶ ଫାଦର୍ଶ କଥା ଆମେ ଜାଣୁନା। ସେମାନେ ଆମକୁ ଚଳାଉଛନ୍ତି, ଯାହା କହିବେ ତାହା କରିବୁ।

ସେମାନେ ତମକୁ ଚଳାଉନାହାନ୍ତି, ସେମାନଙ୍କ ପାପାର୍ଜନରୁ ତମମାନଙ୍କ ମୁହଁକୁ କିଛି ଫିଙ୍ଗି ଦେଇ ତମମାନଙ୍କୁ ଡାହାଳ କୁକୁର କରି ରଖିଛନ୍ତି, ସେମାନେ କହିବା କ୍ଷଣି ତମେମାନେ ଭୁକିବ ଓ କାମୁଡିବ।

ଦେଖନ୍ତୁ ଆପଣ ଜଣେ ବୟସ୍କଲୋକ ବୋଲି ମୁଁ ଆଜିଯାଏ ଆପଣଙ୍କୁ ସମ୍ମାନ କରି ଆସିଥିଲି, କିନ୍ତୁ ଆଉ ନୁହେଁ- କହିଲା ନୀହାର।

ଦେଖ ନୀହାର ବାବୁ - ତମର ସମ୍ମାନ ଓ ଅସମ୍ମାନରେ ମୋ ବଡ କିମ୍ବା ଛୋଟ ହେବା ନିର୍ଭର କରୁନାହିଁ। ଯଦି ଗାଆଁରେ ଭଲ ପାଇଁ ମୁଁ ତମ ଆଖିରେ ଛୋଟ ହୋଇଯାଏ, ସେଥିରେ ମୁଁ ଦୁଃଖ କରିବି ନାହିଁ।

କୁଆଡେ ଥିଲା ଆପଣଙ୍କର ଏ ଦରଦ ଗାଆଁ ପାଇଁ ? କ'ଣ ଚାକିରିରୁ ଅବସର ନେବା ପରେ ଆପଣଙ୍କୁ ଗାଆଁର ଭଲମନ୍ଦ ଦେଖାଗଲା, ତା' ପୂର୍ବରୁ ଦେଖାଯାଉ ନଥିଲା ?

ସେତେବେଳେ ଦେଖାଯାଉଥିଲା, ହେଲେ ମୋର ବ୍ୟକ୍ତିଗତ ବ୍ୟସ୍ତତା ପାଇଁ କିଛି କରିପାରୁ ନଥିଲି। ଏବେ ଅବସର ପରେ ଏ ଦିଗରେ ମୁଁ ସମ୍ପୂର୍ଣ୍ଣ ସମୟ ଦେବି।

ଚାକିରି କାଳ ଭିତରେ ସହରରେ ତ ମାରି ମରି ଖାଇକରି ଆସିଲ, ଏବେ ଗାଆଁକୁ ଖୋଳ କରିବ ନୁହେଁ ?

ମୋର ସଚ୍ଚୋଟତା ଉପରେ ତମର ସାର୍ଟିଫିକେଟ୍ ମୋର ଆବଶ୍ୟକ ନାହିଁ।

ତୁ କି ସଚ୍ଚୋଟ ଆମେ ଜାଣିନାହୁଁ ? ତୋ ସଚ୍ଚୋଟ ପଣିଆ ଦେଖି ପୁଅବୋହୂ ପରା ଘଉଡାଇ ଦେଲେ, ସେଥିପାଇଁ ଆସି ଗାଆଁରେ ଆଶ୍ରା ନେଇଛୁ - ଭାଷା ହୁଡି କହିଲା ନାରଣ।

(କ୍ରମଶଃ)

ବର୍ଷା କେତେବେଳୁ ଛାଡି ଗଲାଣି। ଚାଳରୁ କିନ୍ତୁ ଟପ୍ ଟପ୍ ପାଣି ପଡୁଛି। ବର୍ଷା ଛାଡି ଯିବା ଏବଂ ଚାଳରୁ ପାଣି ପଡିବା ସଦୃଶ ଜୀବନ ବିତାଉଛନ୍ତି ଶୈବାଳିନୀ ଦେବୀ। ଅଘଟଣ ଘଟିବାର ଏହା ଭିତରେ କିଛି ଦିନ ବିତିଗଲାଣି କିନ୍ତୁ ଚାଳରୁ ଧିରେ ଧିରେ ପାଣି ପଡିବା ସଦୃଶ ସେ କଥା ଗୁଡିକୁ ହୃଦୟରୁ ଲିଭି ଲିଭି ଯାଉଛି। ଘର ଅଗଣାର ଏକ ଚୌକିରେ ବସି ଶୈବାଳିନୀ ଦେବୀ ଭାବି ହେଉଛନ୍ତି। ଶରତ ସନ୍ଧ୍ୟାର ମନୋରମ ଦୃଶ୍ୟ ଭିତରେ ନିଜକୁ ହଜାଇବାର ପ୍ରୟାସ କରୁଛନ୍ତି ; ମନଟି ବିଭୋର ହେବା ପରିବର୍ତ୍ତେ ସ୍ୱତଃ ବ୍ୟାକୁଳିତ ହେଉଛି। ଆଜି କାହିଁକି ତାଙ୍କ ଠାରୁ ସମସ୍ତେ ଦୁରେଇ ଦୂରେଇ ଗଲା ପରି ଲାଗୁଛି। ବ୍ୟସ୍ତ ବିବ୍ରତ ମନଟା ଘାଣ୍ଟି ଚକଟି ହେଉଛି ନିୟମ ସାଥିରେ। ନଡ଼ିଆ ଗଛର ମୁଣ୍ଡ ଉପରେ ଶରତର ରଜତ ଇନ୍ଦୁଟା ସମୀରର ମନ୍ଦ ମନ୍ଦ ଗତି ସହ ଦୋଳି ଖେଳୁଛି। ଦୂର ଆକାଶରେ ତାରାପୁଞ୍ଜ ଲୁଚକାଳି ଖେଳୁଛନ୍ତି। ତାଙ୍କର ଖେଳ ସହ ତୋଫା ଜହ୍ନ ଆଲୁଅରେ ଗାଁ ଦାଣ୍ଡଟା ହୋଇ ଉଠିଛି ବେଶ୍ କମନୀୟ।

ବଡ ବିଚିତ୍ର ଏ ସଂସାର, ବଡ ବିଚିତ୍ର ଏ ଜୀବନ। ମନୁଷ୍ୟକୁ କେତେବେଳେ ଏମିତି ଏକ ପରିସ୍ଥିତି ସମସ୍ୟାରେ ପକାଇ ଦିଏ : ଯାହା ସେ କେବେ କଳ୍ପନା କରି ନ ଥିଲା। ବୟସର ଅପରାହ୍ନରେ ମନଟା କାହିଁକି କେଜାଣି ସମୟର ପ୍ରବାହରେ ଶିଥିଳ ପଡିଯାଉଛି। ତୃପ୍ତ କଣ୍ଠରେ ଆଗ୍ନେୟ ଶପଥ ନେଇ ପାରୁଥିବା ହୃଦୟଟା ଆଜି କାହିଁକି ଭୀରୁ ହୋଇଯାଉଛି। ମନରେ ନିଷ୍ଠୁର ନିଷ୍ପତ୍ତି ପରିବର୍ତ୍ତେ ଦୋଷୀ ପ୍ରତି ସ୍ନେହ ଶ୍ରଦ୍ଧା ଜାଗି ଉଠୁଛି। ବାପା ମାଆଙ୍କ ତିନୋଟି ସନ୍ତାନ ମଧରେ ଶୈବାଳିନୀ ଦେବୀ ଜ୍ୟେଷ୍ଠା। ତାଙ୍କର ତଳକୁ ଦୁଇ ଭାଇ। ବାଲ୍ୟ ଜୀବନରୁ ଆରମ୍ଭ ହୋଇଥିଲା ସଂଘର୍ଷ। ଅଭାବ ଅନାଟନ ମଧରେ ଗତିକରି ନିଜ ଗୋଡ଼ରେ ନିଜେ ଠିଆ ହେବାର ଦକ୍ଷତା ହାସଲ କରିଥିଲେ। ନିଜେ ରୋଜଗାର କ୍ଷମ ହୋଇ ପରିବାରର ଆର୍ଥିକ ଅନଟନକୁ ସୁଦୃଢ କରିଥିଲେ। ସାଂସାରିକ ଜଞ୍ଜାଳର ମୋହ ମାୟାକୁ ତ୍ୟାଗ କରି ଦୁଇ ଭାଇକୁ ମଣିଷ କରିଥିଲେ। ନିଜେ ଉଚ୍ଚ ପଦବୀରେ ରହିବା ସଙ୍ଗେ ସଙ୍ଗେ ଦୁଇ ଭାଇଙ୍କୁ ସ୍ୱାବଲମ୍ବି ହେବାରେ ସହାୟକ ହୋଇଥିଲେ। ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରର ନୀତି ନିୟମ ଆଦର୍ଶକୁ ନେଇ ଜୀବନର ରଥ ଆଗକୁ ଗଡାଇ ଥିଲେ।

ବାପା ମାଆଙ୍କ ପରେ ପରିବାରର ମୁଖ୍ୟ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଦୁଇ ଭାଇ ନାନୀର କଥା ମାନି ଚଳୁଥିଲେ। ବଡ ଭାଇ ରମେଶର ପୁଅଟିଏ ଏବଂ ସାନଭାଇ ନରେଶର ଦୁଇଟି ଝିଅ। ଶୈବାଳିନୀ ଦେବୀ ଜଣେ ପ୍ରଧାନଶିକ୍ଷୟିତ୍ରୀ ଭାବରେ ସୁପରିଚିତା। ନିଜ ଜୀବନରେ ସାସାଂରିକ ଜୀବନର ସ୍ୱାଦ ଚାଖି ନ ଥିଲେ ମଧ ପର ପିଲାମାନଙ୍କୁ ମଣିଷ କରିବାରେ ସେ ଥିଲେ ସିଦ୍ଧହସ୍ତା। ଶିକ୍ଷା ପରି ଏକ ବ୍ରତକୁ ଆଦରି ନିଜ ଜୀବନ କୌଶଳରେ ଅନେକ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ କରାଇ ପାରିଛନ୍ତି। ବଡ ଭାଇର ପୁଅ ବିନୁକୁ ଅତି ସ୍ନେହ ସରାଗରେ ମଣିଷ କରିବା ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ସାନ ଭାଇର ଝିଅ ମାନଙ୍କୁ ବି କମ୍ ସ୍ନେହ ଦେଇ ନାହାଁନ୍ତି।

## ପ୍ରତିବାଦର ଅନ୍ତଃସ୍ୱର

ଲଳିତ ମୋହନ ମିଶ୍ର






ଶୈବାଳିନୀ ଦେବୀ ଏହି ମାନଙ୍କ ମାଧମରେ ସଂସାର ଜଞ୍ଜାଳର ବାଧା ବିଘ୍ନକୁ ଭୁଲି ଯାଇଥିଲେ। ସମୟ ତ କାହାକୁ ଅପେକ୍ଷା କରେନାହିଁ। ସେ ତାର ଗତାନୁଗତିକ ରୀତିରେ ଚାଲିଥାଏ। ଏହା ଭିତରେ ଶୈବାଳିନୀ ଦେବୀ ସରକାରୀ ଚାକିରୀରୁ ଅବସର ନେଇ ସାରିଲେଣି। ବାପା ମାଆ କେବେଠୁ ଆରପାରିରେ। ତାଙ୍କର ଅସ୍ଥି ବିସର୍ଜନ କଲେ ସେ ଦାୟିତ୍ୱରୁ ମୁକ୍ତ। ଏହି କଥା ଭାଇ ମାନଙ୍କୁ କେତେଥର କହିଲେଣି। କିନ୍ତୁ କରୋନା କାଳରେ କୁଆଡେ ଯିବାକୁ ହେବ ନାହିଁ। ହଠାତ୍ ତାଙ୍କ ଉପରେ ପାହାଡ଼େ ଦୁଃଖ ଲଦି ହୋଇଗଲା ଭଳି ଲାଗିଲା। ଦୁଃଖର ଅନ୍ଧାର ଭିତରେ ସୁଖର ଆଲୁଅ ଟିକକ ଖୋଜିଥିଲେ। ସମୟ ବଡ ବଳବାନ। ନିଜ ଭିତରେ ଥିବା ସମସ୍ତ ସହିବା ଶକ୍ତି ହଠାତ୍ ଚାଲିଗଲା ପରି ସେ ଅନୁଭବ କଲେ। ବିନୁ ଏମିତିଆ କାମଟିଏ କରିବ ବୋଲି ସ୍ୱପ୍ନରେ ସୁଦ୍ଧା ସେ ଭାବି ନ ଥିଲେ। ନିଜର ବଂଶାନୁକ୍ରମିକ ସ୍ୱାଭିମାନ ଏବଂ ନୈଷ୍ଠିକତାର ରଜ୍ଜୁକୁ ଭିଡି ଧରିଥିଲେ ସେ। ଯେଉଁ ସ୍ୱାଭିମାନକୁ ନେଇ ସେ ବଞ୍ଚିଥିଲା, ସେ ସ୍ୱାଭିମାନକୁ ଆଜି କେମିତି ପାଣିରେ ମିଳେଇ ଦେବେ ?

ବାପା ମାଆ ଚାଲିଯିବା ପରେ ଭାଇମାନଙ୍କୁ ନେଇ ଆଗକୁ ବଢିବା ଯେତିକି ଦୁଃଖ ଥିଲା ତାହାଠାରୁ ଅଧିକ ଦୁଃଖ ଆଣିଦେଲା ବିନୁ। ଆମ୍ଭ ମାନଙ୍କ ପରେ ଘରର ଏକମାତ୍ର ପୁତ୍ର ଭଲ ଚାକିରୀଟିଏ ପାଇଲା। ମନରେ ଅସରନ୍ତି ସ୍ୱପ୍ନ ଓ ସମ୍ଭାବନା। ବଡ ଭାଇ ରମେଶ ଏବଂ ଭାଉଜ ବିନୁର ଚାକିରୀରେ ଯେତିକି ଖୁସି ନ ଥିବେ ତା ଠାରୁ ଅଧିକ ଖୁସି ଥିଲେ ଶୈବାଳିନୀ ଦେବୀ। ସବୁକିଛି ସ୍ୱାଭାବିକ ଓ ସଜଳ ସମ୍ଭାବନାର ଖୁସିଟିଏ ଆଣିଦେଇଥିଲା ବିନୁ। ମାତ୍ର ଏ ଜୀବନଟା ତ ଅବସ୍ଥାପିତ ସଙ୍କଟ ଆଉ ସମ୍ଭାବନାର ପୃଷ୍ଠଭୂମିରେ। ଏଠି ଅନେକ ସମୟରେ ସୃଷ୍ଟିହୁଏ ନାଟକୀୟ ମୋଡ। ସହିବାକୁ ପଡେ ନିୟତିର ନିଷ୍ଠୁର ପରିହାସ। ଅଜସ୍ର ଭଲ ପାଇବା ଢାଳି ଦେଇଥିବା ତାଙ୍କ ଆଖିର ତାରା ବିନୁ (ବିନୟ) ହିଁ ଦିନେ ଭରି ଦେଲା ତାଙ୍କ ଆଖିରେ ଅଶ୍ରୁ। ପରିବାରକୁ ଅଣଦେଖା କରି ବିବାହ କଲା ଅନ୍ୟ ଜାତିର ଝିଅକୁ। ବଂଶ ମର୍ଯ୍ୟାଦା, ପରମ୍ପରା ଏବଂ ନୈଷ୍ଠିକତାକୁ ମାଟିରେ ମିଶାଇ ଦେଲା। *(କ୍ରମଶଃ)*


## ବୈଦେହୀଶ କବିତା



## ମାୟା ଏ ସଂସାର



ଅନସୂୟା ପଣ୍ଡା



ଦୂରରୁ ଏ ସଂସାର, ଖୁବ୍ ସୁନ୍ଦର ଦିଶୁଥିବା ଘଞ୍ଚ ବନାନୀ
ଥରେ ପଶିଗଲେ, ଫେରିବାକୁ ବାଟ ମିଳେନି
ନିଖୋଜ ହେବାକୁ ପଡେ ନିଜ ଭିତରୁ
ଶେଷ ଯାଏ ଆସୁ ଯେତେ ଝଡ କି, ସୁନାମୀ,
ଭୂକମ୍ପ କି ଆଗ୍ନେୟଗିରି।
ତାରି ଭିତରେ ବାଟ ଖୋଜା ହୁଏ
ଭାରି ଅରମା ଏ ସଂସାର ଜଙ୍ଗଲ
ଏଠି କଣ୍ଟା ଫୁଟିଲେ, କି ରକ୍ତାକ୍ତ ହେଲେ,
ଝୁଣ୍ଟି ପଡିଲେ କି ଦୁର୍ବଳ ଲାଗିଲେ ଅଟକିବା ମନା
କର୍ତ୍ତବ୍ୟର ଦ୍ୱାହି ଦେଇ ଅନେକ କାମନା।
ଦେବା ନେବାର ସହର ଏ ମାୟା ସଂସାର
ଯେଉଁଠି ନ ଦେଲେ ଅଲୋଡା ଏ ସମ୍ପର୍କ




ମାୟାର ଇନ୍ଦ୍ରଜାଲରେ ଛନ୍ଦା ଏ ମଣିଷ
ଇଛା ଅନିଛାର ଇଲାକାର ଉର୍ଦ୍ଧ୍ୱରେ
କେବଳ ମାତ୍ର ମୋହର ସଂଘର୍ଷ ଏ ସଂସାର।
ମାୟାର ଟ୍ୟାଗ୍ ଲାଗିଥାଏ, ସଂସାର ବେକରେ
କୁଆଡେ ଓଟାରେ, କେତେ ବାଟ କି ଅବାଟ ପତା ନଥାଏ
କାହାକୁ ଦିଏ ସନ୍ତୋଷ, ନଚେତ୍ ପୀଡା
ଯିଏ ଚାଖିଛି ସିଏ ବୀତସ୍ପୃହ, ଯିଏ ନ ଚାଖିଛି ସିଏ ଆତୁର।

ଇଞ୍ଜିନିୟରିଂ କଲେଜ,
ବୁର୍ଲା, ସମ୍ବଲପୁର
ଦୂରଭାଷ : ୯୪୩୯୨୧୧୯୭୧

## ଫେରିଆସ

ନମିତା ପାଳ





କେଉଁ ଆଡେ ଗଲୁ ଧନ
ଛାଡ଼ିଦେଇ ହାତ
କିପରି ଖୋଜିବି ତୋତେ
କିଏ ଅବା ଦେବ ତୋ ଠିକଣା
କିପରି ଲଙ୍ଘିବି ସେଇ ସାତ ତାଳ
ଖାଇ ଆଉ ସୁଉଚ୍ଚ ପ୍ରାଚୀର
ଅଭେଦ୍ୟ ଦୁର୍ଗମ ଦୁର୍ଗ
ରୁଦ୍ଧ ଯାର ବାତାୟନ ଦ୍ୱାର।
ମୋ ଆଖିରେ ଶ୍ରାବଣର ମେଘ
ମୋ ହୃଦୟେ ଅଶାନ୍ତ ବତାସ
ଶୈଶବରୁ ଶେଷ ଯାଏ
ଚଳଚିତ୍ର ପରି
ନାଚିଯାଏ ସୁଖ ଓ ଦୁଃଖର କାହାଣୀ
ଆଉ ତୋ ମୁହଁ।
କେବେ ଦିଶୁ ସଜଫୁଟା ମଲ୍ଲି ପରି
ନିର୍ମଳ କୋମଳ
ସୁରଭିତ,ସ୍ନେହସିକ୍ତ
ଆମ ଗେଲହା ଝିଅ
କେବେ ମୁଖେ ପତ୍ନୀ ଆଉ ମାତାର ମାଧୁର୍ଯ୍ୟ
ସବୁରି ହୃଦୟେ ତୋ ସ୍ଥାନ ରିକ୍ତ।

ଫେରି ଆସ,ଫେରିଆସ ମା।
ଲୋକ କହୁଛନ୍ତି
ହେଲୁ କି ବାତୁଳି
ସେତ ଅଫେରନ୍ତା ବାଟର ବାଟୋଇ
ଆଶ୍ରିତ ସେ ପ୍ରଭୁ ଶ୍ରୀପୟରେ
ଅନନ୍ତ ନିଦ୍ରାରେ ମୁଦ୍ରିତ ତା ଚକ୍ଷୁ
ଉଦ୍ଭାସିତ ପ୍ରଶାନ୍ତ ବଦନ
ପରିତୃପ୍ତ ଆନନ୍ଦ ଆଭାରେ
ଯନ୍ତ୍ରଣାର ଚିହ୍ନବର୍ଣ୍ଣ ନାହିଁ
ଲୋକ କହୁଛନ୍ତି
ଡାକ ନା ତାକୁ
ମା ମନ ଜାଣେ ନାହିଁ
ଜ୍ଞାନ,ତତ୍ତ୍ୱ,ବେଦ ଓ ପୁରାଣ
ମନ ଆଇନାରେ ପ୍ରତିବିମ୍ବିତ
ତୋ ଦେହ ମନ।

ନଭିମୁମ୍ବାଇ
ଦୂରଭାଷ : ୯୮୬୭୨୫୯୦୩୭

## ପିଲାଙ୍କ ଦୁନିଆ





ପ୍ରତ୍ୟାଶା ରଥ
ଷ୍ଟାଣ୍ଡାର୍ଡ - ୭
ବି ଡି ମେମୋରିଆଲ ସ୍କୁଲ
କଲକତା

## କବିତାର କଥା

(ଭାଗ-୩୯)



ଉମାକାନ୍ତ ରାଉତ



# ଏଡିକି ସେ ଅମାନିଆଁ ପିଲା !

'ବାଜିରାଉତ' କାବ୍ୟ ଆଲୋଚନାବେଳେ ବାଜିରାଉତଙ୍କର ଗାରିମାକୁ ଜାଜ୍ୱଲ୍ଲିତ କରିବା ପାଇଁ ଚନ୍ଦ୍ରରେ କଳଙ୍କ ଭଳି ଯେଉଁ କେଇଟି ଉପାଦାନର ଉପସ୍ଥାପନା ଜରୁରୀ ସେମାନଙ୍କ ମଧରେ ଢେଙ୍କାନାଳ ମୂଳକର ଇଂରେଜ ଗୋଲାମ ଏକଛତ୍ରପତି ଶାସକ ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୂର ଅନ୍ୟତମ। ସେତେବେଳେ ଖଣ୍ଡବିଖଣ୍ଡିତ ଓଡ଼ିଶାର ଗଡ଼ଜାତ ଶାସନରେ ଇଂରେଜମାନଙ୍କର ଶକ୍ତି ଓ ସାହସ ପାଇ ରାଜା ଓ ଜମିଦାରମାନଙ୍କର ଦୌରାତ୍ମ୍ୟ, ଜୁଲମ ଓ ନିରୀହ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ସୀମା ଟପିଯାଇଥିଲା। ରାଜା ଶଙ୍କର ବାହାଦୂର ନିର୍ଦ୍ଦେଶ ଜାରି କରିଥିଲେ- "ମୁଁ ଢେଙ୍କାନାଳ ମୂଳକରେ ଏକଛତ୍ରପତି ଶାସକ , ସମସ୍ତଙ୍କର ପ୍ରଭୁ। ମୋର ଆଦେଶ ପାଳିବା ଓ ସେବା କରିବା ତୁମ୍ଭମାନଙ୍କର ପରମ କର୍ତ୍ତବ୍ୟ। ତୁମ୍ଭେମାନେ ବିନା ପ୍ରତିବାଦ ଓ ଅଭିଯୋଗରେ ମୋର ବେଠି ବେଗାରି ଖଟିବ। ତୁମ୍ଭ ଉପରେ ବସାଯାଇଥିବା କର ଦେବାକୁ ତୁମେ ବାଧ୍ୟ। କେହି ନିଶ ରଖି ପାରିବ ନାହିଁ। ଯିଏ ଆଦେଶ ଅମାନ୍ୟ କରିବ ତାର ନିଶ ଉପାଡ଼ି ଦିଆଯିବ।"

କର ଦେଇ ଦେଇ ସର୍ବସ୍ୱାନ୍ତ ହୋଇଗଲେ ପ୍ରଜାମାନେ। ବେଠି ବେଗାରି ଓ କର ଭାରରେ କମର ଭାଙ୍ଗିଗଲା ଲୋକମାନଙ୍କର। ପୁଣି ବସାଇଲେ ଏକ ନୂଆ କର - ବାଜେ କର। ଆପତ୍ତି କଲେ ବସିଲା କୋରଡ଼ା ମାଡ଼। ତ୍ରାହି ତ୍ରାହି ଡାକିଲେ ପ୍ରଜା। ଏ ପ୍ରସଙ୍ଗକୁ ଚମତ୍କାରଭାବେ କବିତାର ପଂକ୍ତିରେ ଚିରକାଳ ଜୀବନ୍ତ କରି ରଖିଲା ବିପ୍ଳବୀ କବି ରବି ସିଂଙ୍କର ବଜ୍ର କଲମ।

"ରକତେ ଗୋଳାଇ ଚୂନ ବାଲି
ମୁଣ୍ଡର ଝାଳକୁ ତୁଣ୍ଡେ ମାରି
ମୁଠାଏ ତ ଚୁଡ଼ା ପିଠିରେ କୋରଡ଼ା
ଯତନ ନଗର କେତେ ବଡ଼
ମଣିଷକୁ ଥରେ ପଢ଼ ପଢ।"

ଦିନକୁ ଦିନ ଅସହ୍ୟ ହୋଇଉଠିଲା ଯନ୍ତ୍ରଣା। ଗଠନ ହେଲା ପ୍ରଜାମଣ୍ଡଳ। ନବଗଠିତ ପ୍ରଜାମଣ୍ଡଳ ମାଧ୍ୟମରେ ରାଜାଙ୍କ ପାଖରେ ପ୍ରଜାମାନେ ଦାବି ଜଣାଇଲେ। ରାଜା ମାନିଲେ ନାହିଁ ପ୍ରଜାମଣ୍ଡଳକୁ। ଆହୁରି ଉତ୍ୟକ୍ତ ହେଲେ। ଆରମ୍ଭ କରିଦେଲେ ଅକଥନୀୟ ଅତ୍ୟାଚାର ଓ ଦମନଲୀଳା। ଥରିଉଠିଲା ଢେଙ୍କାନାଳ ମୂଳକ। ଇଂରାଜୀ ସିପାହୀଙ୍କ ସାହାଯ୍ୟ ଲୋଡ଼ିଲେ ଅତ୍ୟାଚାରୀ ରାଜା। ତୀବ୍ର ହେଲା ଆନ୍ଦୋଳନ। ପ୍ରଜ୍ୱଳିତ ହେଲା ପ୍ରତିବାଦ ଓ ପ୍ରତିଶୋଧର ବହ୍ନି। ଦୃଢ଼ ଶପଥ ନେଲା ପ୍ରଜାମେଳି - ମାନିବେ ନାହିଁ ରାଜାର ହୁକୁମ, ମାନିବେ ନାହିଁ ଇଂରେଜମାନଙ୍କର ହୁକୁମ। ଓହରିବେ ନାହିଁ ନିଜର ବଜ୍ର ଶପଥରୁ। ନଦୀ ପାର କରେଇ ଦେବେନାହିଁ ଇଂରେଜମାନଙ୍କୁ।

ଉପରୋକ୍ତ ବଜ୍ର ଶପଥର ଜୀବନ୍ତ ବହ୍ନିଧାରଭାବେ ଉଭାହେଲା ବାର ବର୍ଷର ଅବୋଧ ବାଳକ ବାଜିରାଉତ, ଯାହାକୁ ଚିରକାଳ ଚିରଭାସ୍ୱର କରି ଗୋଟେ ଜାତିକୁ ପ୍ରେରଣା ଦେବାକୁ ସୃଷ୍ଟି ହେଲା ମାଟିପ୍ରେମୀ ମହାନ୍ କବିର ଅମର କାବ୍ୟ-"ବାଜି ରାଉତ"

ବ୍ରାହ୍ମଣୀ ନଈ କୂଳର ନୀଳକଣ୍ଠପୁର ଗାଆଁ। ବ୍ରାହ୍ମଣୀ ତା'ର ମାଆ। ମାଆଠାରୁ ଶୁଣିଲା ସବୁକଥା ।ରାଜାର ଉତ୍ପୀଡନ, ଇଂରେଜର ଜୁଲମ। ସ୍ତବ୍ଧ ହେଇଗଲା ବାଜିଆର ସ୍ନାୟୁପୁଞ୍ଜ। ବିଦ୍ରୋହର ବହ୍ନିରେ ଜଳି ଉଠିଲା ତାର ଦେହମନ ସର୍ବାଙ୍ଗନ। ଦୃଢ଼ ମନୋବଳ ଓ ସଂକଳ୍ପ ସେଇ ଛୋଟିଆ ପିଲାକୁ ପ୍ରେରିତ କଲା କରିବାକୁ ମହାନ୍ କାମ। ସେଥିପାଇଁ ମାଟିର କବି ଗାଇ ଉଠିଲେ - "ଛୋଟ ସିନା ଅଟେ ସେ ବିରାଟ !"

"ସୃଜନର ନୂଆ ଭାଗିରଥୀ, କ୍ରାନ୍ତିର ସାରଥୀ
ଜନତାର ସେ ଯେ ମୂକ କବି
ତାହାରି ବନ୍ଦନା ଗାଏ ମେଘମୁକ୍ତ ଅନାଗତ ରବି
ପୂର୍ଣ୍ଣିମାର ସୁଦୀର୍ଘ ଗୌରବ
ଆଜି ଏଥି ତମିସ୍ରାରେ ଗାଏ ବଂଧୁ ତା'ର ମୁଗ୍ଧ ସ୍ତବ।"

ଖେଳିବା ବୁଲିବା ବୟସ ବାଜିଆର। ତା' ଭିତରେ ଏତେବଡ଼ ବିପ୍ଳବର ଧ୍ୱନି। ମାଟିର ପ୍ରଥମ ପବନ ସେ ନେଇଥିଲା ସେଇ ମାଟିରୁ। ସେ ନିଃଶ୍ୱାସ ଯଦି ସେଇ ମାଟି ପାଇଁ ମିଶିଗଲା , କ୍ଷତି କ'ଣ ?

ବାଜିର ମନସ୍ତତ୍ତ୍ୱକୁ ନିଖୁଣଭାବେ ପରଖି କବି ରାଉତରାୟ ନିମ୍ନ ପଂକ୍ତିରେ ଅମ୍ଳାନ କରି ତୋଳି ଧରିଲେ ସେ ମହାନ ଭାବନାକୁ -

"ଅତୀତର ବାରୋଟି ଫାଲ୍ଗୁନ
ପୋଡ଼ି ଯଦି ଯିବ ଯାଉ ଏ ଚିତାରେ
ଯଥା ଶୁଷ୍କ ତୃଣ
ନାହିଁ କ୍ଷତି, ନାହିଁ ଆରେ ଭୟ
ହବ, ହବ ପୁଣି ଦିନେ ବସନ୍ତର ଚିର ଅଭ୍ୟୁଦୋୟ"

ପ୍ରଜାମେଳିରେ ସ୍ଥିର ହୋଇଥିଲା ଇଂରେଜମାନଙ୍କୁ ନଦୀ ପାର କରେଇ ନଦେବାକୁ। ସେଇ ଅବୋଧ ପିଲାଟା ସେଇ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଦୃଢ଼ ସଂକଳ୍ପ ନେଲା। ଭୋକଶୋଷ ଭୁଲି ଡଙ୍ଗାରେ ଜଗିବସିଲା ନଈଘାଟ। ବ୍ରାହ୍ମଣୀର ସେଇ ପ୍ରଚଣ୍ଡ ଘାଟ ଆଉ ଏକାକୀ ଗୋଟେ ବାରବର୍ଷର ବାଳକ। ଭୟ ବି ତା'ର ପାଖକୁ ଆସିବାକୁ ଭୟ କରୁଥିଲା। ସେଇଥିପାଇଁ କବି ଲେଖିଦେଲେ ---

"ଏଡିକି ସେ ଅମାନିଆଁ ପିଲା
ଫଉଜର ଗୁଳିଗୋଳା ରଜା ଝଡ଼
କିଛି ନ ମାନିଲା.... !" ?

ଘନଘୋର ରାତି। ଆକାଶରେ ପରସ୍ତ ପରସ୍ତ କଳାହାଣ୍ଡିଆ ମେଘର ଘନ ଆସ୍ତରଣ ଭିତରେ ବିଜୁଳିର ଭୀଷଣ ଚମକ। ଢାଳି ହେଇ ପଡୁଛି ବର୍ଷା ......ତା ସନ୍ତାନର ଆସନ୍ନ ବିପଦ ଆଶଙ୍କାରେ କରୁଣାର ଅଶ୍ରୁ। ସିଂହ ଶାବକ ବାଜି ରାଉତ ଇଂରେଜ କୁତ୍ତାଙ୍କୁ ଜବାବ୍ ଦେଲା - "ପ୍ରଜାମଣ୍ଡଳର ହୁକୁମ୍ ନାହିଁ।"

ବନ୍ଧୁକ ମୂନର ଶକ୍ତ ଆଘାତରେ ବାଜିର ମୁଣ୍ଡରୁ ଝର ଝର ହୋଇ ଝରି ପଡ଼ିଲା ଶୋଣିତ। ଗୁଳି ଚୋଟରେ ନିହତ ହେଲେ ବାଜି ସମେତ ସେଠାରେ ପହଞ୍ଚିଥିବା ଅନ୍ୟମାନେ। ଶହୀଦଙ୍କର ରକ୍ତରେ ବ୍ରାହ୍ମଣୀର ସ୍ୱଚ୍ଛ ଜଳ ରକ୍ତବର୍ଣ୍ଣ ଧାରଣ କରିଥିଲା ସେଦିନ। "ଅମର ଶହୀଦ୍ ବାଜି ରାଉତ ଅମର ରହେ" ଧ୍ୱନିରେ ମୁଖରିତ ହେଲା ଗଗନମଣ୍ଡଳ ।

ସବୁ ଶେଷ। ନା ; ଏଇ ଶେଷରୁ ହିଁ ଆରମ୍ଭ ହେଲା ନୂଆ ଆନ୍ଦୋଳନ, ନବ ଜାଗରଣର ଆଦ୍ୟ ଓଁକାର। କବି ଲେଖିଦେଲା ---

"ଏ ମାଟିର ସ୍ତନ୍ୟ ପିଇ , ଗାଇଲା ସେ ଏ ମାଟିର ଜୟ
ବିଶ୍ୱର ଦୂରନ୍ତ ଶିଶୁ ମୃତ୍ତିକାର ଚିର ସ୍ତନଂଧୟ।"

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ଅଡଶପୁର-ଆଳିପିଙ୍ଗଳ ରାସ୍ତା ଦୋହରୀକରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି




**ଜଗତସିଂହପୁର :** ଅଡଶପୁର ଠାରୁ ଜଗତସିଂହପୁର ପର୍ଯ୍ୟନ୍ତ ୨୫କି.ମି ଦୂରତ୍ୱ ଥିବା ରାସ୍ତାଟିର ଦୋହରି କରଣ ପାଇଁ ଅଂଚଳବାସିନ୍ଦାଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଏହା କଟକ ସ୍ଥିତ ଫୁଲନଖରା କୋଣାର୍କ ରାଜ୍ୟ ରାଜପଥର ଅଡଶପୁର ବଜାର ଠାରୁ ବାହରି କର୍ସଦା, ବରିଷଣ, ସିଠାଳୋ ଛକ, ଡିହ ସିଠାଳୋ, ଶାସନପଦା ଓ ଆଳିପିଙ୍ଗଳ ଦେଇ ଜଗତସିଂହପୁର ମାଛ ଗାଁ ଜାତୀୟ ରାଜପଥର ଜଗତସିଂହପୁର ପୋଷ୍ଟ ଅଫିସ ଛକରେ ସଂଯୋଗ ହୋଇଛି, ହେଲେ ଏହି ରାସ୍ତାକୁ ପ୍ରଶସ୍ତିକରଣ କରିବାପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିଲେ ବି ଏହା ଉପରେ ଗୁରୁତ୍ୱ ନଦିଆ ଯିବାକୁ ନେଇ ଆନ୍ଦୋଳନର ଦାନା ବାନ୍ଧିଲାଣି। ପାରାଦ୍ୱୀପ, ଜଗତସିଂହପୁର, ସାଲେପୁର ଓ କେନ୍ଦ୍ରାପଡାର ଲୋକମାନେ ଭୁବନେଶ୍ୱର ଯିବା ପାଇଁ ଏହି ରାସ୍ତାରେ ଯାତାୟତ କରିଥାନ୍ତି। ସେହିପରି ଖୋର୍ଦ୍ଧା ଜିଲ୍ଲା ଓ ପୁରୀ ଜିଲ୍ଲାର ଲୋକମାନେ ପାରାଦ୍ୱୀପ ଯାତାୟତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ମୁଖ୍ୟତଃ ପାରାଦ୍ୱୀପରୁ ଭୁବନେଶ୍ୱର ଯାତାୟତ ପାଇଁ ଏହି ରାସ୍ତାଟି ଅପେକ୍ଷାକୃତ କମ ଦୂରତା ହୋଇଥିବାରୁ ହଜାର ହଜାର ୨ଚକିଆ ଯାନ ଓ ଭାରି ଯାନ ଦୈନିକ ଏହି ରାସ୍ତାରେ ଯିବା ଆସିବା କରନ୍ତି। ଉକ୍ତ ରାସ୍ତା ଉପରେ ସ୍ଥାନୀୟ ଅଂଚଳର ୩ଗୋଟି ପ୍ରତିଷ୍ଠିତ ମହାବିଦ୍ୟାଳୟ ହୃଦୟନାଥ ମହାବିଦ୍ୟାଳୟ, ଅଡଶପୁର କସରଦା ମହାବିଦ୍ୟାଳୟ, କଶରଦା ଓ ଏରଂଚ ମହାବିଦ୍ୟାଳୟ, ଏରଂଚ ସହିତ ଅନେକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ୧୦ଟି ବାଲିଘାଟର ବାଲି ପରିବହନ ଏହି ରାସ୍ତା ଦେଇ ବହୁଳ ସଂଖ୍ୟାରେ ଯାତାୟତ କରିଥାଏ ତେଣୁ ରାସ୍ତାଟି ସଦାସର୍ବଦା ଦିବାରାତ୍ର ବ୍ୟସ୍ତ ବହୁଳ ହେଉଥିବାରୁ ଓ ରାସ୍ତାଟି ପ୍ରଶସ୍ତିକରଣ ନ ହେବା ଦ୍ୱାରା ବହୁ ସ୍ଥାନରେ ଦୁର୍ଘଟଣା ଶିକାର ହେବାକୁ ପଡିଥାଏ। ବିଗତ ଦିନମାନଙ୍କରେ ଏହି ରାସ୍ତାରେ ବହୁ ବ୍ୟକ୍ତି ଦୁର୍ଘଟଣା ଗ୍ରସ୍ତ ହୋଇ ଶତାଧିକ ଅର୍କମଣ୍ୟ ଏବଂ କୋଡିଏରୁ ଅଧିକ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। କଟକ ଓ ଜଗତସିଂହପୁର ଜିଲ୍ଲାର ବାସିନ୍ଦାମାନଙ୍କ ପାଇଁ ଅଡଶପୁର-ଆଳିପିଙ୍ଗଳ ଦୋହରି କରଣ ରାସ୍ତାଟି ନିହାତି ଜରୁରୀ ଥିବାବେଳେ ଅରିଶୋଳ, କର୍ସଦା, ସିଠାଳୋ ଓ ଆଳିପିଙ୍ଗଳ ଠାରେ ଦ୍ୱିତୀୟ ପୋଲ ନିର୍ମାଣ କରାଯିବା ନିମନ୍ତେ ଦାବି ଉଠୁଛି। ଏହି ଦୋହରି କରଣ ରାସ୍ତାଟି କରିବାପାଇଁ ଉପକୂଳ ଓଡିଶା ବିକାଶ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳ ସଂଗ୍ରାମୀ କେଶରୀ ମହାପାତ୍ରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବେଳେ ୫ ଟି ସଚିବ ଭି.କେ. ପାଣ୍ଡିୟାନ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୂଷି ସାହୁ, ସବ୍ୟସାଚୀ ସାହୁ, କାହ୍ନୁଚରଣ ଜେନା, ସରୋଜ ଦାଶ, ପଗଲି ରାଉତ, ବାନାମ୍ବର ବାରିକ, ପ୍ରକାଶ ବିରାଟ, ଶଶୀ ପରିଜା ପ୍ରମୁଖ ଉପସ୍ଥିତ ଥିବା ବେଳେ ପରିଷଦର ଆବାହକ ସରୋଜ ନାୟକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରୁଥିଲେ।

# ଜିଲା ଯୁବ କଂଗ୍ରେସର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

**ନବରଙ୍ଗପୁର :** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ କଲ୍ୟାଣୀ ମଣ୍ଡପ ଠାରେ ଜିଲା ଯୁବ କଂଗ୍ରେସର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲା ଯୁବ କଂଗ୍ରେସ ସଭାପତି ଅଖିଳ ଭତ୍ରା ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଲୋକ ପ୍ରିୟ ଦକ୍ଷ ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀ , ସମ୍ମାନିତ ଅତିଥି ଭାବେ ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି. ସାଇରାଜୁ, ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝୀ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଦ୍ୱାରିକା ମହାପାତ୍ର, ଜିଲା ଯୁବ କଂଗ୍ରେସ ଉପ ସଭାପତି ବାବୁଲି ବାଗ୍, ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଦେବାଶିଷ ମହାନ୍ତି, ଜିଲା ଛାତ୍ର କଂଗ୍ରେସ ସଭାପତି ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ନବରଙ୍ଗପୁର ଜିଲା ର ୧୦ ଟି ବ୍ଲକ ରୁ ଆସିଥିବା ବ୍ଲକ ଯୁବ କଂଗ୍ରେସ ସଭାପତି ଓ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣ ରେ ଯୁବ କଂଗ୍ରେସ,କଂଗ୍ରେସ ଦଳର ବିପ୍ଲପ କହି ଥିବା ବେଳେ ଦୀର୍ଘ ୩୮ ବର୍ଷ କଂଗ୍ରେସ ରେ ରହି ଦଳ ପାଇଁ ୫୨ ଥର ଆରେଷ୍ଟ ହେବା, ୧୧ ଥର ଜେଲ ଯିବା,ଜିଲ୍ଲା ଠାରୁ ରାଜ୍ୟ ରେ ବିଭିନ୍ନ ପଦ ପଦବୀ ରେ ରହି ନିଜ ଘରୁ ମୁଖ୍ୟ ମନ୍ତ୍ରୀ,ବିଧାୟକ ପଦ ପାଇ ଥିବା ନିଜ ବକ୍ତବ୍ୟରେ ସୂଚନା ଦେଇ ଥିଲେ ।ବୈଠକରେ ମଞ୍ଚର ଅତିଥି ମାନେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିପୁଳ ସଂଖ୍ୟାରେ ଯୁବକ ଯୁବତୀ ମାନଙ୍କୁ ସଂଗଠନରେ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ ।ମୁଖ୍ୟ ଅତିଥି ଯେତେବେଳେ ଜିଲ୍ଲା ଯୁବ ସଭାପତି ଥିଲେ,ସେତେବେଳେ ନବରଙ୍ଗପୁର ଜିଲ୍ଲା ରେ ପ୍ରଥମ ପୁରସ୍କାର ଓ ମାନ ପତ୍ର ଦିଲ୍ଲୀ ଦରବାର ରେ ଶ୍ରୀଯୁକ୍ତ ବିସ୍ୱମ୍ବର ନାଥ ପାଣ୍ଡେ ଙ୍କ କର କମଳ ରେ ପାଇ ଥିଲେ ।ଆଗାମୀ ଦିନରେ ଦଳକୁ ସମସ୍ତ ଅତିଥି ବୃନ୍ଦ ତୃଣମୂଳ ସ୍ତରରେ ସୁଦୃଢ କରି ପ୍ରତି ପଞ୍ଚାୟତରେ ୱାର୍ଡ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଯୁବ ଗୋଷ୍ଠୀ ମାନଙ୍କୁ ଶତପ୍ରତିଶତ ଜିତାଇବା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏଥିରେ ରାଇଘରରୁ ଯୁବ ନେତା ଅଭୟ ଦେଓ ହାଲଓ୍ୱା, ବୈଦ୍ୟନାଥ ଗଣ୍ଡ ଓ ଲଖୀ ଗଣ୍ଡଙ୍କ ନେତୃତ୍ୱରେ ୧୩ ଜଣ ଯୁବକ କଂଗ୍ରେସରେ ସାମିଲ ହୋଇଥିଲେ ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ



**ଜଗତସିଂହପୁର :** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ ତଥା ଆଦର୍ଶବାଦୀ ବ୍ୟକ୍ତି ଭାବେ ବେଶ ଜଣାଶୁଣା ଥିବା ନିରଂଜନ ପଟ୍ଟନାୟକଙ୍କ ୭୫ ବର୍ଷ ବୟସରେ ପରଲୋକ ହୋଇଛି। ତାଙ୍କର ଚାକିରି ଜୀବନ କଟକ ସ୍ଥିତ ପୋଲିସ ମହା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଆରମ୍ଭ ହୋଇ ସେଠାରେ ହିଁ ଶେଷ ହୋଇଥିଲା। ଅବସର ପରେ ସେ ଗାଁ ରେ ରହୁଥିଲେ ଓ କିଛିଦିନ ହେଲା ସେ ଅସୁସ୍ଥ ଥିବାରୁ ତାଙ୍କୁ କଟକ ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ କରାଯାଉଥିଲା। ହଠାତ୍ ହୃଦଘାତରେ ତାଙ୍କର ପରଲୋକ ହୋଇଥିଲା। ମୃତ ଶରୀର ନିକଟରେ ତାଙ୍କ ୩ପୁଅ ବୋହୂ ଓ ୨ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁ ଖବର ଜଣାପଡିବା ପରେ ସ୍ଥାନୀୟ ଅଂଚଳର ବହୁ ବୁଦ୍ଧିଜୀବି ଓ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଘରେ ପହଂଚି ମରଶରୀରକୁ ଶୋଭା ଯାତ୍ରାରେ ଶ୍ମଶାନ ସ୍ଥାନ ପର୍ଯ୍ୟନ୍ତ ନେଇଥିଲେ। ଏହି ଶୋଭାଯାତ୍ରାରେ ସ୍ଥାନୀୟ ସରପଂଚ ଜାନକୀ ବଲ୍ଲଭ ସ୍ୱାଇଁ, ସରୋଜ ରାୟ, ବିଭୁଦାନନ୍ଦ ପଟ୍ଟନାୟକ, ବିଶ୍ୱରଂଜନ ପଟ୍ଟନାୟକ, ନିତ୍ୟରଂଜନ ପଟ୍ଟନାୟକ, ତପନ କୁମାର ସ୍ୱାଇଁ, ସୁରେନ୍ଦ୍ର ପଟ୍ଟନାୟକ ଓ ସାଗର ପଟ୍ଟନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକ ସଂତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କର ବଡ ପୁଅ ତଥା ଆଇନଜୀବି ପ୍ରଦୀପ୍ତ କୁମାର ପଟ୍ଟନାୟକ ମୁଖାଗ୍ନି ଦେଇଥିବା ବେଳେ ୨ପୁଅ ପ୍ରମୋଦ କୁମାର ପଟ୍ଟନାୟକ ଓ ସାନପୁଅ ପ୍ରଶାନ୍ତ କୁମାର ପଟ୍ଟନାୟକ ସେଠାରେ ଉପସ୍ଥିତ ଥିଲେ।

# +୩ ପାଇଁ ସ୍ପଟ ନାମଲେଖା: ୨୩ରେ ମେଧା ତାଲିକା, ୨୭ରୁ ନାମଲେଖା

**ଭୁବନେଶ୍ୱର :** ସ୍ନାତକ(+୩) ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସରିବା ପରେ ଖାଲିଥିବା ଆସନ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୧୦୨୨ ମହାବିଦ୍ୟାଳୟର କଳା,ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ଶିକ୍ଷା, ସଂସ୍କୃତ, ସେଲ୍ଫ ଫାଇନାନ୍ସିଂ (ନିଜସ୍ୱ ଦେୟ) ପାଠ୍ୟକ୍ରମରେ ୧ ଲକ୍ଷ ୩ ହଜାର ୧୦୫ ଆସନ ଖାଲି ରହିଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଖାଲିଥିବା ସିଟ୍ ସମ୍ବନ୍ଧରେ ଅକ୍ଟୋବର ୪ରୁ ୬ ମଧ୍ୟରେ ତଥ୍ୟ ଯାଞ୍ଚ କରାଯିବ। ୮ ତାରିଖ ଅପରାହ୍ଣ ୫ଟାରେ ଖାଲି ଥିବା ଆସନ(ସିଟ୍)ର ଚୂଡ଼ାନ୍ତ ତାଲିକା ସାମ୍ସ ୱେବସାଇଟ୍, ଶିକ୍ଷାନୁଷ୍ଠାନର ଇ-ସ୍ପେସ୍ରେ ତଥ୍ୟ ଦାଖଲ ସହ ଶିକ୍ଷାନୁଷ୍ଠାନ ନୋଟିସ୍ ବୋର୍ଡରେ ତଥ୍ୟ ପ୍ରଦର୍ଶିତ ହେବ। ଅନ୍ୟପକ୍ଷରେ ଆସନ୍ତା ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ଯୋଗ୍ୟ ପ୍ରାର୍ଥୀ ତଥା ଗତ ଅଗଷ୍ଟ ୨୦ରୁ ସେପ୍ଟେମ୍ବର ୪ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ନାମ ପଞ୍ଜୀକରଣ କରିଥିବା ଓ କମନ୍ ଆପ୍ଲିକେସନ ଫର୍ମ(ସିଏଏଫ୍) ଦାଖଲ କରିଥିବା ପ୍ରାର୍ଥୀଙ୍କୁ ହିଁ ସ୍ପଟ(ତତ୍କାଳ) ନାମଲେଖା ପାଇଁ ସୁଯୋଗ ମିଳିବ। ଛାତ୍ରଛାତ୍ରୀ ନିଜର ପୂର୍ବ ୟୁଜରନେମ୍ ଓ ପାସୱାର୍ଡ ଦେଇ ଆଗ୍ରହୀ ଶିକ୍ଷାନୁଷ୍ଠାନ ଓ ବିଷୟ ସମ୍ବନ୍ଧରେ ଉଲ୍ଲେଖ କରିପାରିବେ। ଅତିବେଶିରେ ଜଣେ ବିଦ୍ୟାର୍ଥୀ ୫ଟି ଶିକ୍ଷାନୁଷ୍ଠାନ ପାଇଁ ଆବେଦନ କରିପାରିବେ। ଅକ୍ଟୋବର ୧୬, ୧୮, ୧୯, ୨୦ ଓ ୨୧ ତାରିଖରେ ପ୍ରାର୍ଥୀଙ୍କୁ ହାତଲେଖା ଆବେଦନପତ୍ର ସହ ନିଜସ୍ୱ ଦସ୍ତଖତ ଥିବା ମାର୍କସିଟ୍ ସହ ଆବଶ୍ୟକ କାଗଜପତ୍ର ଦେଇ ଆବେଦନ କରିବେ। ୨୩ ତାରିଖରେ ଯୋଗ୍ୟ ପ୍ରାର୍ଥୀଙ୍କ ମେଧା ତାଲିକା ଶିକ୍ଷାନୁଷ୍ଠାନ ନୋଟିସ୍ ବୋର୍ଡରେ ପ୍ରକାଶ ପାଇବ। ଶିକ୍ଷାନୁଷ୍ଠାନ ପକ୍ଷରୁ ଏକ ଖାତାରେ ସମସ୍ତ ତଥ୍ୟ ଉଲ୍ଲେଖ ରହିବ। ଯଦି କୌଣସି ପ୍ରାର୍ଥୀ ଏକାଧିକ ସୁଯୋଗ/ ମନୋନୟନ(ଚଏସ୍/ଅପ୍ସନ୍) ପାଇଥିବେ ସେଥିମଧ୍ୟରୁ ଗୋଟିଏକୁ ୨୪ରୁ ୨୭ ତାରିଖ ମଧ୍ୟରେ ବାଛିବେ। ୨୪ରୁ ୨୭ ତାରିଖ ମଧ୍ୟରେ ପ୍ରାର୍ଥୀ ଅନ୍ଲାଇନ୍ (ସଞ୍ଚାର ଜରିଆରେ) ଦେୟ ଦାଖଲ କରିବେ। ଅକ୍ଟୋବର ୨୭ ଓ ୨୮ ତାରିଖରେ କାଗଜପତ୍ର ଯାଞ୍ଚ କରାଯିବା ସହ ନାମଲେଖା ଅନୁଷ୍ଠିତ ହେବ।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ



**ନରସିଂହପୁର :** ନରସିଂହପୁର ବ୍ଲକ ଅନ୍ତର୍ଗତ କମଳାଡିହ ଗ୍ରାମର ମା ଭୁବନେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ କୋଭିଡ କଟକକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ଭୁବନେଶ୍ୱରୀ ଏବଂ ସୋମନାଥ ମହାଦେବଙ୍କ ମନ୍ଦିର ପରିସରରେ ପ୍ରଥମେ ପୂଜାର୍ଚ୍ଚନା କରିଥିଲେ। ମଞ୍ଚର ସଭାପତି ସଞ୍ଜୟ କୁମାର ଡାଲୁଆଙ୍କ ପୌରୋହିତ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା। କମଳାଡିହ ସରପଞ୍ଚ ଅନିତା ନାୟକ ମୁଖ୍ୟ ଅତିଥି, ଦୁର୍ଗା ପ୍ରସାଦ ମହାରଣା ମୁଖ୍ୟବକ୍ତା, ମଞ୍ଚର ଉପସଭାପତି ଯୁଧିଷ୍ଠିର ନାୟକ, ଉପଦେଷ୍ଟା ଭୁବନେଶ୍ୱରୀ ମନ୍ତ୍ରୀ, ଗଙ୍ଗାଧର ଡାଲୁଆ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚର ସମ୍ପାଦକ ବୈକୁଣ୍ଠ ନାଥ ସାହୁ ଆଜିର ଦିବସ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବର୍ତ୍ତମାନ ସମାଜରେ ବରିଷ୍ଠ ନାଗରିକ ମାନଙ୍କୁ କିଭଳି ସମ୍ମାନସ୍ପଦ ସ୍ଥାନରେ ରଖାଯାଇ ପାରିବ, ବରିଷ୍ଠ ନାଗରିକ ମାନଙ୍କର ମୌଳିକ ଆବଶ୍ୟକ ଥିବା ସ୍ୱାସ୍ଥ୍ୟ ସେବା ପାଇବାକୁ ନେଇ ଅଧିକାର ଏବଂ ବିଭିନ୍ନ ଅଞ୍ଚଳରେ ରହିଥିବା ବରିଷ୍ଠ ନାଗରିକ ମାନଙ୍କୁ ଆଗାମୀ ଉତ୍ସବରେ କିଭଳି ସମ୍ବର୍ଦ୍ଧିତ କରାଯିବ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ଶଙ୍କର୍ଷଣ ପ୍ରଧାନ, ଲଳିତ କୁମାର ଡାଲୁଆ, ଯୁଧିଷ୍ଠିର ନାୟକ, ଲୋକନାଥ ସାହୁ, ସୁବାଷ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶେଷରେ ଶ୍ରୀ ଡାଲୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚଳିତ ମାସରେ ...

ବିଚାରକୁ ନେଇ ରୋଟେସନ୍ କରିବାକୁ ମଧ୍ୟ କୁହାଯାଇଛି। ଏହି ସଂରକ୍ଷଣ ପ୍ରକ୍ରିୟାକୁ ଅକ୍ଟୋବରରେ ସାରିବାକୁ ଧାର୍ଯ୍ୟ କରାଯାଇଛି। ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ପାଇଁ ଚିଠା ସଂରକ୍ଷଣ ତାଲିକା ଅକ୍ଟୋବର ୮ରେ ପ୍ରକାଶିତ ହେବ। ଲୋକମାନେ ତାଙ୍କର ଆପତ୍ତି ଅଭିଯୋଗ ଅକ୍ଟୋବର ୧୬ ସୁଦ୍ଧା ଜଣାଇବେ। ଗ୍ରାମ ପଞ୍ଚାୟତର ଚୂଡ଼ାନ୍ତ ସଂରକ୍ଷଣ ତାଲିକା ଅକ୍ଟୋବର ୨୬ରେ ଓ ପଞ୍ଚାୟତ ସମିତିର ଚୂଡ଼ାନ୍ତ ତାଲିକା ଅକ୍ଟୋବର ୩୦ ସୁଦ୍ଧା ରାଜ୍ୟ ନିର୍ବାଚନ କମିସନଙ୍କୁ ଦିଆଯିବ। ଜିଲ୍ଲା ପରିଷଦର ଚିଠା ସଂରକ୍ଷଣ ତାଲିକା ଅକ୍ଟୋବର ୧୬ରେ ପ୍ରକାଶ ପାଇବ ଓ ୨୬ ତାରିଖ ସୁଦ୍ଧା ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ।

### ବାଣ ବିକ୍ରି ...

ରାଜ୍ୟ ତମାମ କେଉଁଠିବି ସାପ୍ତାହିକ ସଟଡାଉନ୍ ଲାଗୁ ହେବ ନାହିଁ। ରାଜ୍ୟରେ ଅନଲକ୍ ପ୍ରକ୍ରିୟା ଚାଲିଥିଲେ ମଧ୍ୟ ମାତ୍ର ରାଜ୍ୟର ସହରାଞ୍ଚଳରେ ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ନାଇଟ୍ କର୍ଫ୍ୟୁ ବଳବତ୍ତର ରହିବ। ମାତ୍ର କଟକ ଓ ଭୁବନେଶ୍ୱରରେ ଏହି ନାଇଟ୍ କର୍ଫ୍ୟୁ ଅକ୍ଟୋବର ୧୧ରୁ ୨୦ତାରିଖ ପର୍ଯ୍ୟନ୍ତ ରାତି ୮ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଲାଗୁ ହେବ। ତେବେ ସକାଳ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସମସ୍ତ ପ୍ରକାରର ଦୋକାନ, ମଲ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ରାଜ୍ୟବ୍ୟାପୀ ଖୋଲା ରହିବ। ସମସ୍ତ ପ୍ରକାରର ଧାର୍ମିକ ସମାରୋହ, ଉତ୍ସବ ପାଳନ ଉପରେ କଟକଣା ବଳବତ୍ତର ରହିବ। ଆଗକୁ ଦୀପାବଳି ଆସୁଥିବାବେଳେ ସରକାର ଚଳିତ ପାର୍ବଣ ଋତୁରେ ବାଣ ବିକ୍ରି ଓ ଫୁଟାଇବା ଉପରେ ରାଜ୍ୟବ୍ୟାପୀ କଟକଣା ଜାରି କରିଛନ୍ତି। ଏହି ନାଇଟକର୍ଫ୍ୟୁ ସମୟରେ ସମସ୍ତ ପ୍ରକାରର ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ। କେବଳ ଔଷଧ ଦୋକାନ, ଚଷମା ଦୋକାନ ଆଦି ଖୋଲା ରହିବ। ଖାଦ୍ୟ ସାମଗ୍ରୀର ହୋମ୍ ଡେଲିଭରି ପାଇଁ ଅନୁମତି ରହିବ। କୋଭିଡ୍ ପରୀକ୍ଷା, କୋଭିଡ୍ ଟିକା କେନ୍ଦ୍ରକୁ ଯିବା ସମେତ ସମସ୍ତ ପ୍ରକାରର ଘରୋଇ ଓ ସରକାରୀ ଅତ୍ୟାବଶ୍ୟକ ସେବା ସହ ଜଡ଼ିତ ସେବା ପାଇଁ ଅନୁମତି ମିଳିବ। ଘରୋଇ ଚାରିଚକିଆ ଓ ଦୁଇଚକିଆ ଯାନ ଚଳାଚଳ, ଅଟୋ ରିକ୍ସା ଓ କ୍ୟାବ୍ ସର୍ଭିସ ଆଦିକୁ ବସଷ୍ଟାଣ୍ଡ, ରେଳଷ୍ଟେସନ, ଏୟାରପୋର୍ଟକୁ ନେବା ଆଣିବା ନିମନ୍ତେ ଅନୁମତି ମିଳିବ। ନାଇଟ୍ କର୍ଫ୍ୟୁ ସମୟରେ ଭୁବନେଶ୍ୱର ଓ କଟକର ପୋଲିସ କମିଶନର, ମହାନଗର ନିଗମ କମିଶନର ଅବା ଜିଲ୍ଲାପାଳ ଚାହିଁଲେ ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଅତିରିକ୍ତ ପ୍ରତିଷେଧକ ପଦକ୍ଷେପ ନେଇପାରିବେ ବୋଲି ଏସଆରସି କହିଛନ୍ତି। ଏସବୁ ବ୍ୟତୀତ ରାଜ୍ୟ ସରକାର ପୂର୍ବରୁ ଜାରି କରିଥିବା ଧାର୍ମିକ,ରାଜନୀତିକ ଓ ସାମାଜିକ ସମାରୋହ ଉପରେ କଟକଣା ପୂର୍ବବତ୍ ବଳବତ୍ତର ରହିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା ଓ ସାନିଟାଇଜେସନ୍ ଭଳି କୋଭିଡ୍ ଗାଇଡଲାଇନକୁ କଡ଼ାକଡ଼ି ପାଳନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଏହି ନିୟମକୁ ଉଲ୍ଲଙ୍ଘନ କରିବେ ସେମାନଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରା ଓ ବିପର୍ଯ୍ୟୟ ପରିଚାଳନା ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହେବା ସହ ଦଣ୍ଡର ପ୍ରାବଧାନ ରହିଛି ବୋଲି ସରକାର ସ୍ପଷ୍ଟ କରିଛନ୍ତି।

### ହଟିବ ଅଳିଆର ...

ସହରମାନଙ୍କରେ ଦେଖାଯାଉଥିବା ଅଳିଆର ପାହାଡ଼ ସଂପୂର୍ଣ୍ଣ ଭାବେ ଦ୍ୱିତୀୟ ପର୍ଯ୍ୟାୟରେ ହଟିବ। ଦିଲ୍ଲୀରେ ମଧ୍ୟ ସେମିତି ଗୋଟିଏ ଅଳିଆ ପାହାଡ଼ ରହିଛି। ଏହା ଦୀର୍ଘ ଦିନ ହେଲା ହଟିବା ଅପେକ୍ଷାରେ ରହିଛି।" ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୋଦି ଆହୁରି କହିଛନ୍ତି, ସ୍ୱଚ୍ଛ ଭାରତ ମିଶନ ସହରର ଦ୍ୱିତୀୟ ପର୍ଯ୍ୟାୟ ଓ ଅମୃତ ୨.୦ ମିଶନ ବିଆର ଆମ୍ବେଦକର ଦେଖିଥିବା ସ୍ୱପ୍ନକୁ ପୂରଣ କରିବା ଦିଗରେ ବଡ଼ ପଦକ୍ଷେପ। ଆଜିର କାର୍ଯ୍ୟକ୍ରମ ବିଆର ଆମ୍ବେଦକର କେନ୍ଦ୍ରରେ ଆୟୋଜିତ ହେବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ସାମାନତା ପାଇଁ ସହରାଞ୍ଚଳ ବିକାଶ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ଆମ୍ବେଦକର ସବୁବେଳେ ଚିନ୍ତା କରୁଥିବା ମୋଦି କହିଛନ୍ତି। ସହାରାଞ୍ଚଳକୁ ଆବର୍ଜନା ମୁକ୍ତ ରଖିବା ପାଇଁ ସ୍ୱଚ୍ଛ ଭାରତ ମିଶନ ୨.୦ରେ ସବୁ ପ୍ରକାରର ପ୍ରୟାସ କରାଯିବ। ସେହିପରି ବାହ୍ୟ ମଳ ତ୍ୟାଗକୁ ସଂପୂର୍ଣ୍ଣ ଭାବେ ମଧ୍ୟ ବନ୍ଦ କରାଯିବ। ଏହି ଯୋଜନାରେ ପ୍ରାୟ ୧.୪୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଅମୃତ ୨.୦ ଯୋଜନାରେ ୪,୭୦୦ ୟୁଏଲବିରେ ଥିବା ସମସ୍ତ ଘରରକୁ ଶତ ପ୍ରତିଶତ ପିଇବା ପାଣି ଯୋଗାଇ ଦିଆଯିବ। ଏଥିପାଇଁ ୨.୬୮ କୋଟି ଟ୍ୟାପର ବ୍ୟବସ୍ଥା ହେବ।

### ରାଜ୍ୟରେ ...

ତେଣୁ ୯ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ଅଗଷ୍ଟରେ ୨୯ ପ୍ରତିଶତ ନିଅଣ୍ଟିଆ ଥିବାବେଳେ ସେପ୍ଟେମ୍ବରରେ ଭଲ ବର୍ଷା ହେବାରୁ ୨୦ ପ୍ରତିଶତ ଭରଣା ହୋଇ ପାରିଛି। ଜଗତସିଂହପୁର ଓ ପୁରୀ ଜିଲାରେ ସ୍ୱାଭାବିକରୁ ଅଧିକ ବର୍ଷା ହୋଇଛି। ଝାରସୁଗୁଡା, କଳାହାଣ୍ଡି, ସମ୍ବଲପୁର, ବଲାଙ୍ଗୀର, ଯାଜପୁର ଓ ନବରଙ୍ଗପୁରରେ ନିଅଣ୍ଟ ରହିଛି। ଅବଶିଷ୍ଟ ୨୩ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚ୍.ଆର ବିଶ୍ୱାସ କହିଛନ୍ତି। ଝାରସୁଗୁଡାରେ ୨୯ ପ୍ରତିଶତ, ସମ୍ବଲପୁରରେ ୨୮ ପ୍ରତିଶତ, ଯାଜପୁରରେ ୨୨ ପ୍ରତିଶତ, ବଲାଙ୍ଗୀରରେ ୨୫ ପ୍ରତିଶତ, କଳାହାଣ୍ଡି ଓ ନବରଙ୍ଗପୁରରେ ୨୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ପୁରୀରେ ସ୍ୱାଭାବିକରୁ ୨୨ ପ୍ରତିଶତ ଏବଂ ଜଗତସିଂହପୁରରେ ସ୍ୱାଭାବିକରୁ ୨୯ ପ୍ରତିଶତ ଅଧିକ ବର୍ଷିଛି ମୌସୁମି। ବାକି ଜିଲାରେ ସ୍ୱାଭାବିକ ବର୍ଷା ରହିଛି। ପ୍ରତି ବର୍ଷ ମୌସୁମି ଋତୁରେ ହାରାହାରି ୧୨ ଲଘୁଚାପ ଓଡ଼ିଶାକୁ ଆସିଥାଏ। ଚଳିତ ବର୍ଷା ୯ ଲଘୁଚାପ ଏବଂ ଗୋଟିଏ ବାତ୍ୟା ଆସିଛି। ଏ ବର୍ଷ ସେପ୍ଟେମ୍ବରରେ ବଙ୍ଗୋପସାଗରରେ ୫ ଅବପାତ ଓ ଲଘୁଚାପ ଓଡ଼ିଶା ଉପରେ ପ୍ରଭାବ ପକାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଜୁନରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷା ୧୧୬୦ ମିମି ହେବାକୁ ଥିବାବେଳେ ୧୦୪୬ ମିମି ହୋଇଛି। ଜଗତସିଂହପୁରରେ ସ୍ୱାଭାବିକରୁ ୩୨.୪ ପ୍ରତିଶତ ଅଧିକ ଏବଂ ନବରଙ୍ଗପୁର, ବଲାଙ୍ଗୀର, ଭଦ୍ରକ, ସୁନ୍ଦରଗଡ, ରାୟଗଡା, କନ୍ଧମାଳ, ସମ୍ବଲପୁର, କଳାହାଣ୍ଡି ଓ ଝାରସୁଗୁଡାରେ ନିଅଣ୍ଟିଆ ବର୍ଷା ହୋଇଛି। ଝାରସୁଗୁଡାରେ ସବୁଠୁ ଅଧିକ ୩୩.୩ ପ୍ରତିଶତ ବର୍ଷା ନିଅଣ୍ଟ ରହିଛି। ଅବଶିଷ୍ଟ ଜିଲାରେ ସ୍ୱାଭାବିକ ବୃଷ୍ଟିପାତ ହୋଇଥିବା ନେଇ ସେ କହିଛନ୍ତି।

### ଦୁଇ ମୁଖ୍ୟମନ୍ତ୍ରୀଙ୍କ ...

କପି ରାଇଟ୍ ଦେଇଛି କିନ୍ତୁ ଏହା ଉପରେ ପଦକ୍ଷେପ ନିଆଯାଇନାହିଁ। ସେହିପରି ଆନ୍ଧ୍ରପ୍ରଦେଶର ସୀମାନ୍ତବର୍ତୀ ଗ୍ରାମ ଗୁଡ଼ିକରେ ଓଡିଆ ଭାଷାଭିତିକ ଶିକ୍ଷା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇ ଏସ ଜଗନମୋହନ ରେଡ୍ଡୀଙ୍କୁ ପୃଥକ ପତ୍ରରେ ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। କେନ୍ଦ୍ରମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମା ନିର୍ଦ୍ଧାରଣ ପରେ ଓଡ଼ିଶା ତଥା ଆନ୍ଧ୍ରପ୍ରଦେଶର ସୀମାନ୍ତବର୍ତୀ କେତେକ ବିଦ୍ୟାଳୟ ଯଥାକ୍ରମେ ଆନ୍ଧ୍ରପ୍ରଦେଶ ଏବଂ ଓଡିଶାର ବିଦ୍ୟାଳୟ ବ୍ୟବସ୍ଥାରେ ମିଶି ଯାଇଛନ୍ତି। ଫଳସ୍ୱରୂପ, ଦୁଇ ରାଜ୍ୟର ବିଦ୍ୟାଳୟରେ ଅନେକ ଓଡ଼ିଆ ଏବଂ ତେଲୁଗୁ ଭାଷାଭାଷୀ ପିଲା ସଂଖ୍ୟାଲଘୁ ଗୋଷ୍ଠୀରେ ପରିଣତ ହୋଇଛନ୍ତି, ସେମାନଙ୍କ ମାତୃଭାଷାକୁ ସହଯୋଗ ଦେବାର ଆବଶ୍ୟକତା ରହିଛି। ଏହି ପରିସ୍ଥିତିର ସମାଧାନ ପାଇଁ ଉଭୟ ରାଜ୍ୟ ସରକାର ବିଦ୍ୟାଳୟରେ ନିଜ ନିଜ ଭାଷା ତଥା ଓଡ଼ିଶାରେ ତେଲୁଗୁ ଏବଂ ଆନ୍ଧ୍ରପ୍ରଦେଶରେ ଚାହୁଁଥିବା ଛାତ୍ରଛାତ୍ରୀଙ୍କୁ ଓଡିଆରେ ଶିକ୍ଷା ଗ୍ରହଣ କରିବାକୁ ଇଚ୍ଛା କରୁଥିବା ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ ପଦକ୍ଷେପ ନେବାକୁ ଚୁକ୍ତି କରିଥିଲେ। ତେବେ ଓଡ଼ିଆ ଶିଖିବାକୁ ଇଚ୍ଛା କରୁଥିବା ବିଶାଖାପାଟନମ୍ ଏବଂ ଶ୍ରୀକାକୁଲମ୍ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ସହଯୋଗ ଦିଆଯାଉ ନାହିଁ। କିନ୍ତୁ ଓଡିଶାରେ ତେଲୁଗୁ ଭାଷା ଶିଖିବାକୁ ଛାତ୍ରଛାତ୍ରୀଙ୍କୁ ସହଯୋଗ ଦିଆଯିବା ସହ ଶିକ୍ଷକ ନିଯୁକ୍ତ କରାଯାଉଛି।


### ପ୍ରାଥମିକ ଶିକ୍ଷକଙ୍କ ...

ଝାଡଖଣ୍ଡ ସରକାର ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜ୍ୟଭାଷାର ମାନ୍ୟତା ଦେଇଥିଲେ। ହେଲେ ବିଡମ୍ବନା ହେଉଛି, ୨୦୨୧-୨୨ ଶିକ୍ଷାବର୍ଷରୁ ସେହି ମାନ୍ୟତା ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି ଝାଡ଼ଖଣ୍ଡ ସ୍କୁଲ ଓ ଗଣଶିକ୍ଷା ବିଭାଗ। ଏହାର ଅର୍ଥ ହେଉଛି, ଝାଡଖଣ୍ଡର କୌଣସି ସ୍କୁଲରେ ଆଉ କେହି ଚାହିଁଲେ ମଧ୍ୟ ଓଡ଼ିଆ ଭାଷାରେ ପଢି ପାରିବେନାହିଁ। ମାନ୍ୟତା ଦେବାର ୧୦ ବର୍ଷ ପରେ ଝାଡଖଣ୍ଡ ସରକାରଙ୍କ ପୁଣି ମାନ୍ୟତା ପ୍ରତ୍ୟାହାର ନିଷ୍ପତ୍ତିକୁ ନେଇ ବଢୁଛି ଅସନ୍ତୋଷ। ଝାଡଖଣ୍ଡର ଷଢେଇକଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛି କୋଲହାନ ଓଡ଼ିଆ ସମାଜ। ଯେଉଁଥିରେ ସାମିଲ ହୋଇଥିଲେ ଝାଡଖଣ୍ଡରେ ରହୁଥିବା ଶହ ଶହ ଓଡ଼ିଆ। ସେମାନଙ୍କ ଅଭିଯୋଗ ହେଉଛି, ୧୦ ବର୍ଷ ହେଲା ଓଡ଼ିଆ ଭାଷାକୁ ମାନ୍ୟତା ମିଳିଛି ହେଲେ ସମ୍ମାନ ମିଳିନି। ଆଉ ଏବେ ସ୍କୁଲରେ ନା ଓଡ଼ିଆ ପୁସ୍ତକ ମିଳୁଛି ନା ନିଯୁକ୍ତ କରାଯାଉଛି ଓଡ଼ିଆ ଶିକ୍ଷକ-ଶିକ୍ଷୟିତ୍ରୀ। ଝାଡଖଣ୍ଡ ସରକାର ଓଡ଼ିଆ ଭାଷାଭାଷୀଙ୍କ ପ୍ରତି ପକ୍ଷପାତିତା କରୁଥିବା ଅଭିଯୋଗ ଆଣି ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ଦେଇଛି ଓଡ଼ିଆ ସମାଜ ।

### ୯ ପ୍ରକଳ୍ପକୁ ...

ସୁଯୋଗ ମିଳିବ । ବୌଦ୍ଧରେ ଏମଜିଏମ୍ ବାୟୋଫୁଏଲ ପ୍ରାଃ ଲିଃ ଦ୍ୱାରା ଫୁଡ୍ ପ୍ରୋସେସିଂ କ୍ଷେତ୍ରରେ ୨୨୫.୨୪କୋଟି ଟଙ୍କା ନିବେଶ ହେବ । ଏଥିରେ ୧୨୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଟାଟା ଷ୍ଟିଲ୍ ସ୍ପେଶାଲ ଇକୋନୋମିକ ଜୋନ୍ ଲିଃ ଦ୍ୱାରା ୧୦୭କୋଟି ଟଙ୍କା ବ୍ୟୟରେ ଗୋପାଳପୁର ଏସଇଜେଡ୍ରେ ସିୱାଟର ଡିସାଲାଇନ୍ ପ୍ଲାଣ୍ଟ ସ୍ଥାପନ କରାଯିବ। ଏଥିରେ ୨୯ଜଣ ଲୋକଙ୍କୁ କର୍ମ ସଂସ୍ଥାନ ମିଳିବ। ସହ୍ୟାଦ୍ରି ଇଣ୍ଡଷ୍ଟ୍ରିଜ୍ ଦ୍ୱାରା ୧୦୦କୋଟି ଟଙ୍କା ପୁଞ୍ଜିନିବେଶରେ ବାଲେଶ୍ୱରରେ ହ୍ୱାଇଟ୍ ଫାଇବର ସିମେଣ୍ଟ କାରଖାନା ସ୍ଥାପନ ହେବ। ଏଥିରେ ୨୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସିସ୍କୋପ ଇନଷ୍ଟ୍ରାକଚର ଆଣ୍ଡ ହସ୍ପିଟାଲାଟି ପ୍ରାଃ ଦ୍ୱାରା କୋଣାର୍କ ନିକଟରେ ହୋଟେଲ କମ୍ ରିସୋର୍ଟ ସ୍ଥାପନ କରାଯିବ। ଏଥିରେ ୧୦୦ କୋଟି ଟଙ୍କା ପୁଞ୍ଜିନିବେଶର ପ୍ରସ୍ତାବ ରହିଛି ଓ ଏହାଦ୍ୱାରା ୧୭୩ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ସେହିପରି ଓଡ଼ିଶା କଂକ୍ରିଟ୍ ପ୍ରାଃ ଲିମିଟେଡ୍ ଦ୍ୱାରା ୫୪.୪୨କୋଟି ଟଙ୍କା ବ୍ୟୟରେ ବାରଙ୍ଗଠାରେ ଡ୍ରେନେଜ୍ ଓ ସିୱେଜ୍ ସିଷ୍ଟମ ପ୍ରଡକ୍ଟ ଉତ୍ପାଦନ ପାଇଁ କାରଖାନା ସ୍ଥାପନ କରାଯିବ। ଏହା ଦ୍ୱାରା ୧୦୬ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ବାରିପଦାରେ ୫୫କୋଟି ଟଙ୍କା ବ୍ୟୟରେ ନ୍ୟୁ ମଡର୍ଣ୍ଣ ଟେକ୍ନୋମେକ୍ ପ୍ରାଃର ସମ୍ପ୍ରସାରଣ ହେବ ଓ ୫୬୮ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ପରିବେଶ ସଚିବ ମୋନା ଶର୍ମା, ଶିଳ୍ପ ସଚିବ ହେମନ୍ତ କୁମାର ଶର୍ମା ଓ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# 'ଛବିଘର'ରେ ପୋଷଣ ଚର୍ଚ୍ଚା




**ଭୁବନେଶ୍ୱର :** ଚଳିତ ବର୍ଷ ଆମ ଦେଶରେ ପୋଷଣ ମାସ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ଛବିଘର (ଶିଶୁ ଚିତ୍ରଶିଳ୍ପୀଙ୍କ ଅନୁଷ୍ଠାନ) ତରଫରୁ 'ନ୍ୟୁଟ୍ରିସନ୍ ଫେଷ୍ଟ' ପାଳିତ ହୋଇଯାଇଛି ।ଏକ ମାସ ବ୍ୟାପି ଫେସବୁକରେ ପାଳିତ ଏହି ଉତ୍ସବରେ ମା ମାନଙ୍କ ଦ୍ୱାରା ପ୍ରସ୍ତୁତ ରୁଚିସମ୍ପର୍ଣ୍ଣ ତଥା ପୋଷଣଯୁକ୍ତ ଖାଦ୍ୟ ସାମଗ୍ରୀ ଗୁଡିକୁ ପ୍ରଦର୍ଶନ କରାଯାଇଥିଲା। ନ୍ୟୁଟ୍ରିସନ୍ ଫେଷ୍ଟର ଆଜିର ଉଦଯାପନୀ ସନ୍ଧ୍ୟାରେ ଆଭାସି ମାଧ୍ୟମରେ 'ପୋଷଣ ଚର୍ଚ୍ଚା' ଅନୁଷ୍ଠିତ ହୋଇଯାଇଛି। ଛବିଘରର ପ୍ରତିଷ୍ଠାତା ପ୍ରଖ୍ୟାତ ଚିତ୍ରଶିଳ୍ପୀ ଅତସୀ ବସୁ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରତିଭା ମିଶ୍ର, ଡକ୍ଟର ମନିସା ମହାନ୍ତି ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସବିତାରାଣୀ ମିଶ୍ର ଯୋଗଦାନ ପୂର୍ବକ ପୋଷଣ ମାସ ଓ ପୋଷଣ ଖାଦ୍ୟର ଉପଯୋଗିତା ଏବଂ ଶିଶୁଙ୍କ ଉପରେ ଏହାର ପ୍ରଭାବ ଉପରେ ବିସ୍ତୃତ ଭାବେ ଆଲୋଚନା, ପର୍ଯ୍ୟାଲୋଚନା ମାଧ୍ୟମରେ ପରିପ୍ରକାଶ କରିଥିଲେ। ଅଦିତି ଜେନାଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ କେନ୍ଦ୍ରୀୟ ବିଦ୍ୟାଳୟ -୧ର ଅଧ୍ୟକ୍ଷ ଡଃ ଅଞ୍ଜନ କୁମାର ଖଟୁଆ,ଚିତ୍ରଶିଳ୍ପୀ ତଥା କଳାଶିକ୍ଷକ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ମହାରଣା, ତନୁଶ୍ରୀ ବୋଷଙ୍କ ସମେତ ବହୁ ଶିଶୁଚିତ୍ରଶିଳ୍ପୀ, ଅଭିଭାବକ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ତନୁଶ୍ରୀ ବୋଷ, ଅବନ୍ତୀ ମହାରଣାଙ୍କ ସମେତ ଅନ୍ୟାନ୍ୟ ଅଂଶଗ୍ରହଣକାରୀ ନିଜ ନିଜର ଖାଦ୍ୟ ସାମଗ୍ରୀ ଉପରେ ସମ୍ୟକ ସୂଚନା ଦେଇଥିଲେ।

# ସୁବର୍ଣ୍ଣପୁରର ପ୍ରସିଦ୍ଧ ଦୈବୀ ପୀଠ 'ମା ବୁଢୀ ମାଁ'



ସିତାଂଶୁ ଶେଖର ମିଶ୍ର

ଯାଦେବୀ ସର୍ବଭୂତେଷୁ ମାତୃ ରୂପେଣସଂସ୍ଥିତା'
'ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ'

ଦ୍ୱିତୀୟ ବାରଣାସୀ ସୁବର୍ଣ୍ଣପୁର ସହରରେ ଅଷ୍ଟ ଚଣ୍ଡୀ ଙ୍କ ସହ ଆହୁରି ଅନେକ ଗୁଡ଼ିଏ ଦେବୀ ପୀଠ ଦେଖିବାକୁ ମିଳିଥାଏ। ସେଥି ମଧ୍ୟରୁ ବୁଢୀମାଁ ଠାକୁରାଣୀଏକ ପ୍ରମୁଖଦେବୀ ପୀଠଅଟେ। ଏହିମନ୍ଦିରଟି ସୁବର୍ଣ୍ଣପୁରଜିଲ୍ଲାର ସଦରମହକୁମା(ସୋନପୁର)ସୁବର୍ଣ୍ଣପୁରଢେରା ପଡ଼ାରେ ରହିଅଛି।ଏଠାରେ ବୁଢୀ ମାଁଠାକୁରାଣୀଢେରା(ତେଲୁଗୁ )ସମ୍ପ୍ରଦାୟର ଅଧିଷ୍ଠାତ୍ରୀ ଦେବୀଭାବରେ ପୂଜା ପାଇଆସୁଛନ୍ତି ଓ ଖ୍ୟାତିଲାଭ କରିଛନ୍ତି।

ଜନଶୃତି ଓ ଐତିହାସିକତଥ୍ୟଅନୁଯାୟୀ ,ଏଠାରେ ବୁଢୀମାଁଠାକୁରାଣୀଙ୍କ ସ୍ଥାପନାମହାରାଜା ପ୍ରତାପରୁଦ୍ରଙ୍କ ଶାସନ ସମୟରେ ହୋଇଅଛି।

ଜନଶୃତି ଅନୁଯାୟୀ, ମହାରାଜା ପ୍ରତାପ ରୁଦ୍ର ନିଜ ଗଡ଼ଜାତ ଅଂଚଳରେ ଜନସାଧାରଣଙ୍କ ରୋଜଗାର ଓ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ସହିତ ନିଜ ରାଜ୍ୟର ଏକ ସ୍ୱତନ୍ତ୍ର ପରିଚୟ ତଥା କୁଟୀର ଶିଳ୍ପ ସୃଷ୍ଟି ସକାଶେ ସବୁବେଳେ ଉଦ୍ୟମରତ ଥିବା ଅନୁମେୟ ହୁଏ। ଢେରା ସମ୍ପ୍ରଦାୟର ଲୋକମାନଙ୍କ ସେତେବେଳେ ଲୁଗା ବୁଣିବାରେ ପାରଦର୍ଶିତା ରହିଥିଲା। ଏହି ବିଷୟରେ ଅବଗତ ହେବାପରେ ଢେରା ସମ୍ପ୍ରଦାୟର କିଛିଲୋକଙ୍କୁ ବ୍ରହ୍ମପୁର ଠାରୁ ନିଜ ରାଜ୍ୟସୁବର୍ଣ୍ଣପୁରକୁ ଆଣି ଏଠାରେ ତାଙ୍କରହିବାର ବ୍ୟବସ୍ଥା କରିଥିଲେ ।

ଢେରା ସମ୍ପ୍ରଦାୟର ଲୋକମାନେ ଆସିବାବେଳେ ସାଥିରେ ତାଙ୍କର ମୁଖ୍ୟ ଆରାଧ ଦେବତା ବୁଢୀ ଠାକୁରାଣୀଙ୍କୁ ଆଣି ସୁବର୍ଣ୍ଣପୁରରେ ସ୍ଥାପନ କରିଥିବା ଜଣାପଡ଼େ।

ଏହାକୁ (ଖ୍ରୀ୧୮୯୧-୧୯୦୦) ମଧ୍ୟରେ ସ୍ଥାପନ ହୋଇଥିବା କଥା ବହୁ ଐତିହାସିକଙ୍କ ଗବେଷଣାରୁ ଜଣାପଡ଼େ।

ମାଆଙ୍କୁ ସେତେବେଳେ ପ୍ରଥମେ ଏକ ବିରାଟ ତେନ୍ତୁଳି ଗଛମୂଳରେ ସ୍ଥାପନକରି ପୂଜାଅର୍ଚ୍ଚନା କରୁଥିବା ଜନ ଶୃତି ରହିଛି।

ତାପରେ ଢେରା ସମ୍ପ୍ରଦାୟର ଲୋକମାନେ ନିଜ ନିଜ ଭିତରେ ଚାନ୍ଦା ଆଦାୟ କରି ଏକ ଛୋଟ ମନ୍ଦିର ନିର୍ମାଣ କରିଥିଲେ।ସେଠାରେ ମା କିଛିଦିନ ପୂଜା ପାଇବା ପରେ ପୁନଶ୍ଚ ଢେରା ସମ୍ପ୍ରଦାୟର ଲୋକମାନେ ମାଆଙ୍କ ସକାଶେ ଆଉ ଟିକିଏ ଆକର୍ଷଣୀୟ ଓ କାରୁକାର୍ଯ୍ୟ ଖଚିତ ମନ୍ଦିର ନିର୍ମାଣ କରିଥିଲେ ଓ ମାଆ ସେଠି ପୂଜା ପାଇ ଆସୁଥିଲେ।

ଏବେ ପୁଣି ମାଆଙ୍କ ଆଗ୍ରହ କ୍ରମେ ମନ୍ଦିରର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି।ଏହା ଦକ୍ଷିଣ ଭାରତୀୟ ମନ୍ଦିର ନିର୍ମାଣ ଶୈଳୀରେ କରାଯାଉଥିବା ଜଣାପଡ଼େ।

ଏହିମନ୍ଦିର ଓ ବୁଢୀ ମାଁ ଠାକୁରାଣୀଙ୍କୁ ନେଇ ବହୁ ରୋଚକ ଖବର ଶୁଣିବାକୁ ମିଳେ। ମାଆ ଙ୍କ ସୁବର୍ଣ୍ଣପୁରରେ ଆବିର୍ଭାବ ବେସି ସମୟର ନୁହେଁ।

ମାତ୍ର ୧୦୦ ରୁ୧୨୦ ବର୍ଷ ଭିତରେ ହେବ।ଏହି ସମୟ ମଧ୍ୟରେ ମାଆ ତାଙ୍କ ଆସ୍ଥାନ ଚତୁର୍ଥ ଥର ସକାଶେ ପରିବର୍ତ୍ତନ କରୁଥିବା ଜଣା ଯାଉଅଛି।

ଏହିଭଳିଆ କଣ ପାଇଁ କାହିଁକି ,ଏ ବିଷୟରେ ଯାହାକହନ୍ତି ପଡ଼ା ବାସୀ ବା ଢେରା ସମ୍ପ୍ରଦାୟର ଲୋକମାନେ : ମାଆ ତାଙ୍କ ସହିତ ଅଙ୍ଗା ଅଙ୍ଗୀ ଭାବରେ ସବୁବେଳେ ସାଥିରେ ରହିଥିବା ମନେ ହେଉଥାଏ। ମାଆ ଅନେକ ସମୟରେ ବିଭିନ୍ନ ଢେରା ସମ୍ପ୍ରଦାୟର ନାରୀ ମାନଙ୍କ ଠାରେ ପ୍ରକଟ ହୋଇଥାନ୍ତି। ଏହି ସମୟରେ ମାଆଙ୍କୁ ନିଜର ସୁବିଧା ଅସୁବିଧା ବିଷୟରେ ଗୁହାରୀ କଲେ ମାଆ ଯାହା କହନ୍ତି। ତାହାମଧ୍ୟ ଫଳପ୍ରଦ ରହିଥାଏ।

ମାଆ ଙ୍କ ଆଶିଷ ଲାଭ କରି ତେଲୁଗୁ ବା ଢେରା ସମ୍ପ୍ରଦାୟର ଲୋକମାନଙ୍କ ଢେର ଉନ୍ନତି ପରିଲକ୍ଷିତ ହୋଇଥିବା ସେମାନେ କହିଥାନ୍ତି। ସେମାନଙ୍କ କହିବା ମୁତାବକ ପ୍ରଥମେ ଯେତେବେଳେ ଆମର ବାପା ଅଜା ସୁବର୍ଣ୍ଣପୁର ଗଡ଼ଜାତ ଅଞ୍ଚଳ କୁ ଆସିଥିଲେ ସେତେବେଳେ ନଡା ଛପର ଘର କରି ରହୁଥିଲେ । ଏବେ ମାଆ ଙ୍କ ଆଶିଷ ଲାଭ ଫଳରେ ଆମ ମାନଙ୍କ ଢେର ଉନ୍ନତି ହୋଇଛି।ତାପରେ ପରେ ଯେତେବେଳେ ଜନସାଧାରଣଙ୍କଜୀବନ ଶୈଳୀରେ ପରିବର୍ତ୍ତନ ହୋଇଥାଏ।ସେତେବେଳେ ମାଆ ମଧ୍ୟ ତାଙ୍କର ଭକ୍ତ ମାନଙ୍କ ପାଖରେ ଅଳି କରିଥାନ୍ତି।ତାଙ୍କର ମଧ୍ୟ ନିବାସ ତଥା ତାଙ୍କର ଆସ୍ଥାନ ବିଷୟରେ ଚିନ୍ତା କରିବା ପାଇଁ। ଭକ୍ତମାନେ ମାଆଙ୍କନିର୍ଦ୍ଦେଶ ଓ ଅଳିକୁ ସମ୍ମାନରସହ ନିଭାଉଥିବା ମନେହୁଏ।

ଏହିପୀଠରେ ପ୍ରତ୍ୟହ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥାଏ।ତା ମଧ୍ୟରେ ସାନ୍ଧ୍ୟ ସମୟରେ ଅନୁଷ୍ଠିତ ମଙ୍ଗଳ ଆଳତୀ ର ବିଶେଷ ବିଶେଷତ୍ୱ ରହିଥାଏ। ପ୍ରତ୍ୟେକ ମଙ୍ଗଳବାର ସାନ୍ଧ୍ୟ ସମୟ ର ମଙ୍ଗଳ ଆଳତୀ ଘଣ୍ଟ ଶଙ୍ଖ ଧ୍ୱନୀରେ ପ୍ରକମ୍ପିତ ହୋଇଏକ ନିଆରାଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ।ଏହାକୁ ଦେଖିବା ପାଇଁ ସହସହ ଭକ୍ତଙ୍କ ସମାଗମହୋଇଥାଏ।

ତାପରେ ପରେ ଭକ୍ତଙ୍କ ଦ୍ୱାରା କାଠି ଖେଳ ଅନୁଷ୍ଠିତ ହୋଇଥାଏ।ଏହା ବେଶ ଆକର୍ଷଣୀୟ ଓ ମାଆଙ୍କ ପାଖରେ ଏହା ଢେରା ବା ତେଲୁଗୁ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଙ୍କ ଦ୍ୱାରା କରାଯାଇଥାଏ। ମାଆଙ୍କ ପାଖରେ ଆଶିଷ ଭିକ୍ଷା ଓ ପ୍ରାର୍ଥନା ସକାଶେ କାଠିପକା କାର୍ଯ୍ୟ କରିବା ଦ୍ୱାରା ମା ସନ୍ତୁଷ୍ଟି ଲାଭପାଇଥାନ୍ତି ବୋଲି ବିଶ୍ୱାସରହିଛି।

ମାଆଙ୍କପୀଠରେମୁଖ୍ୟ ପର୍ବପର୍ବାଣୀ :

ମାଆଙ୍କପୀଠରେ ଦୁଇବର୍ଷଅନ୍ତରରେ ଥରେ ଏକଯାତ୍ରା ଅନୁଷ୍ଠିତହୋଇଥାଏ।ତାହା ହରଗୌରୀ ଯାତ୍ରା ଭାବରେ ଅଞ୍ଚଳରେ ବିଖ୍ୟାତ ଲାଭକରିଛି।ଏହା ଆଶ୍ୱିନ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ କାର୍ତ୍ତିକ ମାସର ଦଶମୀ ପର୍ଯ୍ୟନ୍ତ ଦଶଦିନ ଧରି ମହା ଆଡମ୍ବରରେ ପାଳନ କରାଯାଇଥାଏ।

ମାଆଙ୍କପୀଠକୁ କେମିତି ଆସିବେ ଓ କେବେ ଆସିବେ:

ଉକ୍ତଦୈବୀପୀଠକୁ ବର୍ଷରସବୁସମୟରେ ଆସିହେବ। ଏହା ସୁବର୍ଣ୍ଣପୁରଜିଲ୍ଲାର ସଦରମହକୁମା ରେ ରହିଅଛି। ଏହା ରାଜ୍ୟର



ରାଜଧାନୀ ଭୁବନେଶ୍ୱର ଠାରୁ ୫୭ ନମ୍ବର ଜାତୀୟସଡ଼କ ପଥରେ ମାତ୍ର ୨୮୦ କିଲୋମିଟର। ବଲାଙ୍ଗିର ଠାରୁ ମାତ୍ର ୫୦କିଲୋମିଟର।ସମ୍ବଲପୁର ଠାରୁ ମାତ୍ର ୮୦କିଲୋମିଟର। ନିକଟତମ ରେଳପଥ ବଲାଙ୍ଗିର।ନିକଟତମ ବିମାନପଥ ଝାରସୁଗୁଡ଼ା।

ରହିବା ସକାଶେ ଯାତ୍ରୀନିବାସ ,ପାନ୍ଥ ନିବାସ,ଧର୍ମଶାଳା ଓ ହୋଟେଲ ଉପଲବ୍ଧ ଅଟେ।

***ସୋନପୁର***
***ଦୂରଭାଷ: ୮୧୪୪୮ ୭୦୭୨୯***





# ନରସିଂହପୁର ସାମ୍ବାଦିକଙ୍କ ପକ୍ଷରୁ ଅରିନ୍ଦମଙ୍କୁ ଶ୍ରଦ୍ଧାଞ୍ଜଳି

**ନରସିଂହପୁର :** ମୁଣ୍ଡଳୀ ଠାରେ ଏକ ଦନ୍ତା ହାତୀକୁ ଉଦ୍ଧାର କରିବାକୁ ଯାଇ ଜୀବନ ଯୁଦ୍ଧରେ ହାରିଯାଇଥିବା ସାମ୍ବାଦିକ ଅରିନ୍ଦମ ଦାସଙ୍କ ଅକାଳ ବିୟୋଗ ପରେ ନରସିଂହପୁର ସ୍ଥିତ ତଳ ଡାକ ବଙ୍ଗଳା ଠାରେ ସାମ୍ବାଦିକଙ୍କ ଦ୍ୱାରା ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜିତ ହୋଇଥିଲା। ଉକ୍ତ ଶ୍ରଦ୍ଧାଞ୍ଜଳୀ ସଭାରେ ବରିଷ୍ଠ ସାମ୍ବାଦିକ ଶାନ୍ତନୁ କୁମାର ଗାଆଣ ଅଧକ୍ଷତା କରିଥିଲେ। ଏଥିରେ ବରିଷ୍ଠ ସାମ୍ବାଦିକ ମାନେ ଯୋଗ ଦେଇ କହିଛନ୍ତି ଯେ ଓଡିଶା ଗଣମାଧ୍ୟମ ଇତିହାସରେ ଏହି ଦିନଟି ଲିପିବଦ୍ଧ ହୋଇ



ରହିଯିବ ବୋଲି କହିଲେ ଅତୃକ୍ତି ହେବନାହିଁ। କାରଣ ଜଣେ ଦକ୍ଷ ଓ ଯୁବ ସାମ୍ବାଦିକ ଦୁଃସାହସିକ ଭାବେ ଅରିନ୍ଦମ ନିଜ କର୍ମ କ୍ଷେତ୍ରରେ କାର୍ଯ୍ୟରତ ଥିବା ବେଳେ ସହିଦ ହେଇଛନ୍ତି। ଅରିନ୍ଦମଙ୍କ ସାହସିକତା, ନିର୍ଭୀକ ସାମ୍ବାଦିକତା ସହ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ, କ୍ରାଇମ୍ ରିପୋଟିଂ କରି ଅନୁଷ୍ଠାନରେ ବେଶ ସୁନାମ ଅର୍ଜନ କରି ପାରିଛନ୍ତି ବୋଲି ସ୍ମୃତିଚାରଣ କରିଥିଲେ। ପରେ ଅମର ଆତ୍ମାର ସଦଗତି କାମନା ନିମନ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଆଜିର ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ରାଉତ, ଭୁପେନ କୁମାର ଦାସ, ବିପିନ ବିହାରୀ ପଣ୍ଡା, ରଘୁନାଥ ସ୍ୱାଇଁ, ଅଜୟ କୁମାର ପଣ୍ଡା, ସୁବାସ ନାୟକ, ଗଣେଷ ସାହୁ, ବିନୋଦ ସାହୁ, ରମେଶ ଚନ୍ଦ୍ର ପାଢ଼ୀ, ଅଞ୍ଜନ କୁମାର ବେହେରା, ବିଧେୟ କୁମାର ଶତପଥି, ଶୁସାନ୍ତ କୁମାର ବାଇ,ମେଘନାଥ ପାତ୍ର, ଶିବ ସୁନ୍ଦର ଦାସ ପ୍ରମୁଖ ଉପସ୍ଥିତି ରହି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ।

# ଜଗତସିଂହପୁର ଜିଲ୍ଲାରେ ଦୁର୍ଗାପୂଜା ପାଳନ ପାଇଁ ମାର୍ଗଦର୍ଶିକା ଜାରି

**ଜଗତସିଂହପୁର :** ଚଳିତ ବର୍ଷ ଜଗତସିଂହପୁର ଜିଲ୍ଲାରେ ଦୁର୍ଗାପୂଜା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଚଳିତ ବର୍ଷ ଦୁର୍ଗାପୂଜା ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ରାଜ୍ୟ ସରକାରଙ୍କର କୋଭିଡ୍ ମାର୍ଗ ଦର୍ଶିକା ଅନୁଯାୟୀ ପାଳନ କରିବା ପାଇଁ ସମସ୍ତ ମେଢ଼ କମିଟିକୁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ପୂଜା ମଣ୍ଡପ,ପେଣ୍ଡାଲରେ ପୂଜା ଆୟୋଜନ ନିମନ୍ତେ ପୂଜା କମିଟି ଓ ଆୟୋଜକ ମାନେ ଉପ-ଜିଲ୍ଲାପାଳଙ୍କ ଠାରୁ ଅନୁମତି ନେବାର ବ୍ୟବସ୍ଥା କରାଯାଇଛି। ମୂର୍ତ୍ତିର ଉଚ୍ଚତା ୪ ଫୁଟରୁ କମ୍ ରହିଥିବା ବେଳେ ପୂଜା ସ୍ଥଳୀର ତିନିପାଖ ବନ୍ଦ ରହିବା ସହିତ ଆଗପଟ ପରଦା ଦ୍ୱାରା ବନ୍ଦ ରହିବ, ଯେପରି ସର୍ବ ସାଧାରଣ ଦର୍ଶନ କରି ପାରିବେ ନାହିଁ। ପୂଜା ମଣ୍ଡପରେ ପୁରୋହିତ,ଆୟୋଜକ ଏବଂ ସହାୟକଙ୍କୁ ମିଶାଇ ୭ ଜଣରୁ ଉର୍ଦ୍ଧ ବ୍ୟକ୍ତି ଉପସ୍ଥିତ ରହି ପାରିବେ ନାହିଁ। ଯେଉଁମାନେ ପୂଜା ମଣ୍ଡପରେ ଉପସ୍ଥିତ ରହିବେ,ସେମାନେ କୋଭିଡ୍-୧୯ ନିୟମ ପାଳନ କରିବା ସହିତ ମାସ୍କ ବ୍ୟବହାର,ସାମାଜିକ ଦୂରତ୍ୱ ବଜାୟ ରଖିବା,ବ୍ୟକ୍ତିଗତ ସ୍ୱଚ୍ଛତା ବାଧ୍ୟତାମୂଳକ ଭାବେ ପାଳନ କରିବେ। କୌଣସି ପୂଜା ମଣ୍ଡପରେ ଡାକବାଜି ଯନ୍ତ୍ର ବ୍ୟବହାର କରାଯିବ ନାହିଁ କି ପ୍ରତିମୂର୍ତ୍ତି ବିସର୍ଜନ ସମୟରେ କୌଣସି ପ୍ରକାର ଶୋଭାଯାତ୍ରା କରାଯିବ ନାହିଁ । ପୂଜା ମଣ୍ଡପ ମାନଙ୍କରେ କୌଣସି ମ୍ୟୁଜିକାଲ କାର୍ଯ୍ୟକ୍ରମ ବା ଆମୋଦ ପ୍ରମୋଦ କାର୍ଯ୍ୟକ୍ରମ କରାଯିବ ନାହିଁ ।ଅକ୍ଟୋବର ୧୬ ତାରିଖ ଶନିବାର ଦିନ ୧୨ଟାରୁ ଅପରାହ୍ନ ୪ଟା ମଧ୍ୟରେ ସମସ୍ତ ପୂଜା କମିଟି ସହର ମଧ୍ୟରେ ହୋଇଥିବା ୪ ଗୋଟି ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ମୂର୍ତ୍ତି ବିସର୍ଜନ ନିମନ୍ତେ ଗାଲୁପଡା,ପୁରୋହିତପୁର ଏବଂ କଲେଜ ଛକଠାରୁ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଇଥିବା ରାସ୍ତା କଡରେ ଅସ୍ଥାୟୀ ପୋଖରୀ ଖନନ କରାଯିବାର ବ୍ୟବସ୍ଥା କରାଯାଇଛି । ଦୁର୍ଗାପୂଜା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବ୍ୟବସ୍ଥା କରିବେ। ଶେଷରେ ଅବଶରପ୍ରାପ୍ତ ପୂର୍ବତନ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପୀତାମ୍ବର ସ୍ୱାଇଁଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ,ଚିନ୍ମୟୀ ବିଶ୍ୱାଳ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମେଶ କୁମାର ପଣ୍ଡା,ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି,ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ୍ ଓ ଶାନ୍ତି କମିଟିର ସଦସ୍ୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ କାମିନୀ ରଂଜନ ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷକଙ୍କ ଭାରତ ବନ୍ଦ ଶାନ୍ତିପୂର୍ଣ୍ଣ




**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲାର ୮ଗୋଟି ବ୍ଲକ ଓ ୨ଗୋଟି ପୌରପାଳିକା ଅଂଚଳରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କରାଯାଇଥିବା ଭାରତ ବନ୍ଦ ଆନ୍ଦୋଳନ ଖୁବ ଶାନ୍ତି ଶୃଙ୍ଖଳା ସହିତ ଶେଷ ହୋଇଥିଲା। ଭାରତ ଟ୍ରେଡ ଉନ୍ନୟନ, ଓଡିଶା କୃଷକ ସଭା ଓ ଓଡିଶା କ୍ଷେତ ମଜଦୁର ପକ୍ଷରୁ ଆନ୍ଦୋଳନ କାରୀମାନେ ସକାଳ ୧୦ଘଟିକା ସମୟରେ ବିଭିନ୍ନ ବ୍ଲକର ଭିନ୍ନ ଭିନ୍ନ ସ୍ଥାନରେ ରାସ୍ତାକୁ ଆସି ନାରାବାଜି ଦେବା ସହିତ ପଦଯାତ୍ରା ବି କରିଥିଲେ। ଏହି ଭାରତ ବନ୍ଦ ଆନ୍ଦୋଳନରେ କଂଗ୍ରେସ ଦଳ ଓ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବି ସମର୍ଥନ କରାଯାଇଥିଲା। ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର ବି ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଏପରିକି ସମସ୍ତ ରାସ୍ତା ଘାଟ ମାନଙ୍କରେ ସମସ୍ତ ରାସ୍ତାଘାଟ ମାନଙ୍କରେ ବାଇକ ଠାରୁ ଆରମ୍ଭ କରି ୪ଚକିଆଗାଡି ବି ଯାତାୟତ କରିଥିଲା। ସବୁଠାରୁ ଖୁସିର ଖବର ଦେଖିବାକୁ ମିଳିଥିଲା ଯେ ଆନ୍ଦୋଳନ କାରିମାନେ ଖୁବ ଶାନ୍ତି ଶୃଙ୍ଖଳା ର ସହିତ ନିରାଡମ୍ବର ଭାବେ ଆନ୍ଦୋଳନ କରିଥିଲେ। ଏପରିକି କୌଣସି ସ୍ଥାନରେ ଗଣ୍ଡଗୋଳର ଆଶଙ୍କା ସୃଷ୍ଟି ହୋଇନଥିଲା। ଜିଲ୍ଲାର ପ୍ରତି ସରକାରୀ କାର୍ଯ୍ୟାଳୟ ମାନଙ୍କରେ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷାର ବ୍ୟବସ୍ଥା କରାଯାଇଥିଲା। ଆନ୍ଦୋଳନରତ ସମସ୍ତ କୃଷକ ଭାଇ ଓ ମହିଳାମାନେ ବାତ୍ୟା, ବନ୍ୟା, ମରୁଡି ଓ ସମସ୍ତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷୟକ୍ଷତି ସମ୍ପୂର୍ଣ୍ଣ ଭାବେ ପ୍ରକୃତ କୃଷକ ମାନଙ୍କୁ ପ୍ରଦାନ କରାଯାଉ, କୃଷକ ମାନଙ୍କ ପାଇଁ ରିହାତି ମୂଲ୍ୟରେ ବିଦ୍ୟୁତ ଯୋଗାଇଦେବା, ମନରେଗା ଯୋଜନା ମାଧ୍ୟମରେ ଶ୍ରମିକମାନଙ୍କ ଦୈନିକ ମଜୁରି ବୃଦ୍ଧି କରିବା, ଗରିବ କୃଷକ ମାନଙ୍କ ପୁଅ ବା ଝିଅ ମାନଙ୍କୁ ସରକାରୀ ନିଯୁକ୍ତି କରିବା ଓ ଗଣତାନ୍ତ୍ରିକ, ସାମାଜିକ ଏବଂ ମାନବିକ ଅଧିକାର ପାଇଁ ସଂଗ୍ରାମ କରୁଥିବା ଚାଷୀମାନଙ୍କୁ ଦେଶ ଦ୍ରୋହ, ଜାତୀୟ ନିରାପତ୍ତା ଆଇନ ବଳରେ ଗିରଫ କରାଯାଇଥିବା ସମସ୍ତ ଚାଷୀମାନଙ୍କୁ ଜେଲରୁ ମୁକୁଳାଇବା ନିମନ୍ତେ ବ୍ୟବସ୍ଥା କରିବାକୁ ଦାବି କରିଥିବା ବେଳେ କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତିକୁ ନେଇ ତୀବ୍ର ସମାଲୋଚନା କରୁଥିବାର ଦେଖିବାକୁ ମିଳିଥିଲା। କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ସମର୍ଥନ ବଳରେ କରାଯାଇଥିବା ଏହି ଆନ୍ଦୋଳନରେ ଶୋଭାଯାତ୍ରା ପରିକ୍ରମା କରିବା ସହିତ ସେମାନଙ୍କର ଦାବି ଲିଫ୍‌ଲେଟ ଜରିଆରେ ବଂଟନ ବି କରୁଥିଲେ।

# ୧୭ ସହରରେ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** '୫ଟି ଅଭିଯାନ' ଅଧୀନରେ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ ମିସନ' ପୁରୀରେ ଆରମ୍ଭ ହୋଇଛି। ଏଥିରେ ଟ୍ୟାପ୍ରୁ ୨୪ ଘଣ୍ଟିଆ ଜଳ ଯୋଗାଣ ହେଉଛି। ଏଭଳି ଏକ ସଫଳତା ହାସଲ କରିବାରେ ପୁରୀ ଦେଶର ପ୍ରଥମ ସହର ହୋଇଥିବା ବେଳେ ଅନ୍ତର୍ଜାତୀୟ ସହର ଲଣ୍ଡନ, ନ୍ୟୁୟର୍କ, ସିଙ୍ଗାପୁର ଓ ଟୋକିଓର ସମକକ୍ଷ ହୋଇପାରିଛି। ଏହି ପଦକ୍ଷେପ ଫଳରେ ପୁରୀରୁ ବାର୍ଷିକ ୪ଶହ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ହ୍ରାସ ପାଇବ। ଏହାକୁ ଆଗାମୀ ଦିନରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ସମେତ ୧୭ଟି ସହରକୁ ସଂପ୍ରସାରଣ କରିବା ଲାଗି ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଦେଶରେ ଆଜି ଅମୃତ ୨.୦ ଓ ଏସ୍ୱିଏମ୍ ୨.୦ର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଦେଶର ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସାମିଲ ହୋଇଥିଲେ। ଭର୍ଚୁଆଲ ମୋଡରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ରାଜ୍ୟର ସହରାଞ୍ଚଳରେ ବାସ କରୁଥିବା ସମସ୍ତ ପରିବାରକୁ ସ୍ୱଚ୍ଛ ଓ ନିରାପଦ ଟ୍ୟାପ୍ ପାଣି ଯୋଗଣ ଓ ଅବର୍ଜନାମୁକ୍ତ ସହର ପାଇଁ ରାଜ୍ୟ ସରକାରଙ୍କ ପ୍ରାଥମିକତା ରହି ଆସିଛି। ରାଜ୍ୟରେ ୨୦୧୫ ମସିହାରେ ଅମୃତ ମିସନ ଆରମ୍ଭ ହେବା ପରେ ରାଜ୍ୟର ୯ଟି ସହରରେ ପାଣି ଯୋଗାଣ ଓ ସେପ୍ଟେଜ୍ ପରିଚାଳନାରେ ବିଶେଷ ଅଗ୍ରଗତି ହୋଇଛି। ଏଥିପାଇଁ ୧୬ ଶହ କୋଟି ଟଙ୍କାର ନିବେଶ କରାଯାଇଛି।

# ନିୟମ ମାନୁନାହାନ୍ତି ଗୋଷ୍ଠୀ ଶିକ୍ଷାଧିକାରୀ

**ଭଦ୍ରକ, (ବିକାଶ କୁମାର ଧଳ) :** ରାଜ୍ୟରେ ୫-ଟି' ନିୟମ କାର୍ଯ୍ୟକାରୀ ହେଉଥିଲା ବେଳେ ଭଦ୍ରକ ଜିଲ୍ଲା ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କିନ୍ତୁ ସରକାରଙ୍କ ନିୟମକୁ ଉଲ୍ଲଘଂନ କରି ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଅଭିଯୋଗ ଅନୁସାରେ ଗୋଷ୍ଠୀ ଶିକ୍ଷାଧିକାରୀ ନିୟମିତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଯେଉଁଥିପାଇଁ ଶିକ୍ଷକ / ଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ଲୋକ ବିଭିନ୍ନ ଅଭିଯୋଗ ନେଇ ଯାଉଥିଲେ ମଧ୍ୟ ଆଳ ଦେଖାଇ ଟୁର୍‌ରେ ଅଛନ୍ତି ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଜଣଙ୍କ କହୁଛନ୍ତି। ସୂଚନା ଅନୁସାରେ ବିଆର୍‌ଟିକୁ କଣ୍ଟିଜେନ୍ସି ବାବଦକୁ ୫୦ ହଜାର ଟଙ୍କା ଆସିଥିଲା କମ୍ପ୍ୟୁଟର କିଣା ହେବା ପାଇଁ। ହେଲେ ଗୋଷ୍ଠୀ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ନ ଜଣାଇ ମନଇଚ୍ଛା କମ୍ପ୍ୟୁଟର କିଣିବା ସହ ମିଛ ଜିଏସ୍‌ଟି ବିଲ୍ ଦେଇଥିବା ଅଭିଯୋଗ ହେଉଛି। କାଁ ଭାଁ ଅଫିସ ଆସୁଥିବା ଏହି ବାବୁ ଜଣଙ୍କ ନିଜ ଅଫିସ ସାମ୍ନାରେ ପାଣି କାଦୁଅ ପଚପଚ ହେଉଥିଲେ ବି ଏହାକୁ ଗୁରୁତ୍ୱ ଦେଉନାହାନ୍ତି। କାର୍ଯ୍ୟ ହେବା ପାଇଁ ଆସିଥିବା ଟଙ୍କା କୁଆଡେ ଯାଉଛି ତାହାର ହିସାବ କାହା ପାଖରେ ନାହିଁ। ଆର୍‌ଟିଆଇରେ ତଥ୍ୟ ମାଗିଲେ ଗୋଷ୍ଠୀ ଶିକ୍ଷାଧିକାରୀ କୌଣସି ତଥ୍ୟ ଦେଉନାହାନ୍ତି। ଜାଲିଆତି କରି ଶିକ୍ଷକ ଚାକିରି ପାଇଥିବା କିଛି ଶିକ୍ଷକଙ୍କୁ ଧରାଯାଇଥିଲେ ବି ଏହାର ତଦନ୍ତ କରି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ ସୁରକ୍ଷା ଦେଉଛନ୍ତି।




ସେହିଭଳି ପଦୋନ୍ନତି, ଜିପିଏଫ୍ ଏବଂ ଅନ୍ୟାନ୍ୟ ଅଭିଯୋଗ ବାବଦରେ ଶିକ୍ଷକ / ଶିକ୍ଷୟିତ୍ରୀମାନେ ବିଇଓଙ୍କୁ ସାକ୍ଷାତ କଲେ ଲାଞ୍ଚ ନଦେଲେ କାର୍ଯ୍ୟ ହେବନାହିଁ ବୋଲି ମଧ୍ୟ କହୁଛନ୍ତି। ଆହୁରି ମଧ୍ୟ ସଙ୍ଗୀନ ଅଭିଯୋଗ ହେଉଛି ଯେ, ଏହି ବିଇଓ ଜଣକ ପୋଷାକ ବଣ୍ଟନ କ୍ଷେତ୍ରରେ ପ୍ରିୟାପ୍ରୀତି ପୋଷଣ କରୁଛନ୍ତି। ପରିଚିତ ଲୋକଙ୍କ ଜରିଆରେ ପୋଷାକ ବଣ୍ଟା ଯାଉଥିଲେ ମଧ୍ୟ ଶିକ୍ଷକମାନେ ଏହାର ଟେର ପାଉନାହାନ୍ତି। ବିଶେଷକରି ଭଦ୍ରକ, ଭଣ୍ଡାରିପୋଖରୀ, ବାସୁଦେବପୁର ଅଞ୍ଚଳରେ ଥିବା ସ୍କୁଲ ଗୁଡିକରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବିଇଓଙ୍କୁ ଯୋଗାଯୋଗ କଲେ ସେ ଏହାର ଉପଯୁକ୍ତ ଉତ୍ତର ନ ଦେଇ ଅତ୍ୟନ୍ତ ଖାମଖିଆଲି ଭାବେ କାମ ଠିକ୍ ଚାଲିଛି ବୋଲି କହୁଛନ୍ତି। ହେଲେ ଏହି ବିଇଓଙ୍କ ବିରୋଧରେ ମାଳମାଳ ଅଭିଯୋଗ ଥିଲେ ବି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସବୁ ସ୍ତରରେ ଦାବି ହେଉଛି।

# ଝାଡ଼ଖଣ୍ଡରେ ଉଚ୍ଛେଦ ହେବନି ଓଡ଼ିଆ ଭାଷା: ନିରଞ୍ଜନ

**ଭୁବନେଶ୍ୱର :** ଝାଡ଼ଖଣ୍ଡରେ ଦ୍ୱିତୀୟ ସରକାରୀ ଭାଷା ଓଡ଼ିଆକୁ ଉଚ୍ଛେଦ ପାଇଁ ଯୋଜନା ଚାଲିଥିବା ନେଇ ଗତ କିଛିଦିନ ଧରି ରାଜନୀତିକ ହଟଚମଟ ଲାଗି ରହିଥିବାବେଳେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଆଜି ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି। ଝାଡ଼ଖଣ୍ଡରେ ଓଡ଼ିଆ ଭାଷାର ଉଚ୍ଛେଦ ହେବନି ବୋଲି ସ୍ପଷ୍ଟ କରିଛନ୍ତି। ଶ୍ରୀ ପଟ୍ଟନାୟକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଝାଡ଼ଖଣ୍ଡରେ ଓଡ଼ିଆ ଭାଷାର ସ୍ଥିତି ସମ୍ପର୍କରେ ସେଠାକାର ବିଭାଗୀୟ ମନ୍ତ୍ରୀଙ୍କ ସହ ସେ ଟେଲିଫୋନରେ ଆଲୋଚନା କରିଛନ୍ତି । ଆଲୋଚନାବେଳେ ଝାଡ଼ଖଣ୍ଡର ବିଭାଗୀୟ ମନ୍ତ୍ରୀ ମଧ୍ୟ ଓଡ଼ିଆ ଭାଷା ଉଚ୍ଛେଦ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଚନ୍ତି। ଝାଡ଼ଖଣ୍ଡରେ ଅନ୍ୟ ଭାଷାର ଉଚ୍ଛେଦ ନେଇ



ଆଲୋଚନା ହେଉଛି, ମାତ୍ର ଓଡ଼ିଆ ଭାଷା ପୂର୍ବବତ୍ ସୁରକ୍ଷିତ ରହିବ। ସେହିପରି ଓଡ଼ିଶା ଗସ୍ତରେ ଥିବା ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବୋଧ କାନ୍ତ ସହାୟଙ୍କ ସହ ଓଡ଼ିଆ ଭାଷା ସଂପର୍କରେ ଶ୍ରୀ ପଟ୍ଟନାୟକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଷଢ଼େଇକଳା ଓ ଖରସୁଆଁ ଝାଡ଼ଖଣ୍ଡ ରାଜ୍ୟରେ ଅବସ୍ଥିତ ଥିଲେ ମଧ୍ୟ ସେଠାକାର ଅଧିବାସୀ ଅଧିକାଂଶ ଓଡ଼ିଆ । ତେଣୁ ଓଡ଼ିଆ ଭାଷାକୁ ଝାଡଖଣ୍ଡରେ ରଖାଯାଉ ବୋଲି ଶ୍ରୀ ପଟ୍ଟନାୟକ ଦାବି କରିଥିଲେ। ଏବେ ଝାଡ଼ଖଣ୍ଡରେ କଂଗ୍ରେସ ସମର୍ଥିତ ମେଣ୍ଟ ସରକାର ରହିଥିବାରୁ ଓଡ଼ିଆ ଭାଷାକୁ ମିଳିଥିବା ମାନ୍ୟତା ପ୍ରତ୍ୟାହାର ଅଭିଯୋଗ ଉପରେ ପ୍ରଦେଶ କଂଗ୍ରେସ ଏହି ସମସ୍ୟାର ସମାଧାନ ପାଇଁ ଆଗକୁ ଆସିଛି । ସୂଚନାଯୋଗ୍ୟ, ଝାଡ଼ଖଣ୍ଡରେ ଓଡ଼ିଆ ଭାଷା ଉଚ୍ଛେଦ ପାଇଁ ଚାଲିଥିବା ପଦକ୍ଷେପକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଅତି ଗମ୍ଭୀରତାର ସହ ନେଇଛନ୍ତି । ଆଜି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ମଧ୍ୟ ଝାଡ଼ଖଣ୍ଡ ସରକାରଙ୍କୁ ଚିଠି ଲେଖିଥିବାବେଳେ ଏହି ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଓଡ଼ିଆ ଭାଷାର ପ୍ରଚାର-ପ୍ରସାର ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

## ବିଶ୍ୱ କଫି ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଉପହାର

# ଇ-କମର୍ସ ସାଇଟ୍ ଲୋକାର୍ପିତ

**କୋରାପୁଟ :** କୋରାପୁଟ କଫି ଚାଷୀଙ୍କ ଉନ୍ନତିପାଇଁ ବିଶ୍ୱ କଫି ଦିବସରେ ମୁଖ୍ୟମନ୍ତ୍ରୀ ଉପହାର। ଭିଡିଓ କନଫରେନ୍ସ ମାଧ୍ୟମରେ ଇ-କମର୍ସ ସାଇଟ୍ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ କୋରାପୁଟକଫି ଡଟ୍ ଓଆରଜି ନାମରେ ଏକ ସାଇଟ୍ ଲୋକାର୍ପିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି କୋରାପୁଟ କଫି ଉଚ୍ଚମାନର ରହିଥିବାରୁ ଉଭୟ ଦେଶ ଭିତରେ ଓ ଦେଶ ବାହାରେ ଏହାର ବ୍ରାଣ୍ଡିଂ କରାଯିବାକୁ ବ୍ୟବସ୍ଥା ହେଉଛି। ଏହି କଫି ଅଭିବୃଦ୍ଧି ଓ ଅଦିବାସୀଙ୍କ ବିକାଶ ସାଧାନ ହୋଇପାରିବ। ଦୁଇ ବର୍ଷରେ କୋରାପୁଟ କଫି ନିଜେ ନିଜର ସ୍ୱାତନ୍ତ୍ର ସ୍ଥାନ ରହିଛି। କୋରାପୁଟ କଫିର ବିକାଶ ଓ ଆଦିବାସୀଙ୍କ ଜୀବନଧାରଣର ମାନ ବୃଦ୍ଧି କରିବାକୁ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଟିଡିସିସିଓଏଲ ପକ୍ଷରୁ କଫି ବିକାଶ ଟ୍ରଷ୍ଟ ପକ୍ଷରୁ କୋରାପୁଟ ପକ୍ଷରୁ ୩୦୦ ହେକ୍ଟର ଜମିରେ ଚାଷ କରାଯାଉଛି। ଏହି ଅବସରରେ କୋରାପୁଟ ଜିଲ୍ଲାରେ କୋରାପୁଟ କେଫେ ଓ ପୁରୀରେ ନିଳାଦ୍ରୀ ବିଜେଠାରେ ଆଉଟଲେଟ୍ ଲୋର୍କାପିତ କରାଯାଇଛି।




ଏହି ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଡେଭେପମେଣ୍ଟ କମିଶନର ତଥା ପ୍ରଦୀପ କୁମାର ଜେନା, ଏସସି ଏସଷ୍ଟି ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ଟିଡିସସିଓଏଲର ପରିଚାଳନା ନିର୍ଦ୍ଦେଶକ ମାନସୀ ନିମ୍ଭଲ, କୋରାପୁଟ ଜିଲ୍ଲାପାଳ ଅବଦ୍ଦଲ ଏମ. ଅଖତରଙ୍କ ସହ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଗୋପବନ୍ଧୁ କେନ୍ଦ୍ରାଞ୍ଚଳ ଆରଡିସି, ଭିନସେଣ୍ଟ ଉତ୍ତରାଞ୍ଚଳ ଆରଡିସି



**ଭୁବନେଶ୍ୱର :** ୨୦୦୩ ବ୍ୟାଚ୍ ଆଇଏଏସ୍ ତଥା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀଙ୍କୁ କେନ୍ଦ୍ରାଞ୍ଚଳ ଆରଡିସି ଭାବେ ନିଯୁକ୍ତି ମିଳିଛି। ସେ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଇବେ। ଆଇଏଏସ୍ ଅନୀଲ କୁମାର ସାମଲ ସରକାରୀ ଚାକିରିରୁ ଅବସର ନେବାପରେ ଏହି ପଦ ଖାଲି ପଡ଼ିଥିଲା। ଅବସର ପରେ ଶ୍ରୀ ସାମଲଙ୍କୁ କଟକ ଉନ୍ନୟନ ପ୍ରାଧିକରଣ(ସିଡିଏ) ଅଧ୍ୟକ୍ଷ ଓ କଟକ ମହାନଗର ନିଗମ ପ୍ରଶାସକ ଭାବେ ଥଇଥାନ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଗୋପବନ୍ଧୁ ଶତପଥୀ ନିଜର ଦାୟିତ୍ୱ ସହ କଟକ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ଦାୟିତ୍ୱ ତୁଲାଇବେ। ସେହିପରି ସମ୍ବଲପୁର ଉତ୍ତରାଞ୍ଚଳ ଆରଡିସିଙ୍କ ସଚିବ ଭିନସେଣ୍ଟ ପୁନମ ଏକ୍କାଙ୍କୁ ସମ୍ବଲପୁର ଆରଡିସି ଭାବେ ଦାୟିତ୍ୱରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନୀଲ ସାମଲଙ୍କ ଅବସର ଯୋଗୁ ଉତ୍ତରାଞ୍ଚଳ ଆରଡିସି ପଦବୀ ମଧ୍ୟ ଖାଲି ପଡ଼ିଛି। ଶ୍ରୀ ସାମଲ ଉଭୟ କେନ୍ଦ୍ରାଞ୍ଚଳ ଓ ଉତ୍ତରାଞ୍ଚଳ ଆରଡିସି ଭାବେ କାର୍ଯ୍ୟ କରୁଥିଲେ। ଏହା ବ୍ୟତୀତ ୧୯୯୯ ବ୍ୟାଚ୍ ଭାରତୀୟ ରେଳବାଇ ପର୍ସୋନାଲ ସର୍ଭିସ(ଆଇଆରପିଏସ) ସାଗରିକା ପଟ୍ଟନାୟକଙ୍କୁ ରାଜ୍ୟ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ସେ ୨୦୨୫ ଏପ୍ରିଲ ୨୨ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ସରକାରରୁ ଡେପୁଟେସନରେ ଆସିଛନ୍ତି। ସେ କେନ୍ଦ୍ର ସରକାରଙ୍କ ପର୍ସୋନାଲ ଆଣ୍ଡ ଟ୍ରେନିଂ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ।

# ହକିକୁ ବିରେନ୍ଦ୍ରଙ୍କ ଅଲବିଦା

**ଭୁବନେଶ୍ୱର :** ହକିକୁ ଅଲବିଦା କଲେ ଭାରତୀୟ ପୁରୁଷ ହକି ଟିମର ଷ୍ଟାର ଡିଫେଣ୍ଡର ତଥା ଓଡିଆ ପୁଅ ବିରେନ୍ଦ୍ର ଲାକ୍ରା। ଟ୍ୱିଟ୍ କରି ଏ ନେଇ ସୂଚନା ଦେଇଛି ହକି ଇଣ୍ଡିଆ। ଟୋକିଓ ଅଲିମ୍ପିକ ଟିମର ସଦସ୍ୟ ତଥା ବ୍ରୋଞ୍ଜ ପଦକ ବିଜେତା ବିରେନ୍ଦ୍ର ଲାକ୍ରା ଆଜି ବିଧିବଦ୍ଧ ଭାବେ ଭାରତୀୟ ଜାତୀୟ ହକି ଟିମରୁ ଅବସର ଘୋଷଣା କରିଛନ୍ତି। ଅବସର ନେବା ପରେ ବିରେନ୍ଦ୍ର ଲାକ୍ରା ସାମାଜିକ ଗଣମାଧ୍ୟମରେ ଭାବବିହ୍ୱଳ ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି, 'ଗତ କିଛି ସପ୍ତାହ ହେଲା ଭାରତୀୟ ହକିରେ ମୋର ଯାତ୍ରାକୁ ନେଇ ଅନୁଶୀଳନ କରୁଥିଲି। ଦେଶ ପାଇଁ ପ୍ରତିନିଧିତ୍ୱ କରିବା ମୋତେ ଖୁବ ଆନନ୍ଦ ଦେଇଛି ଯାହାକି ଅନ୍ୟ କୌଣସିଟିରେ ନାହିଁ। ଭାରତୀୟ ଜର୍ସି ପିନ୍ଧିବା ପରେ ନିଜକୁ ଗର୍ବିତ ଲାଗେ। କିନ୍ତୁ ବର୍ତ୍ତମାନ ଏଥିରୁ ଅବସର ନେଇ ପରବର୍ତ୍ତୀ ପିଢି ପାଇଁ ସୁଯୋଗ ଛାଡିବାର ଅଛି। ୨୦୧ କ୍ୟାପ୍ ଏବଂ ୧୧ ବର୍ଷର କ୍ୟାରିୟର ପରେ ଏବେ ଭାରତୀୟ ହକି ଟିମରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଆଗାମୀ ଅଲିମ୍ପିକ ପାଇଁ ମୋର ଟିମମେଟ୍ ମାନେ ଖୁବ ପରିଶ୍ରମ କରି ସଫଳତା ଆଣିଦେବେ ବୋଲି ଆଶା କରୁଛି।' ଲାକ୍ରା କହିଛନ୍ତି, 'ମୁଁ ଅନେକ ସଫଳତା ହାସଲ କରିଛି। ଖାସ କରି ଅଲିମ୍ପିକ ବ୍ରୋଞ୍ଜ ପଦକ ଜିତିବା ସବୁଠାରୁ ଭଲ ଅନୁଭବ ଥିଲା। କିନ୍ତୁ ବର୍ତ୍ତମାନ ଜାତୀୟ ଟିମକୁ ଅଲବିଦା କହିବାର ସମୟ ଆସିଛି ଏବଂ ନୂଆ ପିଢିଙ୍କୁ ଆଗକୁ ବଢିବାର ସମୟ ଆସିଛି। ଖେଳ ମୋତେ ବହୁତ କିଛି ଦେଇଛି ଏବଂ ମୁଁ ମଧ୍ୟ ସେହିଭଳି କ୍ରୀଡାକୁ କିଛି ନା କିଛି ସର୍ବଦା ଦେବାକୁ ଚେଷ୍ଟା କରିବି। ହକି ଇଣ୍ଡିଆ ମୋ କ୍ୟାରିୟର ଗଢିବା ପାଇଁ ଯେଉଁ ଭୂମିକା ଗ୍ରହଣ କରିଛି ତାହା ପ୍ରକୃତରେ




ସ୍ମରଣୀୟ ହୋଇ ରହିବ। ସାଥୀ ଖେଳାଳି ଏବଂ ଟିମ ସଦସ୍ୟଙ୍କ ସମର୍ଥନ ଏବଂ ପ୍ରେରଣା ମୋତେ ସଫଳତା ଦେଇଛି। ଏପରିକି ଯେତେବେଳେ ଆହତ ସମସ୍ୟା ଦେଇ ଗତି କରିବା ସହ ଟିମ ସହିତ ରହିବା ନେଇ ସଂଘର୍ଷ କରୁଥିଲି ସେତେବେଳେ ମୋତେ ଖୁବ ସମର୍ଥନ ମିଳିଥିଲା। ମୁଁ ସମସ୍ତ କୋଚ୍‌ଙ୍କୁ ଧନ୍ୟବାଦ ଜଣାଉଛି। କାରଣ ସେମାନେ ସମସ୍ତେ ମୋତେ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛନ୍ତି ଯାହାକି ସବୁବେଳେ ସ୍ମରଣୀୟ ହୋଇ ରହିବ। ଭାବପୂର୍ଣ୍ଣ ପୋଷ୍ଟରେ ବିରେନ୍ଦ୍ର ଲାକ୍ରା ଲେଖିଛନ୍ତି, 'ପରିବାର ଲୋକେ ଏବଂ ବନ୍ଧୁମାନେ ପ୍ରତ୍ୟେକ କଠିନ ସମୟରେ ମୋତେ ସମର୍ଥନ କରିଛନ୍ତି ଏବଂ ମୁଁ ସେମାନଙ୍କୁ ହୃଦୟରୁ ଧନ୍ୟବାଦ ଦେଉଛି। ଏବେ ଯେହେତୁ ମୁଁ ଏକ ନୂଆ ପଥ ଅନୁସରଣ କରିବାକୁ ଯାଉଥିବାରୁ, ମୋର ପ୍ରଶଂସକ ଏବଂ ଶୁଭେଚ୍ଛୁମାନଙ୍କ ସମର୍ଥନ ଆଶା କରୁଛି। ଆଶା କରୁଛି ମୋତେ ଆପଣମାନଙ୍କ ହୃଦୟରେ ସବୁଦିନ ପାଇଁ ରଖିବେ, ମୁଁ ମଧ୍ୟ ଆପଣମାନଙ୍କୁ ମନେ ରଖିବି। ଧନ୍ୟବାଦ.. ।'

# ଆକାଂକ୍ଷୀ ଜିଲ୍ଲା ତାଲିକା ପ୍ରକାଶ : ଆଗରେ ଗଜପତି


**ଭୁବନେଶ୍ୱର :** ଆକାଂକ୍ଷୀ ଜିଲ୍ଲା ତାଲିକାରେ ଟପ୍ପେ ରହିଛି ଗଜପତି ଜିଲ୍ଲା। ସ୍ୱାସ୍ଥ୍ୟ,ପୋଷଣ, ଶିକ୍ଷା, କୃଷି, ଜଳସଂପଦ,ମୌଳିକ ଭିତ୍ତିଭୂମି, ଦକ୍ଷତା ବିକାଶ କ୍ଷେତ୍ରକୁ ଆକଳନ କରି ଗତ ଅଗଷ୍ଟ ମାସରେ ନିତି ଆୟୋଗଙ୍କ ପକ୍ଷରୁ ଏକ ତାଲିକା ପ୍ରସ୍ତୁତ ହୋଇଥିଲା। ସବୁ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ ପାଇଁ ଗଜପତି ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରିଥିବା କହିଛନ୍ତି ଜିଲ୍ଲାପାଳ। ଏଥିପାଇଁ ଜିଲ୍ଲାକୁ ନୀତି ଆୟୋଗଙ୍କ ପକ୍ଷରୁ ୫କୋଟି ପୁରସ୍କାର ମିଳିବାକୁ ଥିବା ବେଳେ କୃଷିରେ ପ୍ରଥମ ଏବଂ ଜଳସଂପଦ କ୍ଷେତ୍ରରେ ଦ୍ୱିତୀ ସ୍ଥାନ ଅଧିକାର କରିଥିବାରୁ ଅତିରିକ୍ତ ୬ କୋଟି ଟଙ୍କାର ପୁରସ୍କାର ରାଶି ମିଳିବ। ଗତ ୨୦୧୮ ମସିହା ଡିସେମ୍ବର ରେ ଗଜପତି ଜିଲ୍ଲା ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ, ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୨୦୧୯ ମସିହା ଡିସେମ୍ବର ମାସରେ କୃଷି ଓ ଜଳସଂପଦ କ୍ଷେତ୍ରରେ ତୃତୀୟ ଏବଂ ୨୦୨୦ ମସିହା ନଭେମ୍ବର ମାସରେ ମୌଳିକ ଭିତିଭୂମି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା।



PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି